ମିଥ୍ୟା ଖବରର ମୁକାବିଲା ପାଇଁ ଆହ୍ୱାନ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ଗୋବିନ୍ଦା ଅସୁସ୍ଥ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨୯ Vol. 21 No-229 18 NOVEMBER 2024 MONDAY BHUBANESWAR ସୋମବାର, ୧୮ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପ୍ରଧାନମନ୍ତ୍ରୀଙ୍କୁ ଗ୍ରାଣ୍ଡ୍ କମାଣ୍ଡର ଅଫ ଦ ଅର୍ଡର ଅଫ ନାଇଜର ପ୍ରଦାନ

ନୂଆଦିଲ୍ଲୀ, ୧୭।୧୧: ନାଇଜେରିଆ ଫେଡେରାଲ ରିପବ୍ଲିକର ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ ଭାରତ-ନାଇଜେରିଆ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗ୍ରାଣ୍ଡ କମାଣ୍ଡର ଅଫ ଦ ଅର୍ଡର ଅଫ୍ ନାଇଜର ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ପ୍ରଶଂସାପତ୍ରରେ ଉଲ୍ଲେଖ କରାଯାଇଛି ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଏକ ବିଶ୍ୱଶକ୍ତି ଭାବରେ ଅବସ୍ଥାପିତ ହୋଇଛି ଏବଂ ତାଙ୍କ ପରିବର୍ତ୍ତନଶୀଳ ଶାସନ ସମସ୍ତଙ୍କ ପାଇଁ ଏକତା, ଶାନ୍ତି ଏବଂ ଅଂଶୀଦାର ସମୃଦ୍ଧିକୁ ପ୍ରୋତ୍ସାହିତ କରିଛି।

### ଓଡ଼ିଶା ଫେରିଲେ ଡେପୁଟି ନିର୍ବାଚନ କମିଶନର

ଭୁବନେଶ୍ୱର, ୧୭।୧୧ (ଭାସ୍କର ନ୍ୟୁଜ): ୨୦୦୬ ବ୍ୟାଚ୍‌ର କ୍ୟାଡର ଆଇଏଏସ୍ ଅଫିସର ମନୋଜ କୁମାର ସାହୁ, ଯିଏ କି ନୂଆଦିଲ୍ଲୀରେ ଉପନିର୍ବାଚନ କମିଶନର ଭାବେ କାର୍ଯ୍ୟରତ ଥିଲେ ସେ ଇଣ୍ଟର କ୍ୟାଡର ଡେପୁଟେସନରେ ୩ବର୍ଷ ପାଇଁ ଓଡ଼ିଶା ଆସିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ୨୨୭୨ ବୋତଲ କଫ୍ ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୭।୧୧ (ଭାସ୍କର ନ୍ୟୁଜ): ପଶ୍ଚିମବଙ୍ଗର ନମ୍ବର ବିହୀନ ଏକ ଭ୍ୟାନ୍‌ରେ ୨୨୭୨ ବୋତଲ କଫ୍ ସିରପ୍ ଚାଲାଣ କରାଯାଉଥିବାବେଳେ ସମ୍ବଲପୁର ସଦରଥାନା ପୋଲିସ ଏହାକୁ ଜବତ କରିବା ସହ ୨୦ଜଣଙ୍କୁ ଗିରଫ କରିଛି।

ସେନ୍‌ସେକ୍ସ: ୭୭,୫୮୦.୩୧
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୧୮.୩ ଡିଗ୍ରୀ

**୧୭।୧୧।୨୦୨୪ର ମତାମତ**

ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଲେ ଶୃଙ୍ଖଳିତ ଦର୍ଶନ ସମ୍ଭବ କି?




**ଆଜିର ପ୍ରସଙ୍ଗ**

ନିୟମ କଡ଼ାକଡ଼ି ହେଲେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଠିକ୍ ଭାବେ ଚାଲିବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ

ଛାଡଖାଇ ଗଲା ସରିଲା ଭିଡ
ଆଇଁଷ ଉପରେ ହୋଇଲା ମାଡ ।
ଚିଙ୍ଗୁଡି, ଚିକେନ, ରୋହୀ, ଭାକୁଡ
ବାଦ ପଡିଲାନି କଙ୍କଡା ଗୋଡ ।
ଖାସିକୁ ଛାଡ,
ବାଂଝ, ମାଛେଛେଳି, ମେଣ୍ଢା, ବୁଢୀଛେଳି
ଗିଳିଗଲେ ଲୋକେ ମାଉଁସ, ହାଡ ।

## ସିଙ୍ଗାପୁରରେ ପ୍ରମୁଖ ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ପୁଞ୍ଜିନିବେଶ ପାଇଁ ଓଡ଼ିଶା ସର୍ବୋତ୍କୃଷ୍ଟ

- ପ୍ରଥମ ଦିନରେ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରିବା ପ୍ରୟାସ
- ଓଡ଼ିଶାର ବ୍ୟବସାୟିକ ସୁଯୋଗ ଅନୁସନ୍ଧାନ ପାଇଁ ଆମନ୍ତ୍ରଣ
- ନିବେଶକାରୀଙ୍କୁ ସମସ୍ତ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି

ସିଙ୍ଗାପୁର/ଭୁବନେଶ୍ୱର, ୧୭।୧୧ (ବ୍ୟୁରୋ): ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ହେଉଛି ସର୍ବୋତ୍କୃଷ୍ଟ। ପ୍ରମୁଖ ନିବେଶକାରୀମାନେ ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କଲେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଙ୍ଗାପୁର ଗସ୍ତର ପ୍ରଥମ ଦିନରେ ସର୍ବପ୍ରଥମେ ସିଙ୍ଗାପୁରରେ ଭାରତୀୟ ଉଚ୍ଚାୟୁକ୍ତ ଡକ୍ଟର ଶିଳ୍ପକ ଆମ୍ବୁଲେ ଭାରତ-ସିଙ୍ଗାପୁର ବାଣିଜ୍ୟ ସଂପର୍କରେ ସୂଚନା ଦେଇଥିଲେ। ଉଚ୍ଚାୟୁକ୍ତ ପ୍ରତିନିଧି ଦଳକୁ ଭାରତ ଓ ସିଙ୍ଗାପୁର ମଧ୍ୟରେ ସାମ୍ପ୍ରତିକ ବ୍ୟାପାର ଓ ବାଣିଜ୍ୟ ସମ୍ବନ୍ଧୀୟ ଉନ୍ନତି ସଂପର୍କରେ ଅବଗତ କରାଇଥିଲେ। ସେ ଓଡ଼ିଶା ଭଳି ଭାରତୀୟ ରାଜ୍ୟଗୁଡ଼ିକର ଭୂମିକାକୁ ଉଲ୍ଲେଖ କରି ରସାୟନ ଓ ପେଟ୍ରୋ କେମିକାଲ୍ସ, ପୁନଃନବୀକରଣୀୟ ଉର୍ଜା, ହରିତ ଇନ୍ଧନ ଓ ଦକ୍ଷତା ବିକାଶଭଳି କ୍ଷେତ୍ରରେ ଦୁଇଦେଶର ଦ୍ୱିପାକ୍ଷିକ ସଂପର୍କ ମଜବୁତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଉଚ୍ଚାୟୁକ୍ତଙ୍କ ସୂଚନା ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନେକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବୈଠକ ସିଟି ମେଟ୍ରିକ୍ସର ପ୍ରତିଷ୍ଠାତା ଡକ୍ଟର ଏଡୱାର୍ଡ ମର୍ଟନଙ୍କ ସହ ହୋଇଥିଲା। ତାଙ୍କ ସହ ସେମିକଣ୍ଡକ୍ଟର, ମେଡ଼ିକାଲ ଉପକରଣ ଉତ୍ପାଦନ ଏବଂ ସ୍ମାର୍ଟସିଟି ସମାଧାନର ଉନ୍ନତି ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାରେ ଏକ ଦୃଢ ଇଲେକ୍ଟ୍ରୋନିକ୍ସ ପରିବେଶ ସୃଷ୍ଟି ● ପୃଷ୍ଠା ୫ ଦେଖନ୍ତୁ

## ଉଗ୍ରରୂପ ନେଉଛି ମଣିପୁର ସ୍ଥିତି

# ଜାଳିଦେଲେ ମୁଖ୍ୟମନ୍ତ୍ରୀଙ୍କ ଜ୍ୱାଇଁଙ୍କ ଘର

- ୯ ନେତାଙ୍କ ଘର ଉପରେ ହମଲା
- ୨୪ଘଣ୍ଟା ସମୟ ଦେଲା ମୈତେୟୀ ସମ୍ପ୍ରଦାୟ
- ପୋଲିସର ଫାଙ୍କା ଗୁଳିଚାଳନା
- ସରକାରରୁ ସମର୍ଥନ ପ୍ରତ୍ୟାହାର କଲା ଏନ୍‌ପିପି
- ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ, ୧୭।୧୧: ମଣିପୁରରେ ପୁଣି ଉଗ୍ର ହେବାରେ ଲାଗିଛି ହିଂସା। ବ୍ୟାପକ ପୋଡ଼ାଜଳା ସହ ଭଙ୍ଗାରୁଜା କରୁଛନ୍ତି ବିକ୍ଷୋଭକାରୀ। ବିଭିନ୍ନ ନେତାଙ୍କ ଘର ଉପରେ କରାଯାଉଛି ଆକ୍ରମଣ। ଗୋଟିଏ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟକୁ ହତ୍ୟା କରୁଥିବାବେଳେ ଉଗ୍ରବାଦୀମାନେ ନେତା, ମନ୍ତ୍ରୀଙ୍କୁ ମଧ୍ୟ ଆକ୍ରମଣ କରୁଛନ୍ତି। ଜିବିରାମ ଜିଲ୍ଲାର ଏକ ନଦୀରୁ ୬ଜଣ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହେବା ପରେ ରାଜ୍ୟର ସ୍ଥିତି ଏବେ ଜଟିଳ ହୋଇପଡ଼ିଛି । ବିକ୍ଷୋଭକାରୀମାନେ ରାଜ୍ୟର ୩ ମନ୍ତ୍ରୀ ଓ ୬ ବିଧାୟକଙ୍କ ଘର ଉପରେ ଆକ୍ରମଣ କରିଛନ୍ତି। ପରିସ୍ଥିତି ଉଗ୍ରରୂପ ନେଉଥିବାରୁ ୫ଟି ଜିଲ୍ଲାରେ କର୍ଫ୍ୟୁ ଜାରି କରାଯାଇଛି। କେତେକ ଅଞ୍ଚଳରେ ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂଙ୍କ ଜ୍ୱାଇଁଙ୍କ ଘର ବି ବାଦ୍ ପଡ଼ିନାହିଁ। ବିକ୍ଷୋଭକାରୀମାନେ ତାଙ୍କ ଘର ଜାଳି ଦେଇଛନ୍ତି। ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ସହ ଫାଙ୍କା ଗୁଳିଚାଳନା କରିଛି। ଅନ୍ୟପକ୍ଷରେ ମୈତେୟୀ ସମ୍ପ୍ରଦାୟର ମୁଖପାତ୍ର ରାଜ୍ୟ ସରକାରଙ୍କୁ ଏଥିପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସମସ୍ତ ସଶସ୍ତ୍ର ଗୋଷ୍ଠୀ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି ଜଣାଇଛନ୍ତି। ରାଜ୍ୟ ସରକାର ମଣିପୁରର ନାଗରିକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସେମାନଙ୍କୁ ଲୋକଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିବ ବୋଲି ଚେତାଇ ଦେଇଛନ୍ତି। ଯେଉଁ ମନ୍ତ୍ରୀଙ୍କ ଘର ଉପରକୁ ଆକ୍ରମଣ କରାଯାଇଛି ସେମାନେ ହେଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ନଗରଉନ୍ନୟନ ମନ୍ତ୍ରୀ ଓ ଅନ୍ୟ କେତେଜଣ ମନ୍ତ୍ରୀ ସାମିଲ ରହିଛନ୍ତି। ନିଖୋଜ ବ୍ୟକ୍ତିଙ୍କ ମୃତଦେହଗୁଡ଼ିକ ମଧ୍ୟରେ ଜଣେ ମହିଳା ଓ ଦୁଇ ଶିଶୁଙ୍କ ମୃତଦେହ ରହିଛି। ସେଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଆସାମର ସିଲଚର୍ ମେଡ଼ିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ● ପୃଷ୍ଠା ୫ ଦେଖନ୍ତୁ

## ଦେଶର ଶ୍ରେଷ୍ଠ ଥାନା ଓଡ଼ିଶାର ପାଟପୁର

# ପୁରସ୍କୃତ କରିବେ କେନ୍ଦ୍ର ଗୃହମନ୍ତ୍ରୀ

ଭୁବନେଶ୍ୱର, ୧୭।୧୧ (ଭାସ୍କର ନ୍ୟୁଜ): ପୁଣିଥରେ ଓଡ଼ିଶାର ଥାନାକୁ ମିଳିଛି ଦେଶର ଶ୍ରେଷ୍ଠ ଥାନା ପୁରସ୍କାର। ୨୦୨୪ ପାଇଁ ଦେଶର ତିନୋଟି ସର୍ବୋତ୍ତମ ଥାନା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଚୟନ କରାଯାଇଛି। ଏହି ତିନୋଟି ଶ୍ରେଷ୍ଠ ଥାନା ମଧ୍ୟରେ ସ୍ଥାନ ପାଇଛି ଗଞ୍ଜାମ ଜିଲ୍ଲାର ପାଟପୁର ଥାନା। ଆସନ୍ତା ୨୯ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପାଟପୁର ଥାନା ଅଧିକାରୀଙ୍କୁ ଟ୍ରଫି ସହ ସମ୍ବର୍ଦ୍ଧିତ କରିବେ। ଏମଏଚ୍‌ଏ ଇଣ୍ଟେଲିଜେନ୍ସ ବ୍ୟୁରୋର ଯୁଗ୍ମ ନିର୍ଦ୍ଦେଶକ ତଥା ସମ୍ମିଳନୀ ସଚିବ ସମୀର ଏସ୍, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି.ଖୁରାନିଆଙ୍କୁ ଚିଠି ଲେଖି ପାଟପୁର ଥାନା ଶ୍ରେଷ୍ଠ ଥାନା ଭାବେ ମନୋନୀତ ହୋଇଥିବା ସୂଚନା ଦେଇଛନ୍ତି। ଏ ନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, କର୍ମଚାରୀଙ୍କ ଦଳଗତ କାର୍ଯ୍ୟ ଫଳରେ ଏହା ସମ୍ଭବ ହୋଇପାରିଛି। ସାରା ଦେଶରେ ଶ୍ରେଷ୍ଠ ଥାନା ମନୋନୀତ କରିବା ତଥା ସେଗୁଡ଼ିକୁ ପୁରସ୍କୃତ କରିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ କାର୍ଯ୍ୟକ୍ରମ। ସାରା ଦେଶରେ ଥିବା ଥାନାଗୁଡ଼ିକର ମାନ୍ୟତା ସ୍ଥିର କରିବା ପାଇଁ ପ୍ରାୟ ୧୫୦ରୁ ଅଧିକ ପାରାମିଟରକୁ ଆଧାର କରାଯାଇଥାଏ। ଅପରାଧ ହାର, ମାମଲାର ତଦନ୍ତ, ମାମଲା ଦଫାରଫା, ଭିତ୍ତିଭୂମି ଓ ଜନସେବା ପରି ୧୫୦ରୁ ଅଧିକ ବିଭିନ୍ନ ପାରାମିଟର ଆଧାରରେ ଶ୍ରେଷ୍ଠ ଥାନା ମନୋନୀତ କରାଯାଇଥାଏ। ପାଟପୁର ଥାନାର ବିଭିନ୍ନ ମାନଦଣ୍ଡ ଆକଳନ କରିବା ପାଇଁ ଗୃହ ମନ୍ତ୍ରଣାଳୟର ଏକ ଟିମ୍ ଗତ ସେପ୍ଟେମ୍ବର ୨୮ ତାରିଖରେ ଏହି ଥାନା ପରିଦର୍ଶନ କରିଥିଲେ। ଏହି ସମୟରେ ଥାନାର ମୌଳିକ ସୁବିଧା ମଧ୍ୟ ଆକଳନ କରିଥିଲେ। ଏସଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି ଯେ ଏହି ଟିମ୍ ଥାନା ଏବଂ ଏଠାରେ କାର୍ଯ୍ୟରତ ପୋଲିସଙ୍କ କାର୍ଯ୍ୟକାରିତା ସଂପର୍କରେ ଜନସାଧାରଣଙ୍କଠାରୁ ମତ ନିଆଯାଇଥିଲା। ବିଭିନ୍ନ ଅପରାଧୀଙ୍କୁ ଚିହ୍ନଟ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଅପରାଧ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ, ଅପରାଧ ଏବଂ ଅପରାଧୀ ଟ୍ରାକିଂ ନେଟୱାର୍କ ଓ ସିଷ୍ଟମ ଆଦିର ଯାଞ୍ଚ କରାଯାଇଥିଲା।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ

# ଅନନ୍ତ, ଶ୍ରୀନିବାସ, ଜୟୀ ଗ୍ରହଣ କଲେ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର

ଭୁବନେଶ୍ୱର, ୧୭।୧୧ (ଭାସ୍କର ନ୍ୟୁଜ): ରବିବାର ପ୍ରଦାନ କରାଯାଇଛି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ୨୦୨୦,୨୦୨୧ ଓ ୨୦୨୨ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର ଓ ଜୟୀରାମ ସାମଲଙ୍କୁ ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ୨୦୨୦ ବର୍ଷ ପାଇଁ ସହିଦ ରଘୁ ସରଦାର, ୨୦୨୧ ବର୍ଷ ପାଇଁ ପ୍ରତୀକ୍ଷା ଓ ଡାଲଚିନି ଏବଂ ୨୦୨୨ ବର୍ଷ ପାଇଁ ଦମନକୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ୨୦୨୦ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ଚଳଚ୍ଚିତ୍ର ରଘୁ ସର୍ଦ୍ଦାର ନିମନ୍ତେ ଦେବାଶିଷ ପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ କାବ୍ୟା କିରଣ ଶୁକ୍ଲା ପୁରସ୍କୃତ ହୋଇଥିଲେ। ଠିକ୍ ସେହିପରି ୨୦୨୧ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ପ୍ରତୀକ୍ଷା ଚଳଚ୍ଚିତ୍ର ନିମନ୍ତେ ଦୀପନ୍ୱିତ ଦାସମହାପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଡାଲଚିନି ଚଳଚ୍ଚିତ୍ର ପାଇଁ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଛି। ୨୦୨୨ ବର୍ଷ ପାଇଁ ଚଳଚ୍ଚିତ୍ର ଦମନ ପାଇଁ ଶ୍ରେଷ୍ଠ ଅଭିନେତା ଭାବେ ବାବୁସାନ ମହାନ୍ତି ଏବଂ ଶ୍ରେଷ୍ଠ ଅଭିନେତ୍ରୀଭାବେ ଲୋପାମୁଦ୍ରା ମିଶ୍ରଙ୍କୁ ବୋଉର ହାତବାକ୍ସ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି।

## ଡେନମାର୍କର ଭିକ୍ଟୋରିଆ ମିସ୍ ୟୁନିଭର୍ସ

ନୂଆଦିଲ୍ଲୀ, ୧୭।୧୧: ୨୦୨୪ ମସିହା ପାଇଁ ମିସ୍ ୟୁନିଭର୍ସ ଘୋଷିତ। ଚଳିତବର୍ଷର ଏହି ସମ୍ମାନଜନକ ଟାଇଟଲ ହାତେଇ ନେଇଛି ଡେନମାର୍କ। ଡେନମାର୍କର ୨୧ ବର୍ଷୀୟ ଭିକ୍ଟୋରିଆ କେଜର ଥେଲବିଗ୍ ମିସ୍ ୟୁନିଭର୍ସ ହୋଇଛି। ୧୨୫ଟି ଦେଶର ପ୍ରତିଯୋଗୀଙ୍କୁ ସେ ପଛରେ ପକାଇ ଏହି ଟାଇଟଲ ହାତେଇବାରେ ସମର୍ଥ ହୋଇପାରିଛନ୍ତି। ଡେନମାର୍କ ମିସ୍ ୟୁନିଭର୍ସ ହୋଇଥିବାବେଳେ ନାଇଜେରିଆର ଚିଡିମା ଆଡେଟସିନା ମିସ୍ ୟୁନିର୍ଭସର ପ୍ରଥମ ରନର୍ସଅପ୍ ହୋଇଛନ୍ତି। ସେହିପରି ଦ୍ୱିତୀୟ ରନର୍ସଅପ୍ ମେକ୍ସିକୋର ମାରିଆ ଫର୍ଣ୍ଣାନ୍ଦା ବେଲଟ୍ରାନ ହୋଇଥିବାବେଳେ ତୃତୀୟ ରନର୍ସ ଅପ୍ ଥାଇଲାଣ୍ଡର ଓପଲ ସୁଚାତା ଚୁଆଙ୍ଗଶ୍ରୀ ହୋଇଛନ୍ତି। ସେହିପରି ଚତୁର୍ଥ ରନର୍ସଅପ୍ ଭେନଜୁଏଲାର ଇଲିଆନା ମାର୍କେଜ ହୋଇଥିବା ସୂଚନା ମିଳିଛି। ମିସ୍ ୟୁନିଭର୍ସ ● ପୃଷ୍ଠା ୫ ଦେଖନ୍ତୁ

## ବୈକୁଣ୍ଠଧାମ ନାବାଳକ ପୂଜା ପ୍ରସଙ୍ଗ

# ବେଆଇନ୍ ନିର୍ମାଣ ଥିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୭।୧୧ (ଭାସ୍କର ନ୍ୟୁଜ): ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ବୈକୁଣ୍ଠଧାମ ଆଶ୍ରମର ନାବାଳକ ପାଦରେ ତୁଳସୀ ରଖି ପୂଜା କରିବା ପ୍ରସଙ୍ଗକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ ହୋଇଛି । ତେବେ ଏହି ଆଶ୍ରମ ସରକାରୀ ଯାଗାରେ ନିର୍ମାଣ ହୋଇଥିବା ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଚଞ୍ଚଳ ରାଣା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଯଦି ବୈକୁଣ୍ଠଧାମ ଆଶ୍ରମ ବେଆଇନ ଭାବେ ନିର୍ମାଣ ହୋଇଥିବ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଘଟଣାର ତଦନ୍ତପାଇଁ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବେ। ତେବେ ଏହା ରାଜସ୍ୱ ଅବା ଜିଏ ଡିପାର୍ଟମେଣ୍ଟର ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟପକ୍ଷରେ କୁନି ବାବାଙ୍କ ପିତା କାଶୀନାଥ ମିଶ୍ର ଗଣମାଧ୍ୟମ ଆଗରେ କହିଛନ୍ତି ଯେ ମୋ ପୁଅ ଠାକୁର ବୋଲି ମୁଁ କେବେ କହିନାହିଁ କି ● ପୃଷ୍ଠା ୫ ଦେଖନ୍ତୁ

## ହାଇପର୍‌ସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ ସଫଳ

ବାଲେଶ୍ୱର, ୧୭।୧୧ (ଭାସ୍କର ନ୍ୟୁଜ): ଡିଆରଡିଓ ପକ୍ଷରୁ ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଦୀର୍ଘ ଦୂରତା ବିଶିଷ୍ଟ ହାଇପରସୋନିକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିପାରିବ। ବିଭିନ୍ନ ଆକାରର ପେଲୋଡ୍ ବହନ କରିବା ପାଇଁ ଏହା ପ୍ରସ୍ତୁତ କରାଯାଇଛି। ଟର୍ମିନାଲ ଯୁଦ୍ଧ ଅଭ୍ୟାସ ଏବଂ ଉଚ୍ଚ ସଠିକତାରେ ଏହାର ଫଳପ୍ରଦତା ନିଶ୍ଚିତ କରାଯାଇଛି। ହାଇଦ୍ର

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କେନ୍ଦୁଝରଗଡ(ଭାସ୍କର ନ୍ୟୁଜ): କାଗଜ କପ୍‌ରେ ଚା' ପରଶିବାକୁ ନିଷିଦ୍ଧ କରାଗଲା। ବିକ୍ରି କଲେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ବିଜ୍ଞପ୍ତି ପ୍ରକାଶ କଲେ। ଏବେ ଖୁଲମଖୁଲ୍ଲା ବିକ୍ରି ହେଉଥିବାବେଳେ କେନ୍ଦୁଝରଗଡ ପୌରପାଳିକା ଚୁପ୍ ବସିଛି। ପଲିଥିନ କଟକଣା ପରି କାଗଜ ଚା' କପ୍ ବନ୍ଦ ନିୟମ ବି '' ରେ ଉଡିଗଲା। ପୌରପାଳିକା ପକ୍ଷରୁ ନୋଟିସ ଜାରି କରାଯାଇଛି। ଏଥିରେ କୁହାଯାଇଥିଲା ପଲିଥିନ,ଥର୍ମୋକୁଲ ଓ କାଗଜ ଚା' କପ୍ ବ୍ୟବହାର ନିଷିଦ୍ଧ। ଗରାଖଙ୍କୁ ଖାଦ୍ୟ ଦେବା ବେଳେ ପ୍ଲାଷ୍ଟିକ ପରିବର୍ତ୍ତେ ଷ୍ଟିଲ ପ୍ଲେଟ ବ୍ୟବହାର କରିବାକୁ କୁହାଯାଇଥିଲା। ଏହା ଉପରେ ଅଏଲ୍ ପେପର୍ ପକାଇବାକୁ କୁହାଯାଇଥିଲା। ଚା' ଦୋକାନୀମାନେ ଏକକ ବ୍ୟବହାର ପ୍ଲାଷ୍ଟିକ ଚା' କପ୍ ବ୍ୟବହାର କରିବା ଉପରେ ରୋକ ଲଗାଯାଇଥିଲା। ଚା' କପ୍‌ରେ ମହମ ଆସ୍ତରଣ ଥିବା ଯୋଗୁଁ ଲୋକେ ମାରାତ୍ମକ ରୋଗରେ ପଡୁଛନ୍ତି। ଉକ୍ତ କପରେ ଚା ପିଇଲେ ମହମ ତରଳି ପେଟ ଭିତରକୁ ଯାଉଛି। ଗରମ ଚା' କାଗଜ କପ୍‌ରେ ପିଇଲେ ଶରୀର ପାଇଁ କ୍ଷତିକାରକ। ତେଣୁ ଏହା ପରିବର୍ତ୍ତେ ମାଟି ଚା' କପ୍ କିମ୍ବା କାଚ ଗିଲାସ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ନିୟମ କେବଳ ନିୟମରେ ରହିଛି। ଏବେ ବିଭିନ୍ନ ଚା' ଷ୍ଟଲରେ କାଗଜ କପ୍‌ରେ ଦିଆଯାଉଛି। 'ଲରେ ଲୋକେ ରୋଗରେ ପଡିବାର ଆଶଙ୍କା କରାଯାଉଛି। କୋଭିଡ ପରଠାରୁ ଏହି ଟ୍ରେଣ୍ଡ ଆରମ୍ଭ ହୋଇଛି। ସେପଟେ କେନ୍ଦୁଝରଗଡ ପୌରପାଳିକା ପଲିଥିନ ମୁକ୍ତ ହୋଇ ପାରିଲା ନାହିଁ। ଏବେ ବଜାରରେ ଖୁଲମଖୁଲ୍ଲା ପଲିଥିନ ବିକ୍ରି ହେଉଛି।



# ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ

## ଗୁରୁତର ଅବସ୍ଥାରେ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି, ଥାନାରେ ମାମଲା

ନିଆଳି (ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ଥ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ରାଣୀଓଳା ପଞ୍ଚାୟତ ଅଳତଳଙ୍ଗ ଗ୍ରାମରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ଗ୍ରାମର ଶରତ ଜେନା (୪୮) ଙ୍କୁ ସେହି ଗ୍ରାମର ରବି ଜେନା, ବାପି ଜେନା ଓ ଜୀବନ ଜେନା, ନିଛାଟିଆ ଜାଗାରେ ପୂର୍ବ ଯୋଜନା ମୁତାବକ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଶରତ ତଳେ ପଡି ଚିତ୍କାର କରୁଥିବା ବେଳେ ଶରତଙ୍କ ସ୍ତ୍ରୀ ନିରୁପମା ଜେନା ଘଟଣା ସ୍ଥଳରେ ପହଞ୍ଚିଥିଲେ। ତାଙ୍କୁ ମଧ୍ୟ ସେଠାରେ ଠେଲାପେଲା କରାଯାଇଥିବା ନିଆଳି ଥାନାରେ ଅଭିଯୋଗ କରିଛନ୍ତି ଶରତଙ୍କ ସ୍ତ୍ରୀ। ଶରତଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେ କଟକ ବଡ ମେଡିକାଲ୍ ରେ ଚିକିତ୍ସା ହେଉଛନ୍ତି ବୋଲି କହିଛନ୍ତି ନିରୁପମା ଜେନା। ଏ ନେଇ ନିଆଳି ପୋଲିସ୍ ଘଟଣାର ତଦନ୍ତ କରିଛନ୍ତି ବୋଲି କହିଛନ୍ତି ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ।।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ କପିଳେନ୍ଦ୍ର ମଲ୍ଲିକକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ କୋର୍ଟ ଅଭିଯୁକ୍ତକୁ ୫୦ ହଜାର ଟଙ୍କାର ଜୋରିମାନା ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ସେହିପରି ନାବାଳିକାଙ୍କୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଜରିଆରେ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ କରିବାକୁ କୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ନିକିରାଇ ଥାନା ଅନ୍ତର୍ଗତ ଏକ ଗ୍ରାମର ୯ବର୍ଷର ନାବାଳିକା ଜଣଙ୍କ ଗତ ୨୦୨୨ ମସିହା ଜୁନ ୬ ତାରିଖରେ ଘରୁ ବାହାରି ଜଣେ ସାଙ୍ଗ ସହ ଶୌଚ ହେବା ପାଇଁ ସାଙ୍ଗକୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ। ହେଲେ ସେତେବେଳେ ତାଙ୍କ ସାଙ୍ଗ ଘରେ ନଥିଲେ। ସେ ଗ୍ରାମ ପୋଖରୀରେ ବାସନ ମାଜୁଥିବା ପରିବାର ଲୋକେ କହିଥିଲେ। ଫଳରେ ନାବାଳିକା ଜଣକ ଉକ୍ତ ପୋଖରୀ ନିକଟକୁ ଯାଇ ଦେଖିଥିଲେ ତାଙ୍କ ସାଙ୍ଗ ବାସନ ମାଜୁଛି। ତାଙ୍କ ସାଙ୍ଗ କହିଥିଲେ ଟିକେ ଅପେକ୍ଷା କର, ବାସନ ମାଜି ସାରିବା ପରେ ଶୌଚ ହେବା ପାଇଁ ଯିବା। ଫଳରେ ନାବାଳିକା ଜଣକ ଏକ ଗଛ ମୂଳେ ସାଙ୍ଗକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ କପିଳେନ୍ଦ୍ର ସେହି ରାସ୍ତାରେ ଯାଉଥିଲେ। ଅଭିଯୁକ୍ତ କପିଳେନ୍ଦ୍ର ନାବାଳିକାଙ୍କ ପଡୋଶୀ ଥିଲେ। ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କ ଘରକୁ ଡାକିଥିଲେ। ପଡୋଶୀ ହୋଇଥିବାରୁ ନାବାଳିକା ଜଣକ ତାଙ୍କ ଘରକୁ ଯାଇଥିଲେ। ଏହାପରେ ଅଭିଯୁକ୍ତ କପିଳେନ୍ଦ୍ର ଘର କବାଟ ଦେଇ ନାବାଳିକାଙ୍କ ସହ ଯୋର ଜବରଦସ୍ତ ବଳାତ୍କାର କରିଥିଲେ। ବଳାତ୍କାର କରି ସାରିବା ପରେ ଘଟଣା ସଂପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଫଳରେ ନାବାଳିକା ଜଣକ ଘରକୁ ଫେରିଥିଲେ ମଧ୍ୟ ଘଟଣା ସଂପର୍କରେ କାହାକୁ କିଛି କହିବାକୁ ଭୟ କରିଥିଲେ। ହେଲେ କିଛି ସମୟ ପରେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ଫଳରେ ପରିବାର ଲୋକେ ନାବାଳିକାଙ୍କୁ ଡାକ୍ତରଖାନାକୁ ନେଇଥିଲେ। ଏହାପରେ ଘଟଣା ଜଣାପଡିଥିଲା। ଡାକ୍ତର ସ୍ପଷ୍ଟ କରିଥିଲେ ଯେ ନାବାଳିକଙ୍କ ସହ ବଳାତ୍କାର ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ନିକିରାଇ ଥାନାରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିଲା। ପୋଲିସ ଘଟଣାର ତଦନ୍ତ କରି ଅଦାଲତରେ ଅଭିଯୋଗପତ୍ର ଦାଖଲ କରିଥିଲା। ଏହାପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ବିଚାର ସମୟରେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣଙ୍କୁ ଭିତ୍ତି କରି ଜଜ୍ ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ମନୋଜ ସାହୁ ଅଦାଲତରେ ମାମଲା ପରିଚାଳନା କରୁଥିଲେ।

## ସ୍ନାତକୋତ୍ତର ବାଣିଜ୍ୟ ବିଭାଗରେ ଏକଦିବସୀୟ କର୍ମଶାଳା

ବ୍ରହ୍ମପୁର(ଭାସ୍କର ନ୍ୟୁଜ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ 'ନିଯୁକ୍ତି ପାଇଁ ଦକ୍ଷତା ଗଠନ' ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ଶ୍ରୀ ସଚ୍ଚିଦାନନ୍ଦ ନାୟକ, ସ୍ନାତକୋତ୍ତର ବିଭାଗସମୂହ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର୍ ତ୍ରିପାଠୀ ଙ୍କ ପ୍ରେରଣା ରେ ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଉତ୍କଳ ବିଶ୍ୱଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ର ମୁଖ୍ୟ ଡ଼ଃ ରବୀନ୍ଦ୍ର କୁମାର ସ୍ୱାଇଁ , ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ର ମୁଖ୍ୟ ପ୍ରଫେସର୍ ସାବତ କୁମାର ଦିଗଲ୍ , ନାଲକୋ ର ହିସାବ ବିଭାଗ ଏ. ଜି. ଏମ୍. ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଙ୍କ ବୈଷୟିକ ସଚିବ ସି.ଏମ.ଏ ଶ୍ରୀ ସତ୍ୟ ସୁନ୍ଦର ମହାସୁଆର ଅଥିତି ରୂପେ ଯୋଗଦାନ କରିଥିଲେ । ଏହି କର୍ମଶାଳା ରେ ନିଯୁକ୍ତି ପାଇଁ ବିଭିନ୍ନ ଆବଶ୍ୟକୀୟ କୌଶଳ, ଦକ୍ଷତା ବିକାଶ ପାଇଁ ଏଆଇ ର ସଠିକ୍ ବ୍ୟବହାର ଆଦି ବିଷୟ ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗ ର ସଂଯୋଜକ ଶକ୍ତି ରଞ୍ଜନ ଦାଶ ଙ୍କ ତତ୍ତ୍ୱାବଧାନରେ ଓ ଡ଼ଃ ମହେଶ୍ୱର ସେଠୀ, ଡ଼ଃ ଚନ୍ଦ୍ରିକା ପ୍ରସାଦ ଦାସ, ଡ଼ଃ ଜିନତା ପଟ୍ଟନାୟକ ଏବଂ ଶ୍ରୀ ନିତ୍ୟ ରଞ୍ଜନ ତ୍ରିପାଠୀ ଙ୍କ ସଂଯୋଜନା ରେ ଆୟୋଜନ କରାଯାଇଥିଲା। ଏହିକାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ମାନଙ୍କୁ ନିଜର ଶିକ୍ଷା ସହ ନିଯୁକ୍ତି ପାଇବା କ୍ଷେତ୍ରରେ ବହୁତ ସହାୟକ ହୋଇପାରିବ ବୋଲି ଛାତ୍ର ଛାତ୍ରୀ ମାନେ ମତାମତ ଦେଇଛନ୍ତି ।

## ବାଘମାରୀ-ସାରୁଆ ମଧ୍ୟବର୍ତ୍ତୀ ରଣଶଙ୍ଗର ପୁନର୍ନିର୍ମାଣ କରିବା ପାଇଁ ଓଡ଼ିଶା ରାଜ୍ୟ ମାନବିକ ଅଧିକାର କମିଶନରଙ୍କ କାରଣଦର୍ଶାଅ ନୋଟିସ୍

ବୋଲଗଡ (ଭାସ୍କର ନ୍ୟୁଜ): ୧୯୫୦ ମସିହାରେ ନିର୍ମାଣ ହୋଇଥିବା ( ଜାତୀୟ ରାଜପଥ ପୁରୁଣା ୨୨୪ ନମ୍ବର)ଟି ପରବର୍ତ୍ତୀ ସମୟରେ ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଭାବେ ପରିଚୟ ସୃଷ୍ଟି କରିଥିବା ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ସ୍ଥାନରେ ରଣଶଙ୍ଗ ଓସାର ୧୦ ଫୁଟ ଓ ଲମ୍ବ ୧୫ ମିଟର ମଧ୍ୟରେ ନିର୍ମାଣ ହୋଇଥିଲା। ଏହି ସଂକୀର୍ଣ୍ଣ ଶଙ୍ଗ ଦେଇ ପ୍ରତ୍ୟହ ଶହ ଶହ ସଂଖ୍ୟାରେ ଲଘୁ ଓ ଭାରୀଯାନ, ମୋଟର ସାଇକେଲ ଚାଳକ, ଯାତ୍ରୀବାହୀ ବସ ଓ ଟ୍ରକ ସଂକୀର୍ଣ୍ଣ ଯାତାୟାତ କରୁଥିବା ବେଳେ ଅସାବଧାନତା ବଶତଃ ଦୁର୍ଘଟଣା ଘଟି ଦୀର୍ଘ ୫୪ ବର୍ଷ ଭିତରେ ୭୦ ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁ ବରଣ କରିଛନ୍ତି । ଏହାର ପୁନଃ ନିର୍ମାଣ ପାଇଁ ୨୦୧୪ ମସିହାରେ ବାଘମାରୀ ଗ୍ରାମର ସମାଜସେବୀ ସନ୍ତୋଷ କୁମାର ପଣ୍ଡା ଜାତୀୟ ରାଜପଥ ବିଭାଗ ନିକଟରେ ଅଭିଯୋଗ କରିବାରୁ ନାମକୁ ମାତ୍ର ନିର୍ମାଣ କରିବା ଆଳରେ ରଣଶଙ୍ଗଟିକୁ କେବଳ ମରାମତି କରି ଛାଡ଼ି ଦେଇଥିବା ବେଳେ ବର୍ଦ୍ଧିତ ଓସାର ୪୦ ଫୁଟ ଓ ୨୬ ମିଟର ଲମ୍ବ କାର୍ଯ୍ୟକୁ ନ କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ପଡ଼ିଛି। ଏହାକୁ ଭିତିକରି ଶ୍ରୀ ପଣ୍ଡା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଓଡ଼ିଶା ରାଜ୍ୟ ମାନବିକ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ମାନବିକ ଅଧିକାର କମିଶନର ଜାତୀୟ ରାଜପଥ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ନମ୍ବର ୨୬୮୦/୨୪ ରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଚଳିତ ମାସ ୨୧ ତାରିଖକୁ ଅଭିଯୋଗ ଶୁଣାଣୀ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି ।

## ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

ବାରିପଦା (ଭାସ୍କର ନ୍ୟୁଜ): ବାରିପଦାର ତୁଳସୀଚଉରାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ ବାରିପଦା ତରଫରୁ ଉକ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉକ୍ତ ଫାଇନାନ୍ସ ର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଓ ତାଙ୍କ ସହଯୋଗୀ ଷ୍ଟାଫଙ୍କ ଦ୍ୱାରା ବିଭିନ୍ନ ବିଷୟରେ ଚିତ୍ରମାନ ଆଙ୍କିବାପାଇଁ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଶିଶୁ ବିକାଶ ବିଦ୍ୟା ମନ୍ଦିର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରଥମ,ଅନୁସୟା ବେହେରା ଦ୍ୱିତୀୟ ଓ ପ୍ରତୀକ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରି ଉକ୍ତ ସଂସ୍ଥା ଦ୍ୱାରା ପୁରସ୍କାର ବିତରଣ କରାଯାଇଛି । ଦିବ୍ୟଜୋତି ଶିକ୍ଷା ଅନୁଷ୍ଠାନ ର ସମ୍ପାଦିକା ଅନିତା ବେହେରା,ଶିଶୁ ବିକାଶ ବିଦ୍ୟା ମନ୍ଦିର ର ସୁସ୍ମିତା ରାୟ, ପ୍ରିୟା ସାମଲ,ଲିଳିମା ଦାସ ଆଦି ଗୁରୁମା ଉକ୍ତ କମିଟିସନକୁ ପରିଚାଳନା କରିଥିଲେ। ତେଜସ ଏଜ୍ୟୁକେଶନାଲ ଟ୍ରଷ୍ଟ ର ସମ୍ପାଦକ ବିନୟ କୁମାର ମାଣ୍ଡଇ ଛାତ୍ରଛାତ୍ରୀ ମାନଙ୍କୁ ବିର୍ସାମୁଣ୍ଡା ଙ୍କ ଉପରେ ବୁଝାଇ କହିବାସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ

ବାରିପଦା(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବାରିପଦାର ବିଭିନ୍ନ ସ୍ଥାନରେ ୨୩ତମ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଭଂଜପୁର ସ୍ଥିତ 'ଶ୍ରୀଗୁରୁ ଭାଗବତ ଟୁଙ୍ଗୀ'ରୁ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ନଅ ଖଣ୍ଡ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଏକ ସୁସଜ୍ଜିତ ପାଲିଙ୍କିରେ ଶତାଧିକ ଭକ୍ତ ପାଲିଙ୍କି ଶୋଭାଯାତ୍ରାରେ ବାହାରି ବଡବଡ଼ାର ସ୍ଥିତ 'ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ' ରେ ପହଞ୍ଚିଥିଲେ। ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀରେ ଶ୍ରୀଗୁରୁ ଭାଗବତ ପାରାୟଣ, ଭଜନ ଓ ପ୍ରସାଦ ସେବନ ସହ ଏହି ଜନ୍ମୋତ୍ସବ ସମାପ୍ତ ହୋଇଥିଲା ।୨୦୦୧ ମସିହାର କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଏହି ମହାନ ଗ୍ରନ୍ଥର ପ୍ରଥମ ଚାରି ଧାଡି 'ଶ୍ରୀଗୁରୁ ଦେବ ଗୁରୁଦେବ, ପ୍ରାଣ ମୋ ଖୋଜେ ପାଦତ୍ୱ । ତୁମ ଶ୍ରୀ ପୟର ଧ୍ୟାନରେ, ଏକାଗ୍ରତା ଆସେ ମନରେ କ୍ଷଣ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ କଲମରୁ ନବାକ୍ଷରୀ ଛନ୍ଦରେ ସ୍ୱତଃ ଝରି ଆସିଥିଲା କ୍ଷ ଗୁରୁ ପରମ୍ପରା, ଗୁରୁ ଶିଷ୍ୟ ସମ୍ବନ୍ଧ, ଅନ୍ଧବିଶ୍ୱାସ, ଜନ୍ମ ମୃତ୍ୟୁ ବିଦ୍ୟା, କାଳ ତତ୍ତ୍ୱ, ପିତୃମାତୃ ପୂଜନ ଆଦି ବହୁ ବିଷୟରେ ବର୍ତ୍ତମାନ ସୁଦ୍ଧା ନଅ ଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେଲାଣି । କେବଳ ଓଡ଼ିଆରେ ନୁହେଁ ଇଂରାଜୀ ଭାଷା ସହ ଭାରତର ୨୦ଗୋଟି ପ୍ରାନ୍ତୀୟ ଭାଷାରେ ଏହି ଗ୍ରନ୍ଥ ଅନୁବାଦିତ ହୋଇ ପ୍ରକାଶିତ ହେଲାଣି। ଏହା ସହ ଚାରୋଟି ବିଦେଶୀ ଭାଷାରେ ମଧ୍ୟ ଅନୁବାଦିତ ହୋଇ ବିଦେଶରେ ଲୋକଙ୍କ ଭିତରେ ଆଦୃତ ହେଲାଣି କ୍ଷବାରିପଦାର ଶିରିଡି ସାଇ ମନ୍ଦିରରୁ ମଧ୍ୟ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଶ୍ରୀ ହାରିବଳଦେବ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ । ଏହାସହ ଭଂଜପୁରରେ ଚାଲିଥିବା ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାରେ ଭଜନ ସନ୍ଧ୍ୟା ପୂର୍ବରୁ ଶ୍ରୀଗୁରୁ ଭାଗବତ ଗାନ କରାଯାଇଥିଲା ।

## ନିଆଳି ପ୍ରେସ୍ କ୍ଲବ୍ ପକ୍ଷରୁ ରାଷ୍ଟ୍ରୀୟ ସାମ୍ବାଦିକ ଦିବସ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ପ୍ରେସ୍ କ୍ଲବ୍ ପକ୍ଷରୁ ରାଷ୍ଟ୍ରୀୟ ସାମ୍ବାଦିକ ଦିବସ ନିଆଳି ସ୍ଥିତ ସାମ୍ବାଦିକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖରା ବର୍ଷା ଶୀତକୁ ଖାତିର ନକରି ରାତି ହେଉ ବା ଦିନ ହେଉ ନିଜ କର୍ତ୍ତବ୍ୟରେ କେବେବି ଅବହେଳା କରିନଥାନ୍ତି ଏବଂ ରାଷ୍ଟ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ଏହି ସାମ୍ବାଦିକ ମାନେ। ପ୍ରେସ୍ କ୍ଲବ୍ ସଭାପତି ମନୋରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ଭ୍ରଷ୍ଟାଚାର ସାଧାରଣ ଲୋକର ସ୍ୱରକୁ ନିଜ କଲମ ମାଧ୍ୟମରେ ଉପସ୍ଥାପନା କରିବାରେ କେବେ କୁଣ୍ଠାବୋଧ କରାଯିବ ନାହିଁ ବୋଲି ସର୍ବ ସମ୍ମୁଖରେ ନିଷ୍ପତ୍ତି ନିଆଯାଇଥିଲା। ଦୁର୍ନୀତି ଭ୍ରଷ୍ଟାଚାର ହେଉ କି ସାଧାରଣ ଲୋକର ନ୍ୟାୟ ହେଉ ସ୍ୱର ଉତ୍ତୋଳନ କରିବାକୁ କେବେବି ପଶ୍ଚାତ୍ ଧାବନ କରନ୍ତି ନାହିଁ। ଏହି ବୈଠକରେ ସାମ୍ବାଦିକ ସୁବାଷ ମହାପାତ୍ର, ଅକ୍ଷୟ ସେନାପତି, ଶରତ କୁମାର ସାହୁ, ମଧୁସ୍ମିତା ସାହୁ, ପ୍ରିୟଦର୍ଶନୀ ସାହୁ, ଅଞ୍ଜୁସା ଦାସ, ବିନୟ ମହାପାତ୍ର, କବି ପ୍ରସାଦ ମହାନ୍ତି, ଦାମୋଦର ଭୋଇ, ପ୍ରତାପ ମଲ୍ଲିକ ଉପସ୍ଥିତ ରହିଥିଲେ।

## ବାଘୁଆ ଗ୍ରାମ ପାଲଟିଛି ଗଞ୍ଜେଇ ବେପାରୀଙ୍କ ହବ୍

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ୍ ଓଲଟପୁର ଥାନା ଅଧିନସ୍ଥ କଣ୍ଟାପଡା ପଞ୍ଚାୟତ ବାଘୁଆ ଗ୍ରାମ ସତେ ଯେମିତି ପାଲଟିଛି ନିଶା ବେପାରୀଙ୍କ ପେଣ୍ଠସ୍ଥଳୀ, ଗଞ୍ଜେଇ, ମଦ, ବ୍ରାଉନ୍ ସୁଗାର, ଭାଙ୍ଗ ଖୁଲମଖୁଲା ବିକ୍ରି ହେଉଛି। ବିଶେଷ କରି ଗଞ୍ଜେଇର ହବ୍ ପାଲଟିଛି ବାଘୁଆ ଓଲଟପୁର ଥାନା ଠାରୁ ମାତ୍ର ୧ କିମି ଦୂରରେ। ବାଘୁଆ ଗ୍ରାମରେ ଏଭଳି ନିଶା କାରବାର ଜୋରସୋର ବିକ୍ରି ହେଉଥିବା ବେଳେ ପୋଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ସ୍ଥାନୀୟ ପୋଲିସ୍ ମୋଟା ଅଙ୍କର ଚାନ୍ଦା ନେଇ ନିଶା ବେପାରୀଙ୍କୁ ଘଣ୍ଟ ଘୋଡାଉଥିବା ବାରମ୍ବାର ଅଭିଯୋଗ ହେଉଛ

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶ୍ରୀଜଗନ୍ନାଥଙ୍କ ଜମିକୁ ବେଆଇନ ବିକ୍ରି ହୋଇଥିଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ ବୋଲି ପ୍ରତିକ୍ରିୟା ରଖି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କ୍ରେତା ବିକ୍ରେତା ଓ ସମ୍ପୃକ୍ତ ସବ ରେଜିଷ୍ଟର ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ । ଶ୍ରୀ ଜଗନ୍ନାଥଙ୍କ ଇଞ୍ଚେ ଜମିର ବେଆଇନ ବିକ୍ରିକୁ ବରଦାସ୍ତ କରାଯିବନି ବୋଲି ଆଇନମନ୍ତ୍ରୀ କହିଛନ୍ତି । ବାସେଳୀ ସାହି ଘଟଣାରେ କଡା କାର୍ଯ୍ୟାନୁଷ୍ଠାନ ହେବ । ମନ୍ଦିର ପ୍ରଶାସନର ଯାହା ଦାୟିତ୍ୱ ତାକୁ ନିର୍ବାହ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍ୟ ପଟେ ଜବରଦଖଲ ଥିବା ଜମିକୁ ବିକ୍ରି କରି କର୍ପସ ଫଣ୍ଡ ସଂଗ୍ରହ କରିବା ପାଇଁ ଯୋଜନା କରୁଛି ଆଇନ ବିଭାଗ । ୨୦୦୩ ୟୁନିଫର୍ମ ପଲିସୀ ଅନୁସାରେ, ଜବରଦଖଲ ହୋଇଥିବା ଜଗନ୍ନାଥ ଜମିଗୁଡିକର ସେଟଲମେଣ୍ଟ କରାଯିବ । ପୁରୀ ସହର ଏବଂ ରାଜ୍ୟର ଅନ୍ୟ ଅଞ୍ଚଳ ଗୁଡିକରେ ଦୀର୍ଘ ଦିନ ଧରି ଲୋକେ ଜବରଦଖଲ କରିଛନ୍ତି । ଏହି ପ୍ରକ୍ରିୟା ଫଳରେ ସେ ଜମି ମୁକ୍ତ ହୋଇପାରିବ । ସେଟଲମେଣ୍ଟ ହେବା ଦ୍ୱାରା ପ୍ରାୟ ୮ ରୁ ୧୦ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ ହୋଇପାରିବ । ସର୍ବନିମ୍ନ ପରିମାଣର ଜମିକୁ ରିହାତି ଦରରେ ବିକ୍ରି କରାଯିବ । ଅଧିକ ଜମି ଆବଶ୍ୟକ ଥିଲେ, ବେଞ୍ଚ ମାର୍କ ଭାଲ୍ୟୁରେ ଜମି କିଣି ପାରିବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।



## ଜମିଲା ଛାଡ଼ଖାଇ ବଜାର

# ବୋହିନେଲେ ମାଛ-ମାଂସ

ଆମିଷ ମାର୍କେଟ୍‌ରେ ଗ୍ରାହକଙ୍କ ପ୍ରବଳ ଭିଡ଼

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରବିବାର ଜମିଲା ଛାଡ଼ଖାଇ ବଜାର । କାର୍ତ୍ତିକ ପୂର୍ଣ୍ଣିମା ପରେ ଗତ ଶନିବାର ସଂକ୍ରାନ୍ତି ପଡିଥିବାରୁ ଛାତଖାଇ ଭଟ୍ଟା ପଡିଥିଲା । ଫଳରେ ଆମିଷ ବଜାର ଖାଁ ଖାଁ ହୋଇପଡିଥିଲା । ଆଜି ରବିବାର ହୋଇଥିବାରୁ ଆମିଷପ୍ରେମୀଙ୍କ ଭିତରେ ଛାଡଖାଇ ପାଳିବାକୁ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି । ସକାଳୁ ସକାଳୁ ଆମିଷ ବଜାରରେ ଗ୍ରାହକଙ୍କ ଭିଡ଼ ଜମଥିଲା । ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ମଟନ୍, ଚିକେନ୍, ମାଛ, ଚିଙ୍ଗୁଡ଼ି ଆଦି ବିଭିନ୍ନ ପ୍ରକାରର ଆମିଷ ବିକ୍ରି ହେଉଛି । କାର୍ତ୍ତିକରେ ମାସରେ ହବିଷ କରିଥିବା ଲୋକ ଆଜି ଆମିଷ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଚାହିଦା ଅନୁସାରେ ଆଜି ଦାମ ମଧ୍ୟ ପୂର୍ବାପେକ୍ଷା ଅଧିକ ରହିଛି । ଭୁବନେଶ୍ୱର ୪ ନମ୍ବର ମାଛ ମାର୍କେଟରେ ବାରିପଦା ଦେଶୀ ଚିକେନ କେଜିକୁ ୫୫୦ ଟଙ୍କା ଥିବାବେଳେ ବ୍ରୟଲର ୨୪୦, ମଟନ ୮୦୦, ଖଇଙ୍ଗା ମାଛ ୫୦୦, କଳା ପାମ୍ଫେଟ ୪୫୦, ଚାନ୍ଦି ୨୫୦, ପାମ୍ଫେଟ ୧ ହଜାର, ବଡ଼ ଚିଙ୍ଗୁଡ଼ି ୫୫୦ ରହିଛି । ସେହିପରି ବଡ଼ କଣ୍ଟାଳ ଚିଙ୍ଗୁଡ଼ି ୬୦୦ ଟଙ୍କା, ବଡ଼ କଙ୍କଡା ୩ ହଜାର ଟଙ୍କା, ଚିଲିକା ଗ୍ରୀନ କଙ୍କଡା ୨୨ଶହ, ରେଡ଼ କଙ୍କଡା ୮୫୦, ଭେକଟି ୫୫୦, ଟାଇଗର ବାଗଦା ଚିଙ୍ଗୁଡ଼ି ୧ ହଜାର, ନଈ ଚିଙ୍ଗୁଡ଼ି ୫୦୦ ଟଙ୍କା ରହିଛି । ଭାଙ୍ଗୁର କେଜି ୨୦୦ ଟଙ୍କା, ରୋହି ୧୮୦, ଝୁଡୁଙ୍ଗ ମାଛ ୨୬୦, ସୁରୁଙ୍ଗି ୪୦୦ ଓ ମହୁରାଲି ୩୨୦ ଟଙ୍କାରେ ବିକ୍ରି ହୋଇଥିବା ଦେଖିବାକୁ ମିଳିଛି । ଦରକୁ ଖାତିର୍ ନକରି ସହରବାସୀ ଛାଡ଼ଖାଇ ପାଳିବାକୁ ଆମିଷ ବଜାରରୁ ବୋହି ନେଇଛନ୍ତି ମାଛ, ମାଂସ । ରାଜଧାନୀରେ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆମିଷ ବିକ୍ରି ହୋଇଥିବା ଅନୁମାନ କରାଯାଇଛି ।

# 'ଅକ୍ଷୟଙ୍କ ସଙ୍ଗୀତ ପ୍ରତିଭାର କ୍ଷୟ ନାହିଁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଖ୍ୟାତ୍ ସଙ୍ଗୀତଜ୍ଞ ଓ ସାହିତ୍ୟିକ ଓ ସଂଗୀତ ପ୍ରତିଭା ଅକ୍ଷୟ ମହାନ୍ତିଙ୍କର କ୍ଷୟ ନାହିଁ । ତାଙ୍କର ଯାଦୁକାରୀ କଣ୍ଠସ୍ୱର ଓ ସଂଗୀତର ସଂଯୋଜନା ପିଢୀ ପରେ ପିଢୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଦେଇ ଚାଲିଥିଲେ ହେଁ ଓଡ଼ିଆ ଜାତି ସେହି ପ୍ରତିଭାର ସଠିକ୍ ମୂଲ୍ୟାୟନ ଏଯାବତ୍ କରିନାହିଁ । ଗୋଟିଏ ଦୁଇଟି ସଂଗୀତ ଗାୟନ କରିଥିବା କଳାକାରମାନେ ଜାତୀୟ ଓ ଆନ୍ତର୍ଜାତୟ ସ୍ତରରେ ସମ୍ମାନିତ ହେଉଥିବା ବେଳେ ଅକ୍ଷୟଙ୍କ ଭଳି ଜଣେ କାଳଜୟୀ ସ୍ରଷ୍ଟାଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ଆମେ ଅବହେଳା ପ୍ରଦର୍ଶନ କରିଛୁ । ବାସ୍ତବ ଘଟଣାବଳୀକୁ ନେଇ ସାହିତ୍ୟ ସୃଷ୍ଟି କରିବାରେ ଅକ୍ଷୟ ମହାନ୍ତି ଥିଲେ ଏକ ଅନନ୍ୟ ପ୍ରତିଭା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି', ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଏକ ମନୋଜ୍ଞ ଉତ୍ସବରେ ମହାନ୍ ସାଧକଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥିରେ 'କାଦମ୍ବିନୀ'ର ସମ୍ପାଦିକା ତଥା ଲେଖିକା ଡଃ ଇତି ସାମନ୍ତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅକ୍ଷୟଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ସଭାପତି ତଥା 'ଓଡିଶା ଭାସ୍କର' ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଚଳିତ ବର୍ଷର ସମ୍ମାନଜନକ 'ଅକ୍ଷୟ ସାହିତ୍ୟ ସମ୍ମାନ' ବିଶିଷ୍ଟ ସାହିତ୍ୟିକ ଆଦିତେଶ୍ୱର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ଜଣାଶୁଣା କଣ୍ଠଶିଳ୍ପୀ ସୌରଭ ନାୟକଙ୍କୁ 'ଅକ୍ଷୟ ସଂଗୀତ ସମ୍ମାନ' ପ୍ରଦାନ କରାଯାଇଥିଲା । ଶେଷରେ ଆୟୋଜିତ ମନୋଜ୍ଞ ସଂଗୀତ ସନ୍ଧ୍ୟା କାର୍ଯ୍ୟକ୍ରମରେ ବହୁ ପ୍ରବୀଣ ଓ ନବୀନ କଣ୍ଠଶିଳ୍ପୀ ଅକ୍ଷୟ ସଂଗୀତ ପରିବେଷଣ କରିଥିଲେ । ଏଥିରେ ଉଦୀୟମାନ ଭାଓଲିନ୍ ବାଦକ ମାଷ୍ଟର ରାକେଶ ବିଶ୍ୱାଳ ଅକ୍ଷୟ ସଂଗୀତର ସ୍ୱର ବାଦନ କରିଥିବା ବେଳେ ଇଂ. ବିଚିତ୍ରାନନ୍ଦ ଦେଓ, ଶୈଳଭାମା ମହାପାତ୍ର, ଆଦ୍ୟାଶା ଦାସ, ପ୍ରତିଭା ପ୍ରଧାନ, ସଂଜୟ ମିଶ୍ର, ରୀତିକା ରିମ୍‌ଝିମ୍, ଦେବାନ୍ୱିଶୀ, ବିବାସ ଦତ୍ତ, ଅତୁଲ୍ୟ କୁମାର ପ୍ରମୁଖ ସୁଲଳିତ କଣ୍ଠରେ ସଂଗୀତ ପରିବେଷଣ କରିଥିଲେ । ବାଦ୍ୟଗୁରୁ ଚିନ୍ତାମଣି ମିଶ୍ର ଏହି ସଂଗୀତ ସନ୍ଧ୍ୟାକୁ ସଂଯୋଜନା କରିଥିବା ବେଳେ ଶୁଭେନ୍ଦୁ ମହାନ୍ତି ଉତ୍ସବକୁ ପରିଚାଳନା କରିଥିଲେ । ଏହି ଉତ୍ସବରେ କମିଟିର ସଦସ୍ୟ ରବିନ୍ଦ୍ର ବିଶ୍ୱାଳ, ମଞ୍ଜୁ ସିଂହ, ଶ୍ରୀଧର ମାର୍ଥା ପ୍ରମୁଖ ସହଯୋଗିତା କରିଥିଲେ ।

# ଅଚ୍ୟୁତ ସାମନ୍ତଙ୍କୁ ଏଫ୍‌ଆଇଭିବି ଗ୍ରାଣ୍ଡ କ୍ରସ୍ ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ଫେଡେରେସନ୍ (ଏଫ୍‌ଆଇଭିବି)ର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ସମ୍ମାନ' ପ୍ରଦାନ କରାଯାଇଛି । ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ପର୍ତ୍ତୁଗାଲର ପର୍ତ୍ତୋଠାରେ ଚାଲିଥିବା ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏଫ୍‌ଆଇଭିବି ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମାନ ପ୍ରଦାନ ସମାରୋହରେ ୨୨୨ଟି ଦେଶରୁ ଆସିଥିବା ଭଲିବଲ୍ ସଂଘର ସଭାପତି ତଥା ଅନ୍ୟାନ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାସା ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ନିକଟରେ ଗ୍ରାସା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ବେଳେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଏଫ୍ ?ଆଇଭିବି ଗ୍ରାଣ୍ଡ କ୍ରସ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ । ପରେ ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଚାଲିଥିବା ବେଳେ ଶ୍ରୀ ସାମନ୍ତଙ୍କୁ ଏଫ୍‌ଆଇଭିବି ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ସମ୍ମାନୀତ କରାଯାଇଥିଲା । ନିଜ ପ୍ରତିକ୍ରିୟାରେ ଶ୍ରୀ ସାମନ୍ତ କହିଛନ୍ତି, ୨୨୨ଟି ଦେଶର ପ୍ରତିନିଧିଙ୍କ ମଧ୍ୟରୁ ମୋତେ ଚିହ୍ନଟ କରି ଏଫ୍‌ଆଇଭିବିର ଅନୁମୋଦନ ପରେ ଏହାର ସର୍ବୋଚ୍ଚ ସମ୍ମାନ ମୋତେ ଅତି ସ୍ନେହରେ ପ୍ରଦାନ କରାଯାଇଥିବାରୁ ଏହି ସମ୍ମାନ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଋଣୀ । ଏହାର ଶ୍ରେୟ ସେ ଭଗବାନଙ୍କୁ ଦେଇଛନ୍ତି । ଏହା ସହିତ ଏହି ସମ୍ମାନକୁ ସେ ଭାରତର ସମସ୍ତ କ୍ରୀଡ଼ା ଓ କ୍ରୀଡ଼ାବିତ୍ ଓ ବିଶେଷ କରି ଓଡ଼ିଶାର କ୍ରୀଡ଼ା ଓ କ୍ରୀଡ଼ାବିତ୍ ତଥା କିଟ୍ ଓ କିସ୍‌କୁ ଉତ୍ସର୍ଗ କରିଛନ୍ତି ।

# ବାଲିଯାତ୍ରା ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା

କଟକ(ଭାସ୍କର ନ୍ୟୁଜ୍): ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ଚଳିତ ବର୍ଷର କୃଷି ଯନ୍ତ୍ରପାତି ମେଳା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇ ଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଆଶୋକ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାଷ ଚନ୍ଦ୍ର ରାୟ ଉଦଘାଟନ କରିଥିବାବେଳେ ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, କଟକ ସଦର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଅଧିକ ଅମଳକ୍ଷମ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ମେଳାରେ ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା ସର୍ବାଧିକ ରିହାତିର ସୁଯୋଗ ନେବା ପାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ । ଜିଲ୍ଲା ସହାୟକ କୃଷି ନିର୍ଦ୍ଦେଶିକା ଅଧିକାରୀ ଅସୀମା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଯୋଗ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ଜେନାଙ୍କ ଯୋଗ ଦେଇଥିଲେ । ଏହା ସହିତ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ଜଳ ଛାୟା ବିଭାଗର ପ୍ରଦର୍ଶନୀ ମଧ୍ୟ ଉଦଘାଟିତ ହୋଇଥିଲା ।

# ବାଲିଯାତ୍ରା ପାଇଁ ସ୍ୱତନ୍ତ୍ର ବସ୍ ଚଳାଚଳ ବ୍ୟବସ୍ଥା

କଟକ(ଭାସ୍କର ନ୍ୟୁଜ୍): ଚଳିତବର୍ଷ ବାଲିଯାତ୍ରା କଟକ ଉତ୍ସବରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତତ୍ରୟ ଭାଉସାହେବ ଶିନ୍ଦେ ଜନସାଧାରଣଙ୍କ ସୁବିଧାରେ ନିଶୁଳ୍କ ଯାତାୟତ ଓ ଗମନାଗମନ ନିମନ୍ତେ ବାଲିଯାତ୍ରା ପଡିଆକୁ ସଂଯୋଗ କରୁଥିବା ରିଂବନ୍ଧ ରାସ୍ତାର ଉଭୟ ପଟୁ ବସ ଚଳାଚଳ ବ୍ୟବସ୍ଥା କରିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପ୍ରଶାସନ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ ବିଡାନାସୀ ଚହଟା ନିକଟସ୍ଥ ଭୁଆସୁଣୀ ଗଡାଠାରୁ ୧୮ଟି ବସ ଏବଂ ବୋଷ ଇଞ୍ଜିନିୟରିଂ କଲେଜ୍ ଠାରୁ ୮ଟି ବସ ସାଧାରଣ ଯାତ୍ରୀଙ୍କ ନିମନ୍ତେ ଚାଲୁ କରାଯାଇଛି ।

# ରାଜ୍ୟରେ ଖୁବ୍‌ଶୀଘ୍ର ରୋଡ୍ ପଲିସି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ରୋଡ଼ ପଲିସି ଆଣିବାକୁ ଯାଉଛନ୍ତି । ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ, ନଗର ଉନ୍ନୟନ, ଜଳସମ୍ପଦ ସମସ୍ତ ବିଭାଗକୁ ନେଇ ୟୁନିଫର୍ମ ପଲିସି ଆସିବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ତାଳମେଳ ରକ୍ଷା କରିବା ପାଇଁ କମନ ରୋଡ଼ ପଲିସି ଆଣିବେ ସରକାର । ପଲିସିର ବିଭିନ୍ନ ଦିଗକୁ ବର୍ତ୍ତମାନ ତର୍ଜମା କରୁଛନ୍ତି । ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ଚାଲିଛି । ନୂଆ ରୋଡ଼, ମରାମତି ଓ ହସ୍ତାନ୍ତର ସବୁ କାମ ପାଇଁ ନୂଆ ପଲିସୀ କାର୍ଯ୍ୟ କରିବ । ସର୍ବ ଭାରତୀୟ ସ୍ତରରେ ଓଡିଶା ରୋଡ଼ ନେଟୱାର୍କରେ ଏକ ନମ୍ବର ହେବ ।

# ବାଣୀବିହାର ରେଳ ଷ୍ଟେସନ ନିକଟରୁ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଣୀବିହାର ରେଳ ଷ୍ଟେସନ ନିକଟ ରେଳଧାରଣା ପାଖରୁ ଏକ ମୃତଦେହ ଜବତ ହୋଇଛି । ମୃତଦେହର ଅନେକ ସ୍ଥାନରେ କ୍ଷତିଚିହ୍ନ ରହିଥିବା ଦେଖିବାକୁ ମିଳିଛି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି । ମୃତକଙ୍କ ପରିଚୟ ମିଳିନି । ମୃତଦେହ ସାରା କ୍ଷତ ଚିହ୍ନ ଥିବାରୁ ବଢ଼ିଲା ସସ୍‌ପେନ୍ସ ।

# ବାଲିଯାତ୍ରାରେ ଅପ୍ରୀତିକର ଘଟଣା ଦୁର୍ଭାଗ୍ୟଜନକ: ଜିଲ୍ଲାପାଳ

କଟକ(ଭାସ୍କର ନ୍ୟୁଜ୍): ସମୟ କଟକଣାକୁ ନେଇ କଟକ ବାଲିଯାତ୍ରାରେ ଅପ୍ରୀତିକର ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି କଟକ ଜିଲ୍ଲାପାଳ । ସେ କହିଛନ୍ତି ଯେ ଏନେଇ ସେ ପୋଲିସ କମିଶନରଙ୍କ ସହ କଥା ହୋଇ ସାରିଛନ୍ତି । ଯେପରି ଏହି ଘଟଣାର ପୁନରାବୃତ୍ତି ନ ହେବ ତାହାକୁ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି ଯେ, ଏଣିକି ଷ୍ଟେଜ ପରିଚାଳନା ଦାୟିତ୍ୱରେ ଜଣେ ଏଡିଏମ୍ ରହିବେ । ଆଇନ ଅନୁସାରେ ସବୁ କାର୍ଯ୍ୟ ପରିଚାଳିତ ହେବ ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ ଗତ କାଲି ଅଧାରୁ ଅସୀମା ପଣ୍ଡାଙ୍କୁ ପୋଲିସ ଷ୍ଟେଜରୁ ଓହ୍ଲାଇ ଦେଇଥିଲା । ଏହାକୁ ନେଇ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଆହ୍ୱାନ ମୋଡ଼ରେ ଅବକାରୀ ବିଭାଗ

# ଦୁର୍ନୀତିଖୋର୍ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆହ୍ୱାନ ମୋଡ଼ରେ ଅବକାରୀ ବିଭାଗ । ମଦ ମାଫିଆ ଓ ଗଞ୍ଜେଇ ମାଫିଆଙ୍କ ପରେ ଦୁର୍ନୀତି ଖୋର ଅଫିସରଙ୍କ ବିରୁଦ୍ଧରେ ଆରମ୍ଭ ହେଲା ଆହ୍ୱାନ । ପ୍ରତିକ୍ରିୟା ରଖି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ସରକାର । ବଡ ବଡ ଅଫିସର ଆନନ୍ଦର ସହ ଭ୍ରଷ୍ଟାଚାର କରୁଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଅବକାରୀ ବିଭାଗ କି ଯେ କୌଣସି ବିଭାଗ ହେଉ ଦୁର୍ନୀତି କରୁଥିଲେ ଆହ୍ୱାନ ହେବ ।

# ମହାପ୍ରଭୁଙ୍କ ଜମି ବିକ୍ରି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାପ୍ରଭୁଙ୍କ ଜମି ବିକ୍ରି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି କଂଗ୍ରେସ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଜଗନ୍ନାଥଙ୍କ ଜମି ନେଇ ଠୋସ ନିଷ୍ପତ୍ତି ହୋଇପାରୁନି । ବିଭିନ୍ନ ରାଜ୍ୟରେ ବି ଜମି ରହିଛି । ତାକୁ ସେଟେଲମେଂଟ କରି କର୍ପସ ପାଣ୍ଠି ଗଠନ କରାଯାଉ । ଯେଉଁମାନେ ମହାପ୍ରଭୁଙ୍କ ଜମି କୁ ବିକ୍ରି କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । କିନ୍ତୁ ଏ ପ୍ରକ୍ରିୟା ବହୁତ ବିଳମ୍ବ ହେଲାଣି । କାର୍ଯ୍ୟକାରି ହେବା ଆବଶ୍ୟକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

# ସରକାରଙ୍କୁ ବଦ୍‌ନାମ କରିବାକୁ ଅପଚେଷ୍ଟା କରୁଛି ବିଜେଡି: ଜୟନ୍ତ ଜେନା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନିଜର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ବିଜେପି ସରକାରକୁ ବଦ୍‌ନାମ କରିବାକୁ ଅପଚେଷ୍ଟା କରୁଛି ବିଜେଡି । ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିଜେଡି ଅସହିଷ୍ଣୁ ହୋଇପଡ଼ିଛି । ଏନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ବିଜେପି ସରକାର ବିରୋଧରେ ମିଥ୍ୟା ମନଗଢ଼ା ଖବର ପ୍ରସାରଣ କରୁଛି । ଏଭଳି ଅପପ୍ରଚାର କରି ବିଗତ ୧୫ ଦିନ ମଧ୍ୟରେ ବିଜେଡିର ୨ଜଣ ନେତାଙ୍କୁ ପୋଲିସ ଗିରଫ କରିଛି । ଏବେ ବିଜେଡି ଦ୍ୱାରା ପରିଚାଳିତ ଏକ ଜୈନିକ ଟିଭି ଚ୍ୟାନେଲ ଦ୍ୱାରା ମିଥ୍ୟା, ମନଗଢ଼

ଓଡ଼ିଶା ଭାସ୍କର
ସମ୍ପାଦକୀୟ

ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ

ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଅଗ୍ନିର କରାଳ ଗର୍ଭରେ ନବଜାତ ଶିଶୁ

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲୋଡ଼ା

ମାତୃଗର୍ଭରୁ ଜନ୍ମ ନେଇ ଦୁନିଆର ଆଲୋକ ଦେଖୁଦେଖୁ ମୃତ୍ୟୁର କରାଳ ଗର୍ଭକୁ ଚାଲିଗଲା ଦଶଟି ନିରୀହ ନବଜାତ ଶିଶୁଙ୍କ ଜୀବନ। ଏଭଳି ଏକ କରୁଣ ତଥା ଲୋମହର୍ଷଣକାରୀ ଘଟଣା ଉତ୍ତରପ୍ରଦେଶର ଝାନ୍‌ସୀ ସ୍ଥିତ ହସ୍ପିଟାଲରେ ଘଟିଛି। ଶୁକ୍ରବାର ରାତିର ଏହି ଦୁଃଖଦ ଘଟଣାରେ ଅନ୍ୟ ୧୬ ଜଣ ନବଜାତ ଶିଶୁ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିବାର ଖବର ହସ୍ତଗତ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଏହି ଦୁର୍ଘଟଣା ଜଣେ ନର୍ସଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଘଟିଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ଏହି ଅଭିଯୋଗକୁ ଅସ୍ୱୀକାର କରି ସର୍ଟସର୍କିଟ ହିଁ ଅଗ୍ନିକାଣ୍ଡର ମୂଳ କାରଣ ବୋଲି ଦର୍ଶାଇଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଗୋଟିଏ ନବଜାତ ଶିଶୁର ପିତା ନିଜର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି ଯେ, ଏକ ଅକ୍ସିଜେନ ସିଲିଣ୍ଡରର ପାଇପ୍ ସଂଯୋଗ କରୁଥିବା ଜଣେ ନର୍ସ ଗୋଟିଏ ଦିଆସିଲ କାଠି ଜାଳିଥିଲେ। ଅକ୍ସିଜେନଯୁକ୍ତ ପରିବେଶ ହୋଇଥିବାରୁ ସମଗ୍ର ଶିଶୁ ୱାର୍ଡରେ ତୁରନ୍ତ ନିଆଁ ବ୍ୟାପି ଯାଇଥିଲା। ନିକଟରେ ଉପସ୍ଥିତ ଥିବା ଅଭିଭାବକମାନେ ଜଳନ୍ତା ୱାର୍ଡରୁ ତୁରନ୍ତ ୩/୪ ଜଣ ଶିଶୁଙ୍କୁ ଚାଦରରେ ଗୁଡାଇ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ। ମାତ୍ର ସମସ୍ତଙ୍କୁ ଉଦ୍ଧାର କରିବା ସମ୍ଭବପର ହୋଇନଥିଲା ଏବଂ କିଛି ଶିଶୁ ମୃତ୍ୟୁର କରାଳ ଗର୍ଭକୁ ଚାଲିଗଲେ। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଯେ, ସେହି ୱାର୍ଡରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର କାମ କରୁନଥିଲା ଏବଂ ସେଫ୍‌ଟି ଆଲାର୍ମ ମଧ୍ୟ ବନ୍ଦ ହୋଇଯାଇଥିଲା। ତେଣୁ ଶିଶୁମାନଙ୍କୁ ସ୍ଥାନାନ୍ତରରେ ବିଳମ୍ବ ଘଟିଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଏ ସଂପର୍କରେ ଭିନ୍ନ ମତପୋଷଣ କରିଛନ୍ତି। ୱାର୍ଡରେ ଥିବା ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଭିତରେ ସଟ୍‌ସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବାର ସେ କହିଛନ୍ତି। ତେବେ ଏ କ୍ଷେତ୍ରରେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ନଜରକୁ ଆସିଛି। ଶୁକ୍ରବାର ସନ୍ଧ୍ୟାରେ ଶିଶୁ ୱାର୍ଡରେ ପ୍ରଥମ ଥର ପାଇଁ ଏକ ସର୍ଟସର୍କିଟ ହୋଇଥିଲା। ମାତ୍ର କର୍ମଚାରୀମାନେ ତାକୁ ଅଣଦେଖା କରି ମରାମତିର କୌଣସି ବ୍ୟବସ୍ଥା କରିନଥିଲେ। ଏହାପରେ ରାତି ୧୦ ଟା ୪୫ ମିନିଟରେ ଅନ୍ୟ ଏକ ସର୍ଟସର୍କିଟ ଘଟି ନିଆଁ ହୁହୁ ହୋଇ ଚାରିଆଡକୁ ବ୍ୟାପିଗଲା। ହସ୍‌ପିଟାଲର ଆଲାର୍ମ ବ୍ୟବସ୍ଥାରେ ତ୍ରୁଟି ଥିବାରୁ ଅଗ୍ନିଶମ ବିଭାଗର ୬ଟି ଗାଡି ବିଳମ୍ବରେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରଚେଷ୍ଟା ଚଳାଇଥିଲେ। ଅଗ୍ନିକାଣ୍ଡର ଭୟାବହତା ଦୃଷ୍ଟିରୁ ସେନାବାହିନୀକୁ ମଧ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ଏବଂ ଦୁଇଘଣ୍ଟା ମଧ୍ୟରେ ନିଆଁକୁ ଆୟତ୍ତ କରାଗଲା। ଏହି ଦୁର୍ଭାଗ୍ୟଜନକ ଘଟଣାର ତଦନ୍ତ ଲାଗି ଉତ୍ତରପ୍ରଦେଶ ସରକାର ଏକ ୪ ଜଣିଆ କମିଟି ଗଠନ କରିଛନ୍ତି ଏବଂ ସାତ ଦିନ ଭିତରେ କମିଟି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ, ସେଥିପାଇଁ ଉକ୍ତ କମିଟି ପରାମର୍ଶ ଦେବ। ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୫ ଲକ୍ଷ ଓ ପ୍ରଧାନମନ୍ତ୍ରୀ ମୋଦି ୨ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଥିବାବେଳେ ଏହି ଘଟଣାକୁ ନେଇ ସରକାରୀ ଓ ବିରୋଧୀ ଦଳ ମଧ୍ୟରେ ବାକ୍‌ବିତଣ୍ଡା ଆରମ୍ଭ ହୋଇଯାଇଛି। ତେବେ ପ୍ରଶ୍ନ ଉଠୁଛି, ଶିଶୁମାନେ ଚିକିତ୍ସିତ ହେଉଥିବା ୱାର୍ଡରେ ସୁରକ୍ଷା ବ୍ୟବସ୍ଥାରେ ଏଭଳି ତ୍ରୁଟିବିଚ୍ୟୁତି ପ୍ରତି ପୂର୍ବରୁ ଧ୍ୟାନ ଦିଆଗଲା ନାହିଁ କାହିଁକି ? ମାମୁଲି ସମବେଦନା ଓ କିଛି ଅର୍ଥରାଶି ସନ୍ତାନହରା ପିତାମାତାଙ୍କ କୋଳକୁ ସେମାନଙ୍କ ପିଲାଙ୍କୁ ଫେରାଇ ଦେଇପାରିବ କି ? ମାତ୍ର ଏହି ଦୁଇଟି ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଥିଲା ଭଳି ମନେହେଉନାହିଁ। ନିରପେକ୍ଷ ତଦନ୍ତ ପରେ ଯେଉଁମାନେ ପ୍ରକୃତ ଦୋଷୀ ସାବ୍ୟସ୍ତ ହେବେ, ସେମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନର ଆବଶ୍ୟକତା ରହିଛି।

# ବୋଇତରେ ସଂସ୍କୃତି ଓ ସମୃଦ୍ଧି



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ – ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ଗୋଟିଏ ଦେଶ ବା ଜାତିର ଉତ୍କର୍ଷ ତାହାର ଅର୍ଥନୀତି ଓ ସଂସ୍କୃତି ଉପରେ ଆଧାର ହୋଇଥାଏ ଯାହାକୁ ପାଥେୟ କରି ଗର୍ବ ଓ ଗୌରବରେ ଜାତି ମହିମା ମଣ୍ଡିତ ହୋଇଥାଏ । ସେହି ଗୌରବ ଓ ମହିମାମଣ୍ଡନର ଆଧାର ସ୍ୱରୂପ ଆଜି ଏ ଜାତି ନିଜକୁ ନିଜର ନୌବାଣିଜ୍ୟ ସହିତ ସଂସ୍କୃତି ଓ ଅର୍ଥନୀତିକୁ ଜୀବନ୍ତ କରିବା ପାଇଁ ବୋଇତ ବନ୍ଦାଣ ଯାତ୍ରା ବା ବାଲିଯାତ୍ରା କରି ନିଜର ସୁପ୍ତ ଗୌରବକୁ ମନେ ପକାଇଥାଏ । ଭାରତର ସାମୁଦ୍ରିକ ଇତିହାସର ଆରମ୍ଭ ଖ୍ରୀଷ୍ଟପୂର୍ବ ୩୦୦୦ ବର୍ଷରୁ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ । ସିନ୍ଧୁ ଉପତ୍ୟକା ସଭ୍ୟତାର ବାସିନ୍ଦାମାନେ ମେସୋପୋଟାମିଆ ସହିତ ସାମୁଦ୍ରିକ ବାଣିଜ୍ୟରେ ଲିପ୍ତ ଥିଲେ ବୋଲି ମହେଞ୍ଜୋଦାରୋ ଓ ହରପ୍ପା ଠାରେ ହୋଇଥିବା ଖନନ ଦ୍ୱାରା ଜଣାଯାଏ । ସାମୁଦ୍ରିକ ବାଣିଜ୍ୟ ସମୁଦ୍ର କିମ୍ବା ଅନ୍ୟାନ୍ୟ ଜଳପଥ ଦେଇ ବାଣିଜ୍ୟ କିମ୍ବା ପରିବହନ ସାମଗ୍ରୀକୁ ନେବା ଆଣିବା କରିବାକୁ ବୁଝାଇଥାଏ । ପ୍ରାଥମିକ ସମୟରେ, ମାଲାବାର କୋଷ୍ଟ, କରମଣ୍ଡଳ କୋଷ୍ଟ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବନ୍ଦର ଥିଲା ଯାହା ଭାରତରେ ସାମୁଦ୍ରିକ ବାଣିଜ୍ୟକୁ ସୁଗମ କରିଥିଲା । ସେହି ଗୁରୁତ୍ୱପୂର୍ଣ୍ଣ କୀର୍ତ୍ତିକୁ ଜୀବନ୍ତ କରିବା ପାଇଁ ୫ ଏପ୍ରିଲ୍‌କୁ ଭାରତରେ ଜାତୀୟ ସାମୁଦ୍ରିକ ଦିବସ ଭାବରେ ପାଳନ କରାଯାଏ । ୧୯୧୯ ମସିହାରେ ଏହି ଦିନ, ନାଭିଗେସନ୍ ଇତିହାସ ସୃଷ୍ଟି ହୋଇଥିଲା । ମେସୋପୋଟାମିଆନ୍ ଲେଖା ସୂଚିତ କରେ ଯେ ଭାରତୀୟ ଉପତ୍ୟକାରେ ଭାରତୀୟ ବ୍ୟବସାୟୀମାନେ – ତମ୍ବା, ହାତୀ ଦାନ୍ତ, ମୋତି, ସୁନା ଆଦି ବହନ କରି ବାଣିଜ୍ୟ କାରବାରକୁ ଅଧିକ ଗୁରୁତ୍ୱ ଦେଇଥିଲେ । ପ୍ରାଚୀନ କାଳରେ ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟ ବୃଦ୍ଧି ପାଇଥିଲା ଓ କୌଟିଲ୍ୟଙ୍କର ପ୍ରସିଦ୍ଧ ଅର୍ଥଶାସ୍ତ୍ର ପୁସ୍ତକରେ ନୌସେନାର ଉନ୍ନତି ବିଷୟରେ ଉଲ୍ଲେଖ ରହିଛି । କଳିଙ୍ଗର ବାଣିଜ୍ୟ ସର୍ବୋଚ୍ଚତା ଏହାକୁ ଏକ ଉନ୍ନତ ଅର୍ଥନୈତିକ ଓ ବାଣିଜ୍ୟ ଶକ୍ତି ଭାବରେ ପରିଣତ କରିଥିଲା । ଓଡିଶାର ଐତିହାସିକ ସାମୁଦ୍ରିକ ପରମ୍ପରାର ସ୍ୱାକ୍ଷର ବହନ କରେ ଯାହା ପ୍ରାଚୀନ କାଳରେ ଖ୍ରୀଷ୍ଟପୂର୍ବ ୭ ଶତାବ୍ଦୀରୁ ବୃଦ୍ଧି ପାଇଥିଲା । ଐତିହାସିକ ଭାବରେ ଏହା ପ୍ରମାଣିତ ହୋଇଛି ଯେ ଚୋଳ, ଚେର, ପାଳ ଓ କଳିଙ୍ଗମାନେ ସେମାନଙ୍କର ଉନ୍ନତ ନୌସେନା କ୍ଷମତା ହେତୁ ଦୂର ଦେଶକୁ ଯାତ୍ରା କରିଥିଲେ । ଭାରତର ପୂର୍ବ ଭାଗରେ ଡଙ୍ଗା ତିଆରି ଉପକରଣର ଆବିଷ୍କାର ପ୍ରମାଣିତ କରେ ଯେ ପୂର୍ବରେ ମୁଖ୍ୟତଃ ଓଡିଶାରେ ସମୁଦ୍ର ବାଣିଜ୍ୟ ବୃଦ୍ଧି ପାଇଥିଲା । ସମୁଦ୍ର ବାଣିଜ୍ୟକୁ ପସନ୍ଦ କରୁଥିବା ଅନ୍ୟାନ୍ୟ କାରଣ ହେଉଛି ତତ୍କାଳୀନ ଓଡିଶାର ଘଞ୍ଚ ଜଙ୍ଗଲରେ ଡଙ୍ଗା ତିଆରି ପାଇଁ କାଠର ଉପଲବ୍ଧତା । ଓଡିଶାର ପ୍ରାୟ ୫୦୦ କିଲୋମିଟରର ଏକ ବିରାଟ ଉପକୂଳ ଯାହା ଉପକୂଳବର୍ତ୍ତୀ ଅନେକ ବନ୍ଦର ନିର୍ମାଣକୁ ସୁଯୋଗ ସୃଷ୍ଟି କରିଥିଲା । ପ୍ରାଚୀନ କାଳର ପ୍ରମୁଖ ବନ୍ଦରଗୁଡ଼ିକ ପୁରୀ, କଟକ, କୋଣାର୍କ, ବାଲେଶ୍ୱର ଠାରେ ଅବସ୍ଥିତ ଥିଲା ଯାହା ଆଜି ଇତିହାସର ପରିଚୟ ବାହାରେ । ସମୁଦ୍ର ବାଣିଜ୍ୟର ସମୟ ଓ ମାର୍ଗ ନିର୍ଣ୍ଣୟ କରିବାରେ ଭୌଗଳିକ କାରଣଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସାଧାରଣତଃ ସାଧବ ଭାବରେ ଜଣାଶୁଣା ବ୍ୟବସାୟୀମାନେ ନଭେମ୍ବର ମାସରେ ସମୁଦ୍ର ଦିଗକୁ ପବନ ପ୍ରବାହିତ ହେଉଥିବାରୁ ଭାରସାମ୍ୟ ହରାଇ ଜାହାଜ (ବୋଇତ) ସହିତ ଯାତ୍ରା ଆରମ୍ଭ କରୁଥିଲେ। ଏହି ଗୌରବମୟ ପରମ୍ପରାକୁ ସ୍ମରଣ କରିବା ପାଇଁ ଆଜି ପର୍ଯ୍ୟନ୍ତ ନଭେମ୍ବର ମାସରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଏ । ସେହିଭଳି, ଅଗଷ୍ଟ ମାସରେ ଜାହାଜଗୁଡ଼ିକ ଘରକୁ ଫେରି ଆସିବା ଓ ଏହି ସମୟ ମଧ୍ୟରେ ମୌସୁମୀ ଆସିବା ହେତୁ ସମୁଦ୍ରରୁ ସ୍ଥଳ ଦିଗକୁ ପବନ ବହିଥାଏ ।

ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଖୁଦୁରୁକୁଣୀ ଓଷାର ଉତ୍ସବ ଭୌଗଳିକ କାରଣ, ସାମୁଦ୍ରିକ ବାଣିଜ୍ୟ ଓ ତତ୍କାଳୀନ ପ୍ରାଚୀନ ପରମ୍ପରା ସମ୍ପୂର୍ଣ୍ଣ ସହ-ସମ୍ପର୍କକୁ ପ୍ରତିଫଳିତ କରିଥାଏ । କୌଟିଲ୍ୟଙ୍କ ପ୍ରସିଦ୍ଧ ଅର୍ଥଶାସ୍ତ୍ର ପୁସ୍ତକରେ ନୌସେନା ଓ ନୌବାଣିଜ୍ୟର ଶ୍ରେଷ୍ଠତା ଉପରେ ଧାରଣା ଦିଆଯାଇଅଛି । କଳିଙ୍ଗ ବାଣିଜ୍ୟର ସର୍ବୋଚ୍ଚତା ଏହାକୁ ଏକ ଉନ୍ନତ ଅର୍ଥନୈତିକ ଓ ବାଣିଜ୍ୟ ଶକ୍ତି କରିପାରିଥିଲା ଯାହା ମଗଧର ସର୍ବଶ୍ରେଷ୍ଠ ଶାସକ ଅଶୋକଙ୍କ ଦ୍ୱାରା ହୋଇଥିବା କଳିଙ୍ଗ ଯୁଦ୍ଧର ଏହା ଏକ ପ୍ରମୁଖ କାରଣ ଥିଲା । କଳିଙ୍ଗର ସର୍ବଶ୍ରେଷ୍ଠ ଶାସକ ମହା ମେଘବାହନ ଖାରବେଳଙ୍କ ପୃଷ୍ଠପୋଷକତା ହେତୁ ସମୁଦ୍ର ବାଣିଜ୍ୟ ଯଥେଷ୍ଟ ବୃଦ୍ଧି ପାଇଥିଲା । ନୌବାଣିଜ୍ୟ ବିଷୟରେ ହାତି ଗୁମ୍ଫା ଲିପି ଓ ମାଦଳା ପାଞ୍ଜିରେ ଚିତ୍ରଣ କରାଯାଇଛି ଯାହା ଓଡିଶାର ପ୍ରାଚୀନ ଇତିହାସର ସର୍ବଶ୍ରେଷ୍ଠ ଉତ୍ସ ଅଟେ । ସେହିଭଳି ଖାରବେଳଙ୍କ ରାଜଧାନୀ ଶିଶୁପାଳଗଡର ଖନନରୁ ମିଳିଥିବା ମୁଦ୍ରାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ସେହି ସମୟର ସାମୁଦ୍ରିକ ପରମ୍ପରାକୁ ଆଲୋକିତ କରିଥାଏ । ଇଣ୍ଡୋନେସିଆ, ମାଲେସିଆ ,ଦକ୍ଷିଣ ଏସିଆ ଦେଶ ସହିତ ଶ୍ରୀଲଙ୍କା, ମିଆଁମାର, ମାଲଦ୍ୱୀପ ଇତ୍ୟାଦି ସହିତ କଳିଙ୍ଗ ଓ ପୂର୍ବ ଆଫ୍ରିକୀୟ ଦେଶ ତଥା କେତେକ ଆରବ ଦେଶ ମଧ୍ୟରେ ବାଣିଜ୍ୟ ସଂଯୋଗ ମଧ୍ୟ କଳିଙ୍ଗର ସାମୁଦ୍ରିକ ବାଣିଜ୍ୟର ପରିମାଣ ଓ ବିସ୍ତାରକୁ ଦର୍ଶାଇଥାଏ । ଏହି ବାଣିଜ୍ୟ କେବଳ ଅର୍ଥନୈତିକ ବିକାଶରେ ସହାୟକ ହୋଇନାହିଁ ବରଂ ସମଗ୍ର ଅଞ୍ଚଳର ସାମାଜିକ-ସାଂସ୍କୃତିକ ଅଗ୍ରଗତିକୁ ବଳିଷ୍ଠ କରିଥାଏ । ବର୍ମାରେ ବୌଦ୍ଧ ଧର୍ମର ବିସ୍ତାର ବର୍ମାର ପ୍ରାଚୀନ ଗ୍ରନ୍ଥ ଅନୁଯାୟୀ କଳିଙ୍ଗ ବ୍ୟବସାୟୀମାନେ କରିଥିଲେ । ବଙ୍ଗୋପସାଗରରେ ଆରବ ବ୍ୟବସାୟୀଙ୍କ ଆଗମନ ପରେ ପର୍ତ୍ତୁଗୀଜ୍, ଡଚ୍ ଏବଂ ପରବର୍ତ୍ତୀ ସମୟରେ କଳିଙ୍ଗର ଏହି ସାମୁଦ୍ରିକ ବାଣିଜ୍ୟ ହ୍ରାସ ପାଇବାରେ ଲାଗିଲା । ମୁସଲିମ ଶାସନ କାଳରେ ଶାସକମାନଙ୍କ ପୃଷ୍ଠପୋଷକତା ଅଭାବରୁ ଏବଂ ବ୍ରିଟିଶ ଯୁଗରେ ଓଡିଶାର ସାମୁଦ୍ରିକ ବାଣିଜ୍ୟ ସଂପୂର୍ଣ୍ଣ ହ୍ରାସ ପାଇଲା । ମହାନଦୀ, ବୈତରଣୀ, ଋଷିକୁଲ୍ୟା ନଦୀ ଆଜିବି ପ୍ରବାହିତ ହେଉଛି, କିନ୍ତୁ ବର୍ତ୍ତମାନ କୌଣସି ସାଧବ (ବ୍ୟବସାୟୀ) ବା କୌଣସି ବୋଇତ ନାହିଁ । କେବଳ ଗୌରବମୟ ଅତୀତର ସ୍ମୃତି ଆଜି ଉପସ୍ଥିତ ଅଛି ଓ ଓଡିଆ ସମାଜ ବଞ୍ଚିବା ପର୍ଯ୍ୟନ୍ତ ସେଗୁଡ଼ିକ ରହିବ। ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ସମୟର ଗତି ସହିତ କୌଣସି ଦ୍ୱନ୍ଦ ସୃଷ୍ଟି କରିନାହିଁ, କିନ୍ତୁ ସମଗ୍ର ଭାରତ-ପ୍ରଶାନ୍ତ ମହାସାଗରରେ ଏହା ସୃଷ୍ଟି କରିଥିବା ପ୍ରଭାବ ଭାରତକୁ କୂଟନୈତିକ, ଅର୍ଥନୈତିକ ଦୃଷ୍ଟିରୁ ଏକ ଉତ୍ତମ ଶୈଳୀରେ ବୁଝାମଣା କରିବାକୁ ଏକ ସୀମା ପ୍ରଦାନ କରେ ।

ପ୍ରାଚୀନ ଓଡ଼ିଶାରେ ଦୁଇ ପ୍ରକାର ବନ୍ଦର ଥିଲା ଯାହା ସ୍ଥାନ ଆଧାରରେ ବର୍ଗୀକରଣ କରାଯାଇଥିଲା। ଏକ ପ୍ରକାର ବନ୍ଦର ସମୁଦ୍ର ଉପକୂଳରେ ଅବସ୍ଥିତ ଯେଉଁଠାରେ ପଣ୍ୟ ଗୁଡିକ ବୋଝେଇ ଓ ନିକାଶ ଆଦି କରାଯାଉଥିଲା । ଅନ୍ୟ ଏକ ପ୍ରକାର ବନ୍ଦର ନଦୀ ଓ ସମୁଦ୍ରର ମିଳନ ନିକଟରେ ଅବସ୍ଥିତ ଥିଲା ଯାହା ଉଚ୍ଚ ମାତ୍ରାର ପଣ୍ୟ ଭାରସାମ୍ୟକୁ ରକ୍ଷାକରି ବାଣିଜ୍ୟର ଗତିକୁ ଅଧିକ କ୍ରିୟାଶୀଳ କରିଥାଏ । କଳିଙ୍ଗରୁ ହିନ୍ଦୁମାନେ ଜାଭାରେ ହିନ୍ଦୁ ସଂସ୍କୃତି ପ୍ରତିଷ୍ଠା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଓଡିଶା ଓ ବାଲିରେ ପାରମ୍ପାରିକ ନୃତ୍ୟ ପରିବେଷଣ ହେଉଥିଲା ଯାହା ପ୍ରାଚୀନ ସାଂସ୍କୃତିକ ଆଦାନ ପ୍ରଦାନକୁ ସୂଚାଇଥାଏ । ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ଏହି ବାଣିଜ୍ୟ ହ୍ରାସ ପାଇବାରେ ଲାଗିଲା, ଯେହେତୁ ଆରବମାନେ ଏହି ସାମୁଦ୍ରିକ ଶକ୍ତି ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ପ୍ରାଚୀନ ବାଣିଜ୍ୟ ସମ୍ପର୍କକୁ ସ୍ମରଣ କରି "ବାଲିଯାତ୍ରା"ର ପର୍ବ ଏବେବି ଉପକୂଳ ଓଡ଼ିଶାରେ ପାଳନ କରାଯାଏ । ନୌବାଣିଜ୍ୟ ଦେଶ ଦେଶ ମଧ୍ୟରେ ସଂପର୍କକୁ ଅଧିକ ସହଯୋଗୀ କରିବା ସହିତ ସଂସ୍କୃତି ଓ ଅର୍ଥନୀତିକୁ ସମୃଦ୍ଧ କରିଥାଏ ଯାହା ଆଜି ଏକ ଜୟଯାତ୍ରା ଭାବରେ ପ୍ରତିୟମାନ ହୁଏ । ଉତ୍କଳର ସାଧବ ମାନେ ବୋଇତ ବା ଡଙ୍ଗାକୁ ଆଧାର କରି ସମ୍ପର୍କର ଏକ ସେତୁ ସୃଷ୍ଟି କରିଛନ୍ତି ଯାହା ଅନେକ କିମ୍ବଦନ୍ତୀ ଓ ମନସ୍ମୃତି ବହନ କରେ । ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିବା ଜଳରାଶିରେ ବାଣିଜ୍ୟ ପଥ ଆଜି ଉଭୟ ସାମାଜିକ-ସାଂସ୍କୃତିକ, ଭୌଗଳିକ, ରାଜନୈତିକ ତଥା ଅର୍ଥନୈତିକ ମହତ୍ତ୍ୱକୁ ପ୍ରତିପାଦନ କରିଥାଏ । ମାତ୍ର ୧୮୦୩ ମସିହାରେ ଦ୍ୱିତୀୟ ଆଙ୍ଗ୍ଲୋ-ମରାଠା ଯୁଦ୍ଧରେ ମରାଠାଙ୍କ ପରାଜୟ ଓ ଓଡିଶାରେ ବ୍ରିଟିଶ ସାମ୍ରାଜ୍ୟର ପ୍ରବେଶ ସହିତ ସାମୁଦ୍ରିକ ବାଣିଜ୍ୟର ଗତିପଥ ସୁପ୍ତ ତଥା ସମାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ବ୍ରିଟିଶ ମାନେ ସେମାନଙ୍କର ସ୍ୱାର୍ଥକୁ ଦୃଷ୍ଟି ଦେଇ ଅଭିନବ ଜ୍ଞାନ ଓ କୌଶଳରେ ଜଳପଥକୁ ବ୍ୟବହାର କଲେ । ମାତ୍ର ଆଜି ବୋଇତ, ଇତିହାସ ହୋଇଯାଇଥିଲେ ହେଁ ତାହା ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଅଛି ଯେ ଉତ୍କଳର ସାଧବ ମାନଙ୍କର କର୍ମ ପ୍ରବଣତା, ସଂସ୍କୃତି ପ୍ରତି ଆଗ୍ରହ, ବାଣିଜ୍ୟରେ ମନୋନିବେଶ ସର୍ବୋପରି ପ୍ରତିକୂଳ ପରିସ୍ଥିତିରେ ସାହସର ଶକ୍ତି । ବିସ୍ତୀର୍ଣ୍ଣ ଜଳରାଶିରେ ସାଧବ ମାନେ ବୋଇତ ସହ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବେ, ମାତ୍ର ତାହାକୁ ପ୍ରତିହତ କରି ଆଜି ଯେଉଁ ଗୌରବର ଜୟଯାତ୍ରା ପାଳନ ହେଉଛି ଏହା ଗୋଟିଏ ଜାତିର ଉତ୍କର୍ଷ ବୋଲି ସ୍ୱୀକାର କରିବାକୁ ପଡିବ । ଅତଏବ ବୋଇତରେ ସଂସ୍କୃତି ଓ ଅର୍ଥନୀତି ସୂଚନା ଦେଇଥାଏ ଅତୀତର ଉଦ୍ଦେଶ୍ୟ ଓ ସମୃଦ୍ଧି ।

# ମଧ୍ୟବିତ ସଂକୁଚିତ

ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

କଥାରେ ଅଛି 'ବଡ ପୁଅ ବାପର, ସାନ ମା'ର କିନ୍ତୁ ମଝି ମଝିଆ କାହାର ନୁହେଁ। ଏବେ ଭାରତୀୟ ଅର୍ଥନୀତିରେ ଏହା ଅନୁଭବ ହୁଏ। ଆମ ଦେଶରେ ବଡବଡିଆ ଅର୍ଥାତ ଧନୀକ ଗୋଷ୍ଠୀ(ଥିଲାବାଲା) ସରକାରଙ୍କର ବାହୁ ଛାୟା ଥିବା ବେଳେ ଗରିବ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାରେ ସମସ୍ତ ସହାୟତାର ଭାଗିଦାରୀ। କିନ୍ତୁ ମଝିମଝିଆ ଅର୍ଥାତ ମଧ୍ୟବିତ, ସବୁଥିରୁ ବଞ୍ଚିତ, ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ଏକ ପରିସଂଖ୍ୟାନରୁ ଜଣାପଡିଛି ଯେ, ଦେଶର ଧନୀକ ଗୋଷ୍ଠୀର ସମ୍ପତି ଦ୍ରୁତ ଗତିରେ ବୃଦ୍ଧି ପାଉଥିବାବେଳେ ଗରିବ ଗୋଷ୍ଠୀ ସମସ୍ତ ସରକାରୀ ଯୋଜନାରେ ସହାୟତାରେ ନିଜକୁ କେବଳ ସୁରକ୍ଷିତ ରଖିପାରିଛନ୍ତି। କିନ୍ତୁ ମଧ୍ୟବିତ ପରିବାରର ଆର୍ଥୀକ ଅବସ୍ଥା ଦିନକୁ ଦିନ ନିମ୍ନଗାମୀ ହେବାରେ ଲାଗିଛି। ଏହା ନିସନ୍ଦେହ ଯେ, ଦେଶରେ ଧନୀ, ଗରିବଙ୍କ ମଧ୍ୟରେ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ପୂର୍ବତଟ ରେଳ ଡିଭିଜନ ଖଣିଜ ପରିବହନ ମାଧ୍ୟମରେ ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନକାରୀ ଡିଭିଜନ ଭାବେ ମାନ୍ୟତା ହାସଲ କରିଥିବା ବେଳେ ଏହି ରାଜସ୍ୱର ସିଂହଭାଗ କେନ୍ଦୁଝର ଜିଲାର ଖଣିଜ ପରିବହନରୁ ଆୟ ହେଉଛି । ହେଲେ କେନ୍ଦୁଝରକୁ ଚାଲୁଥିବା ଟ୍ରେନ ଗୁଡିକୁ ସବୁଠାରୁ ବେଶୀ ଅବହେଳା କରାଯାଉଥିବା ଦେଖିବାକୁ ମିଳୁଛି । କେନ୍ଦୁଝର ଦେଇ ଚଳାଚଳ କରୁଥିବା ସମସ୍ତ ଟ୍ରେନ ନିର୍ଦ୍ଧାରିତ ସମୟ ଠାରୁ ଯଥେଷ୍ଟ ବିଳମ୍ବରେ ଚାଲୁଥିବା ବେଳେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା କେନ୍ଦୁଝରଗଡ଼ ଖୋର୍ଦ୍ଧରୋଡ଼ ମେମୁ ସ୍ପେଶାଲ ଟ୍ରେନର ବଗିକୁ ସଫା କରା ଯାଉନଥିବା ନେଇ ଲୋକେ ଅଭିଯୋଗ ପରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ଏହି ଟ୍ରେନରେ ଥିବା କୌଣସି ଶୌଚାଳୟକୁ ମଧ୍ୟ ସଫା କରଯାଉ ନଥିବାରୁ ଲୋକେ ଟ୍ରେନ ଭିତରେ ଶୌଚ କରିବା ପାଇଁ ଡ଼ରୁଥିବା ଜଣା ପଡ଼ିଛି । ଏ ନେଇ ପୂର୍ବରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପୂର୍ବତଟ ରେଳ ଡିଭିଜନ ଓ ଭାରତୀୟ ରେଳ ସେବାକୁ ଟ୍ୱିଟ କରାଯିବାରେ ଗତ ବର୍ଷ କିଛି ଦିନ ଟ୍ରେନକୁ ସଫା କରାଯାଉଥିଲା । ହେଲେ ଏବେ ପୁଣି ଅବସ୍ଥା ପୂର୍ବପରି ହୋଇ ଯାଇଛି । ସୂଚନା ଅନୁସାରେ ଜଣା ପଡ଼ିଛି ଯେ ଟ୍ରେନର ବଗି ସଫେଇ ଦାୟିତ୍ୱ କୌଣସି ଘରୋଇ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି, ହେଲେ କେନ୍ଦୁଝର ରେଳଷ୍ଟେସନରେ ରାତିରେ ଏହି ଟ୍ରେନକୁ ସଫା କରିବା ପାଇଁ ଏଜେନ୍ସି କୌଣସି କର୍ମଚାରୀ ରଖି ନାହିଁ । ଏପରିକି ଏହି ଟ୍ରେନକୁ ଖୋର୍ଦ୍ଧାରୋଡ଼ ଷ୍ଟେସନ ରେ ମଧ୍ୟ ଦୀର୍ଘଦିନ ହେବ ସଫା କରିବା ଦିଗରେ ଗୁରୁତ୍ୱ ଦିଆ ଯାଉନାହିଁ ।



# ସମବାୟ ସପ୍ତାହ ମହୋତ୍ସବରେ ଯୋଗଦେଲେ ମନ୍ତ୍ରୀ

ଢେଙ୍କାନାଳ (ଭାସ୍କର ନ୍ୟୁଜ୍) : ୭୧ ତମ ସର୍ବଭାରତୀୟ ସମବାୟ ସପ୍ତାହ ମହୋତ୍ସବ-୨୦୨୪ ପାଳନ ଅବସରରେ ପୁରୁଣା ଜିଲ୍ଲା ପରିଷଦ ସମ୍ମେଳନ କକ୍ଷରେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗ ଢେଙ୍କାନାଳ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ପାଳନ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳର ସମୃଦ୍ଧି ସମବାୟ ସମିତିର ଲକ୍ଷ୍ୟ । ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ସମବାୟର ସମୃଦ୍ଧି ଦ୍ୱାରା ହିଁ ସମ୍ଭବ । ସର୍ବଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଆଜି ଢେଙ୍କାନାଳ ଜିଲ୍ଲାସ୍ତରୀୟ ସମବାୟ ସପ୍ତାହ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହା ପ୍ରକାଶ କରିଛନ୍ତି । କୃଷି ଅର୍ଥନୀତିରେ ସମବାୟ ଅନୁଷ୍ଠାନର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିବାବେଳେ ଆମ ରାଜ୍ୟ ଅର୍ଥନୀତିର ମୁଖ୍ୟସ୍ରୋତରେ ସମବାୟ ଏକ ମାଇଲଖୁଂଟ ଭାବେ ନିଜକୁ ପ୍ରଦର୍ଶିତ କରି ଏକ ଆନ୍ଦୋଳନରେ ପରିଣତ ହୋଇଛି । ଗ୍ରାମାଂଚଳ ତଥା ସହରାଂଚଳରେ ଋଣ ପ୍ରଦାନ, କୃଷି ଉତ୍ପାଦନ ବୃଦ୍ଧି, ସାର ବିପଣନ, ଖାଉଟି କଲ୍ୟାଣ ଆଦି ବହୁମୁଖୀ କାର୍ଯ୍ୟକ୍ଷେତ୍ରରେ ସମବାୟର ଉଲ୍ଲେଖନୀୟ ଅବଦାନ ରହିଛି । ସମାଜର ଦୁର୍ବଳ ଓ ଅବହେଳିତ ଶ୍ରେଣୀଙ୍କ ପ୍ରଗତି ନିମନ୍ତେ ସମବାୟ ଏକ ବାସ୍ତବ କ୍ଷେତ୍ର । ସମବାୟ ଜରିଆରେ କୃଷିର ଉନ୍ନତି କୃଷକମାନଙ୍କ ଅର୍ଥନୈତିକ ବିକାଶ ପାଇଁ ଆମ ରାଜ୍ୟରେ ଅନେକ ଗୁଡିଏ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସମବାୟ ସଂସ୍ଥାଗୁଡିକ ଦୁର୍ନୀତିମୁକ୍ତ ରହି କିଭଳି ଭାବେ ଦେଶର ବିକାଶ ଦିଗରେ ସହାୟକ ହେବେ ସେଥିନେଇ ମନ୍ତ୍ରୀ ଶ୍ରୀ ପାତ୍ର ଦିଗଦର୍ଶନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପରିଡା, ଉପନିବନ୍ଧକ ସମବାୟ ସମିତି ସୁଶ୍ରୀ ସରୋଜିନୀ ଜେନା, ଢେଙ୍କାନାଳ ଜିଲ୍ଲା ତଥା ବରିଷ୍ଠ ସହକାରୀ ନିବନ୍ଧକ ଏବଂ ସହକାରୀ ନିବନ୍ଧକ ପ୍ରମୁଖ ଯୋଗଦାନ କରିଥିଲେ । ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ସମବାୟ ସମିତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ସର୍ବଭାରତୀୟ ସମବାୟ ସପ୍ତାହର ବିଷୟବସ୍ତୁ ରଖାଯାଇଛି 'ବିକଶିତ ଭାରତ ଗଠନରେ ସମବାୟର ଭୂମିକା' । ଆଗାମୀ ଦିନରେ ସମବାୟ ସମିତି ରାଜ୍ୟ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆହୁରି ପ୍ରଭାବଶାଳୀ ଭାବେ କାର୍ଯ୍ୟ କରିବ ବୋଲି ସମସ୍ତ ମଂଚାସୀନ ଅତିଥିବୃନ୍ଦ ଦୃଢ଼ ଆଶା ଓ ବିଶ୍ୱାସ ପ୍ରକଟ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗ ଦ୍ୱାରା ଅନୁଷ୍ଠିତ କନିଷ୍ଠ ଓ ବରିଷ୍ଠ, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପ୍ରତ୍ୟେକଙ୍କୁ ପ୍ରସଂଶାପତ୍ର ଓ ସହସ୍ର ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥରାଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏହାବ୍ୟତୀତ ସମବାୟସଂସ୍ଥାର ବିଭିନ୍ନ କାର୍ଯ୍ୟରେ ଅଗ୍ରଣୀ ରହି ଢେଙ୍କାନାଳ ଜିଲ୍ଲାକୁ ଗୌରବ ମଣ୍ଡିତ କରିଥିବା ସଫଳ ପ୍ୟାକସ୍, ବ୍ୟାଙ୍କ୍ ଶାଖା, ଅଗ୍ରଣୀ ଚାଷୀ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସହ ନିବନ୍ଧକ, ଢେଙ୍କାନାଳ ସୁଶ୍ରୀ ଦୀପାଳି ସିଂହ ଉପସ୍ଥିତ ଆଜିର କାର୍ଯ୍ୟକ୍ରମକୁ ସଫଳ କରିଥିବା ଅଂଶଗ୍ରହଣକାରୀ ସମସ୍ତ ଛାତ୍ରୀ ଛାତ୍ର ଅଧିକାରୀ ଗଣ ଓ କର୍ମଚାରୀ ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବତୀଙ୍କୁ ବଳାତ୍କାର ଅଭିଯୁକ୍ତ ଗିରଫ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଅସେଇଁକଳା ପଞ୍ଚାୟତରେ ଜଣେ ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତ ଗିରଫ ହୋଇଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ହେଲେ ଯୋଡା ବ୍ଲକ ଅନ୍ତର୍ଗତ ପୁଟୁ ଗାଁ ଅଞ୍ଚଳର ବିକାଶ ଓରାମ (୨୧) ବୋଲି ଜଣାପଡିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଯୁବତୀଙ୍କ ପରିବାର ଲୋକେ ଚାଉଳରୁ ପ୍ରସ୍ତୁତ ମଦ ବିକ୍ରି କରନ୍ତି । ଶୁକ୍ରବାର ଦିନ ପ୍ରାୟ ୨/୩ ଟା ସମୟରେ ଯୁବତୀ ଜଣକ ଗାଧୋଇ ସାରି ଘରକୁ ଆସି ଲୁଗା ପିନ୍ଧିବା ସମୟରେ ବିକାଶ ଓରାମ ତାଙ୍କ ଘରକୁ ଆସି ମଦରସି ମାଗିଥିଲେ । ଘରେ କେହି ନ ଥିବାରୁ ଯୁବତୀ ଜଣକ ତାଙ୍କୁ ମଦ ନଥିବା କହି ଫେରାଇ ଦେଇ ରୋଷେଇ ଘରକୁ ପଶି ଖାଇବାକୁ ଯାଇଥିବା ବେଳେ କୌଶଳ କରି ବିକାଶ ଓରାମ ମଧ୍ୟ ଭିତରକୁ ପଶି ଯୁବତୀଙ୍କୁ ବଳ ପୂର୍ବକ ବଳାତ୍କାର କରିଥିଲେ । ଅନ୍ୟ ଏକ ଘରେ ଯୁବତୀଙ୍କ ସାନ ଭାଇ ଶୋଇଥିଲେ । ଯୁବତୀଙ୍କ ଚିତ୍କାର ଓ କବାଟର ଶବ୍ଦ ଶୁଣି ଆସିଥିଲେ । ତେବେ ଏହି ସମୟରେ ଅଭିଯୁକ୍ତ ବିକାଶ ଓରାମ ସେଠାରୁ ଦୌଡ଼ି ପଳାଇ ଯିବା ସମୟରେ ସାନ ଭାଇ ବିକାଶ ଓରାମ ଙ୍କୁ ଚିହ୍ନି ପାରିଥିଲେ । ଏ ନେଇ ଯୋଡା ଥାନାକୁ ଆସି ଯୁବତୀ ଜଣକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ କେଶ୍ ନଂ ୨୯୭/୨୦୨୪ଦଫା ୬୪(୧)ବି ଏନ୍‌ଏସ ରୁଜୁ କରି ଅଭିଯୁକ୍ତ ବିକାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି ।

# ମାଗଣା ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟନ କଲେ ବିଧାୟକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ରବିବାର ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବାଳକୃଷ୍ଣ ବିଦ୍ୟାନିକେତନ ପୁରାତନ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ଓ ସମ୍ ହସପିଟାଲ-୨ ଫୁଲନଖରା ଭୁବନେଶ୍ୱର ସହଯୋଗରେ ଅନୁଷ୍ଠିତ ଏହି ଶିବିରର ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥିରୂପେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସେନାପତି, ବଳଦେବ ଜୀୟୁ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ସରପଞ୍ଚ ତିଲୋତ୍ତମା ରାଉତ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସଭାରେ ଅନୁଷ୍ଠାନର ସଭାପତି ଗୌତମ ଚରଣ ଦାସ ସଭାପତିତ୍ୱ କରିଥିଲେ । ପୁରାତନ ଛାତ୍ର ପଦ୍ମଚରଣ ଆଚାର୍ଯ୍ୟ ସ୍ୱାଗତ ଭାଷଣ, ଜ୍ୟୋତିରଞ୍ଜନ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ସୁରେନ୍ଦ୍ରନାଥ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ ବଳରାମ ପାତ୍ର, ଜଗବନ୍ଧୁ ବିଶ୍ୱାଳ, ରାମଚନ୍ଦ୍ର ଲେଙ୍କା, ଭଗବାନ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ଆଇନଜୀବୀ ସ୍ମୃତିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ସମ ହସପିଟାଲର ମେଡିସିନ, ସର୍ଜରୀ, ଅସ୍ଥିଶଲ୍ୟ, ଚର୍ମ ଓ ଯୌନ ରୋଗ, ସ୍ତ୍ରୀ ଓ ପ୍ରସୂତୀ, କର୍ଣ୍ଣ ନାସା ଗଳା, ଦନ୍ତ ଚିକିତ୍ସା, ଶିଶୁରୋଗ, ଚକ୍ଷୁ ଚିକିତ୍ସା ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦାନ କରି ମାଗଣାରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସତ୍ୟାନନ୍ଦ ପ୍ରଧାନ, ପ୍ରଶାନ୍ତ ନାୟକ, ରଞ୍ଜନ ଦାସ,ବିଜୟ କୁମାର ବେଦାନ୍ତ, ନାରାୟଣ ଭାରତୀ, ପଦ୍ମ ଲୋଚନ ରାଉତ, କୁଳମଣୀ ରାଉତ, ଉତ୍ସବ ଦାସ, ଦୀପକ ପରିଡା, ମନୋଜ ବେହେରା, ପ୍ରଭାତ କୁମାର ସ୍ୱାଇଁ, ମନୋଜ ଘଡେଇ, କମଳା ଘଡେଇ, କମଳା ବସ୍ତିଆ, ଚନ୍ଦନ ରାଉତ, ସାରଦା ମିଶ୍ର, ମାନସ ରଞ୍ଜନ ବେହେରା,ଭାଗ୍ୟଧର ମହାପାତ୍ର, ଜିତେନ୍ଦ୍ର ସ୍ୱାଇଁ,ଜଗତଜୀବନ ପଣ୍ଡା, ତପନ ଜେନା, ହିମାଂଶୁ ଶେଖର ସ୍ୱାଇଁ,ପ୍ରଶାନ୍ତ ଦାସ,ଆଲୋକ ଦାସ, ବିଶ୍ୱଜିତ ମହାପାତ୍ର, ବଳରାମ ରାଉତ, ରଞ୍ଜିତ ମହାପାତ୍ର,ତାପସ ଦାସ,ପ୍ରଶାନ୍ତ ଦାସ, ଯଶୋବନ୍ଦ ଦାସ, ଗୌତମ ଦଳାଇ, ଶ୍ରୀକାନ୍ତ ଗାୟା, ସରୋଜ ପ୍ରଧାନ ପ୍ରମୁଖ ବହୁ ପୁରାତନ ଛାତ୍ର ପୂର୍ଣ୍ଣ ସହଯୋଗ କରିଥିଲେ ।

# ବ୍ଲକ୍ ପରିସରରୁ ନଡିଆ ଗାଏବ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ପରିସର ରେ ଥିବା ନଡ଼ିଆ ଗଛ ଗୁଡ଼ିକରୁ ଗତ ଶୁକ୍ର ବାର ଦିନ ଶହ ଶହ ନଡ଼ିଆ ଓ ପଇଡ଼ ତୋଳା ଯାଇଥିଲା । ଯାହାର ବଜାର ଦର ୫ ହଜାରରୁ ଅଧିକ ମୂଲ୍ୟ ହେବ ବୋଲି ବ୍ଲକ ରେ କାର୍ଯ୍ୟ ରତ କର୍ମଚାରୀ ମାନେ କହିଛନ୍ତି । ଏତେ ପରିମାଣର ନଡ଼ିଆ ଓ ପଇଡ଼ ତୋଳାଯାଇ ଗଲା କୁଆଡେ । ନଡ଼ିଆ ତୋଳିବାକୁ କିଏ ଦେଇଥିଲା ଅନୁମତି ବୋଲି ବ୍ଲକ କାର୍ଯ୍ୟାଳୟ ରେ ଆଲୋଚନା ର ବିଷୟ ପାଲଟିଛି । ନଡ଼ିଆ

ତୋଳୁଥିବା ବ୍ୟକ୍ତି ଓ ସେଠାରେ ଉପ ସ୍ଥିତ ଥିବା ଲୋକମାନଙ୍କୁ ପଚାରିବାରୁ କେହି ମୁହଁ ଖୋଲି ନଥିଲେ । ଏହି ଘଟଣା ଏବେ ନିଆଳି ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଟ୍ରକ୍ ଚାପାରେ ମାଛ ବ୍ୟବସାୟୀଙ୍କ ମୃତ୍ୟୁ: ରାସ୍ତା ଅବରୋଧ

ପାରାଦୀପ (ଭାସ୍କର ନ୍ୟୁଜ୍) : ରବିବାର ଛାଡଖାଇ, କେତେ ଆଶା ଥିଲା ଆଜି ଭଲକରି ବେପାର କରି ଭଲ ଦୁଇ ପଇସା ରୋଜଗାର କରିବାକୁ । ହେଲେ ବିଧିର ବିଧାନ ଥିଲା ଆଉ କିଛି ଅଲଗା । ଛାଡଖାଇରେ ଛାଡି ଚାଲିଗଲା ଜୀବନ । ଏହିପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ପାରାଦୀପ ବନ୍ଦର ପ୍ରବେଶ ପଥ ଅଠରବାଙ୍କି ଗେଟ ସମ୍ମୁଖରେ । ଘଟଣାରୁ ପ୍ରକାଶ ପାରାଦୀପ ବାଲିଝରା ବସ୍ତିର କ୍ଷୁଦ୍ର ମାଛ ବ୍ୟବସାୟୀ ମହେନ୍ଦ୍ର ଜେନା ରବିବାର ଛାଡଖାଇରେ ସକାଳୁ ମାଛ ନେଇ ବାଲିପୁଟରେ ମାଛ ନେଇ ଯିବା ବାଟରେ ଅଠରବାଙ୍କି ପ୍ରବେଶ ପଥ ସାମ୍ନାରେ ଏକ ଦ୍ରୁତଗାମୀ ଟ୍ରକ ତାଙ୍କ ଉପରେ ମାଡି ଯିବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଯାହାକୁ ନେଇ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବି କରି ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରି ଥିଲେ ସ୍ଥାନୀୟ ବିଲିଝରା ବସ୍ତି ଅଞ୍ଚଳର ଲୋକେ । ଏପରିକି ରାସ୍ତା ଉପରେ ମହେନ୍ଦ୍ରଙ୍କ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ ମଧ୍ୟ କରିଥିଲେ । ତେବେ ଦୀର୍ଘ ୫ଘଣ୍ଟା ଧରି ରାସ୍ତା ଅବରୋଧ ପରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତାରୋକ ହଟିଥିଲା ଓ ଏନେଇ ରେଡକ୍ରସ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଓ ଆସନ୍ତା ୨୨ ତାରିଖରେ କ୍ଷତିପୂରଣ ନେଇ ଆଲୋଚନା କରାଯିବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ଘଟିଥିଲେ ସୁଦ୍ଧା ଟ୍ରାଫିକ ପରିଚାଳନାରେ ଏପର୍ଯ୍ୟନ୍ତ ସୁଧାର ଆସିପାରିନାହିଁ । ତେଣୁ ପ୍ରଶାସନ ତୁରନ୍ତ ଟ୍ରାଫିକ ପରିଚାଳନା ଓ ନିୟନ୍ତ୍ରଣକୁ ସୁବ୍ୟବସ୍ଥିତ କରିବାକୁ ସାଧାରଣରେ ଦାବୀ ହେଉଛି । ତେବେ ସମ୍ପ୍ରତି ପାରାଦୀପରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଚାଲିଥିବାରୁ ଦୈନନ୍ଦିନ ହଜାର ହଜାର ଲୋକଙ୍କ ଚଳପ୍ରଚଳକୁ ଦୃଷ୍ଟି ରେ ରଖି ସମ୍ପ୍ରତି ଭାରି ଯାନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରିବାକୁ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମାନେ କହିଛନ୍ତି ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଲା ଷଣ୍ଢଙ୍କ ଆତଙ୍କ

ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ସୁରକ୍ଷା ଢ଼ିଲା । ବୁଲା ଷଣ୍ଢ ଓ ଗୋରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଶି ଯାଉଥିବା ବେଳେ ରୋଗୀମାନେ ଆତଙ୍କିତ ହୋଇପଡ଼ିଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ସୁରକ୍ଷା କର୍ମୀ ନଥିଲା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ବୁଲା ଷଣ୍ଢ ପଶି ଆସୁଛନ୍ତି । ବୁଲା ଷଣ୍ଢ ରୋଗୀ ସ୍ୱାସ୍ଥ୍ୟ ଗୃହରେ ବୁଲୁଥିବା ବେଳେ କେତେକ ରୋଗୀ ଆତଙ୍କିତ ହୋଇପଡ଼ିଥିଲେ । ଜଣେ ଗଣମାଧ୍ୟମ ପ୍ରତିନିଧି ଏହି ଘଟଣାକୁ ମୋବାଇଲ୍‌ରେ ଭିଡ଼ିଓ ସୁଟିଂ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀମାନେ କେଉଁଆଡ଼େ ଯାଇଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଷଣ୍ଢ ପଶିଗଲା ତାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ଦେଖା ଦେଇଛି । ବୁଲା ଗୋରୁ କୌଣସି ମୁହୂର୍ତ୍ତରେ ରୋଗୀମାନଙ୍କୁ ଆକ୍ରମଣ କରିବେ ତାହା କହି ହେଉନାହିଁ ।

# ବାଇକ୍ ଧକ୍କାରେ ଜଣେ ମୃତ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ଥାନା ଅନ୍ତର୍ଗତ ସାନଦେଉଳି ଗ୍ରାମ ନିକଟରେ ଅଟୋ ଓ ବୁଲେଟ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ବୁଲେଟ ଆରୋହୀଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶ ଯେ ସନ୍ଧ୍ୟା ସମୟରେ ଏକ ଅଟୋ ଯୋଗେ କରଞ୍ଜିଆ ବ୍ଲକ ପିଙ୍କୁ ଗ୍ରାମରୁ ଗୋଟିଏ ପରିବାରର ଶାଶୂ, ବୋହୂ ଓ ପୁଅ କରଞ୍ଜିଆ ପଟକୁ ଆସୁଥିବା ବେଳେ କରଞ୍ଜିଆ ପଟୁ ଚଢେଇଭୋଳ ପଟକୁ ଯାଉଥିବା ଏକ ବୁଲେଟ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ପ୍ରତକ୍ଷ୍ୟଦର୍ଶୀଙ୍କ ଅନୁଯାୟୀ ବୁଲେଟଟି ଅଟୋ ସହିତ ଧକ୍କା ହେବା ପରେ ନିକଟରେ ଥିବା ଗଛରେ ଧକ୍କା ହେବା ଫଳରେ ମୁଣ୍ଡରେ ଆଘାତ ହୋଇ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଦୁର୍ଘଟଣାରେ ମୃତ ଜଣଙ୍କ କରଞ୍ଜିଆ ଥାନା ଘୋଷଦା ଗ୍ରାମର ପାଣ୍ଡବ ମାଝୀଙ୍କ ପୁଅ ଯତନ ମାଝୀ । ସେ କରଞ୍ଜିଆ

ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଭଗବାନ ବିର୍ଶାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ସନତ କୁମାର ବେହେରାଙ୍କ ପୌରୋହିତ୍ୟରେ ଓ ଶିକ୍ଷକ ଡ. କାଳୀପଦ ଦାସଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାରୋ ପଞ୍ଚାୟତ ସରପଞ୍ଚ ଉଦ୍ଧବ ଚରଣ ନାୟକ, ମୁଖ୍ୟ ବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘ ବ୍ଲକ ସଂପାଦକ ରମାକାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସୋମନାଥ ମଲିକ, ମୋ ସ୍କୁଲ ସଭାପତି ରଘୁନାଥ ମଲିକ, ସମାଜସେବୀ ପ୍ରଶାନ୍ତ ମଲିକ, ରାମଚନ୍ଦ୍ର ନାୟକ, ରମାକାନ୍ତ ମଲିକ, ପରିଚାଳନା କମିଟି ସଦସ୍ୟ ପଦ୍ମଲୋଚନ ମଲିକ, ଶ୍ରୀନିବାସ ମଲିକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ ବିର୍ଶା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ଓ ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ । ଶିକ୍ଷକ ଶଶିକାନ୍ତ ପଣ୍ଡା, ଅଜିତ୍ ପରମାଣିକ, ସସ୍ମିତା ସାହୁ, ବସନ୍ତ କୁମାର ଗାଗରାଇ, ମନୋରଂଜନ ମହାରଣା, ଯୁବରାଜ ମାଝୀ, ତୃପ୍ତିମୟୀ ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗ ଦେଇଥିବା ବେଳେ ସ୍କୁଲର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଅବ୍ୟବସ୍ଥା ଘେରରେ ଗୋବିନ୍ଦପାଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ଖଇରପୁଟ(ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପଲ୍ଲୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିରହିଛି ଅବ୍ୟବସ୍ଥା । ନିକଟସ୍ଥ ତିନୋଟି ପଞ୍ଚାୟତ ଯଥା ଗୋବିନ୍ଦପାଲ୍ଲୀ,ମାଡ଼କାପଦର , ବଡଦୁରାଲ ର ପଞ୍ଚାୟତବାସୀ ଏହି ସ୍ୱାସ୍ଥ୍ୟଲୟ ଉପରେ ଭରସା କରୁଥିବା ବେଳେ, ରୋଗୀ ପହଁଚିଲା ବେଳକୁ ଡାକ୍ତରଙ୍କ ଚେୟାର ଖାଲି ଥାଏ । ରୋଗୀ ବାଧ୍ୟ ହୋଇ ଫାର୍ମାସିଷ୍ଟଙ୍କୁ ଦେଖେଇ ଫେରିଥାନ୍ତି । ଗତ ପଞ୍ଚାୟତ ସମିତି ବୈଠକରେ ତିନି ପଞ୍ଚାୟତର ସରପଞ୍ଚ ଅଭିଯୋଗ କରିଥିଲେ କିନ୍ତୁ ବର୍ତ୍ତମାନ ସୁଧା କୌଣସି ସୁଫଳ ମିଳୁନାହିଁ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ଥାୟୀ ଡାକ୍ତର ସହିତ ଉତ୍ତମ ସେବା ପ୍ରଦାନ କରିବାପାଇଁ ଜନ ସାଧାରଣରେ ଚର୍ଚ୍ଚା ହେଉଅଛି । ତେବେ ଏହି ଅଭିଯୋଗ କୁ ନେଇ ଆମେ ସ୍ଥାନୀୟ ଡାକ୍ତର ଶ୍ରୀ କରଙ୍କୁ ପଚାରି ଥିବାରୁ ଏହା ମିଥ୍ୟା ବୋଲି କହିଛନ୍ତି । ତେବେ ଏହି ଅଭିଯୋଗ ର ତଦନ୍ତ ପାଇଁ ସାଧାରଣ ରେ ଦାବି ହେଉଛି ।

# ଜଳିଗଲା ୧୨ ଏକର ଜମିର ଧାନ ଫସଲ

ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଅଧୀନସ୍ଥ ମାଳିଗୁଡ଼ା ଗ୍ରାମର ଏକ ଖଳାରେ ନିଆଁ ଲାଗି ୧୨ଏକର ଜମିରେ ହୋଇଥିବା ଧାନ ଫସଲ ପୋଡ଼ି ନଷ୍ଟ ହୋଇଯାଇଛି । ନିଆଁ ଲାଗି ଧାନ ନଷ୍ଟ ହୋଇଯିବା ପରେ ୫ ଜଣ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ସୂଚନା ଅନୁଯାୟୀ, ମାଳିଗୁଡ଼ା ଗ୍ରାମର ହୀରା ମାଳି, ଲକ୍ଷ୍ମୀଧର ମାଳି, ଗଜେନ୍ଦ୍ର ମାଳି, ଅଚ୍ୟୁତ ମାଳି ଓ ଦେବରାଜ ମାଳି ନିଜ ଜମିର ଧାନ ଅମଳ କରିବା ପରେ ଗାଁ ନିକଟସ୍ଥ ଏକ ଖଳାରେ ଗଦା କରି ରଖିଥିଲେ । ତେବେ ଗତକାଲି ସକାଳ ସାଢ଼େ ୧୦ଟାରେ କୌଣସି କାରଣରୁ ଧାନଗଦାରେ ନିଆଁ ଲାଗି ଯାଇଥିଲା । ଏହା ଦେଖିବା ପରେ ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ । ଏହି ସମୟରେ

ସେହି ରାସ୍ତା ଦେଇ ଯାଉଥିବା ଜିଲ୍ଲା ପରିଷଦ ସଭ୍ୟା ବିନତି ଖିଲ ଧାନ ଗଦାରେ ନିଆଁ ଲାଗିବା ଦେଖି ନିଜେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିଥିଲେ । ତୁରନ୍ତ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ୧୨ ଏକର ଜମିରେ ହୋଇଥିବା ଧାନ ପୁରା ପୁରି ପୋଡ଼ି ପାଉଁଶ ହୋଇଯାଇଥିଲା । ୫ ଜଣ ଚାଷୀଙ୍କ ଧାନ ପୋଡ଼ି ଯିବା ପରେ ପରିବାର ପ୍ରତିପୋଷଣ ଓ ଋଣ ପରିଶୋଧ ନେଇ ସମସ୍ତେ ଚିନ୍ତାରେ ପଡ଼ିଛନ୍ତି । ବିଧବା ହୀରା ମାଳିଙ୍କ ଧାନ ସମ୍ପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇ ଯାଇଥିବାରୁ ଦୁଇ ସନ୍ତାନଙ୍କୁ ନେଇ କିଭଳି ଚଳିବେ ସେ ନେଇ ଚିନ୍ତାରେ ରହିଛନ୍ତି । ଚିତ୍ରକୋଣ୍ଡା ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଦୋରାଗୁଡ଼ା ଆ ?ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି । ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପରିଷଦ ସଭ୍ୟା ବିନତି ଖିଲ ଓ ମାଳିଗୁଡ଼ା ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ଶିକ୍ଷାକୁ ଗୁରୁତ୍ୱ, ମୋହନ ସରକାରଙ୍କ ଦାୟିତ୍ୱ: ଗଣଶିକ୍ଷା ମନ୍ତ୍ରୀ

ମୁନିଗୁଡା/ଚନ୍ଦ୍ରପୁରୁ(ଭାସ୍କର ନ୍ୟୁଜ): ରାଜ୍ୟରେ ଜନସାଧାରଣଙ୍କ ବିଶ୍ୱାସ ଭାଜନ ହୋଇଛି ବିଜେପି ସରକାର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେବା ଅଳ୍ପ ଦିନ ମଧ୍ୟରେ ବହୁ ଜନକଲ୍ୟାଣମୂଳକ କାର୍ଯ୍ୟ ପୂର୍ବ ସରକାରଙ୍କ ଭଳି ପ୍ରଶାସକଙ୍କ ଉପରେ ନ୍ୟସ୍ତ ନ କରି ଲୋକଙ୍କ ପ୍ରତିନିଧି ମାନଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ସ୍ୱଚ୍ଛତାର ସହିତ ଜନକଲ୍ୟାଣ କାର୍ଯ୍ୟ କରାଯାଉଛି । ଯାହାକି କେଇଟା ଦିନ ସରକାର ହେବା ଦିନରୁ ଲୋକଙ୍କ ସମୁହ ସ୍ୱାର୍ଥ ପାଇଁ ମନ୍ତ୍ରୀମାନେ ଗ୍ରାମାଞ୍ଚଳରେ ପହଁଞ୍ଚିପାରୁଛନ୍ତି । ମୋହନ ସରକାର ଶିକ୍ଷା ପ୍ରତି ଗୁରୁତ୍ୱ ଦେଉଥିବା ପ୍ରକାଶ କରିଛନ୍ତି ଗଣଶିକ୍ଷା ତଥା କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଶ୍ରୀ ଗଣ୍ଡ ରାୟଗଡା ଜିଲ୍ଲାର ବିଭିନ୍ନ ବ୍ଲକର ଉଚ୍ଚ ବିଦ୍ୟାଳୟ ପରି ଦର୍ଶନ କରି ସମସ୍ୟା ବୁଝିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଚନ୍ଦ୍ରପୁରୁ ବ୍ଲକ ଡାଙ୍ଗସୋରଡା କଲ୍ୟାଣ ବିଭାଗର ଉଚ୍ଚ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡ ଆଠ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିବାବେଳେ ସମ୍ମାନ୍ନିତ ଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ , ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧା ମୋହନ ଦାସ, ବିଜେପି ଜିଲ୍ଲା ସଭାପତି ଶିବ ପଟ୍ଟନାୟକ,ରାଜ୍ୟ ବିଜେପି ମୋର୍ଚ୍ଚା ସଭାପତି କାଳୀ ଚରଣ ମାଝୀ,ରାଜ୍ୟ ସଦସ୍ୟ ଶିବଶଙ୍କର ଉଲ୍ଲାକା, ମଣ୍ଡଳ ସଭାପତି ବାପି ସାହୁକାର ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀଙ୍କ ଦ୍ୱାରା ସ୍ଥାପିତ ପ୍ରତିମୂର୍ତ୍ତି ବିଷୟରେ ବିସ୍ତୃତ ଭାବେ ଅତିଥିମାନେ ଆଲୋଚନା କରିଥିଲେ । ଏହାପରେ ମନ୍ତ୍ରୀ ବିଷମକଟକ ବ୍ଲକ ଡାକୁଲୁଗୁଡା ଉଚ୍ଚ ବିଦ୍ୟାଳୟର ବହୁମୂଲ୍ୟରେ ନିର୍ମିତ ବିଲ୍ଡିଙ୍ଗ୍ ଉଦ୍ଘାଟନ କରିବା ସହ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା

ପଚାରି ବୁଝିଥିଲେ । ଅପରପକ୍ଷରେ ରାୟଗଡା ଠାରେ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକ୍ରମରେ ଯୋଗଦେଇ ସଂଘ ପକ୍ଷରୁ ମନ୍ତ୍ରୀ ଶ୍ରୀଯୁକ୍ତ ଗଣ୍ଡଙ୍କୁ ପୁଷ୍ପଗୁଚ୍ଛ ଓ ଉପ ଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ନୂତନ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଅଗ୍ରଗତି ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମରେ କହିଛନ୍ତି । ଏହି ଅବସରରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ବିଭିନ୍ନ ଶିକ୍ଷକ ବର୍ଗ ପରିବର୍ତ୍ତେ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଏକକ ବର୍ଗରେ ପରିଣତ କରିବା ଏବଂ ଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ବନ୍ଦ ଥିବା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ନିମନ୍ତେ ସଂଘ ଦାବିପତ୍ର ପ୍ରଦାନ ପୂର୍ବକ ଅନୁରୋଧ କରିଥିବା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ନୀଳାଞ୍ଚଳ ମିଶ୍ର କହିଛନ୍ତି । ଶିକ୍ଷକ ମାନଙ୍କ ପଦୋନ୍ନତି ନିମନ୍ତେ ସରକାର ଚେଷ୍ଟିତ ଏବଂ ଅତିଶୀଘ୍ର ଏହାର କାର୍ଯ୍ୟକାରୀ ହେବ ତଥା ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ନିମନ୍ତେ ସ୍ୱତନ୍ତ୍ର ଏକକ ବର୍ଗ ସଂରଚନା ନିମନ୍ତେ ସରକାର ଚିନ୍ତା କରୁଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ।

# ୧୯୦ ଅନାଥ ଶିଶୁ ଚିହ୍ନଟ କଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍

ମାଲକାନଗିରି(ଭାସ୍କର ନ୍ୟୁଜ): ଚିତ୍ରକୋଣ୍ଡା ସଭିମାନ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ତରଫରୁ ଅନାଥ ଶିଶୁ ଚିହ୍ନଟ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ ସମିତି ଦ୍ୱାରା ସ୍ୱାଭିମାନ ଅଞ୍ଚଳରୁ ୧୯୦ ଅନାଥ ଶିଶୁଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ଥଇଥାନ ଓ ପାଠପଢା ବ୍ୟବସ୍ଥା କରାଯିବ । ଜିଲ୍ଲା ଶିଶୁ ସୁରକ୍ଷ ଅଧିକରୀ ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତି ସଦସ୍ୟ କିଶୋରଚନ୍ଦ୍ର ମହାରଣା, ବିଭୁତି ଭୂଷଣ ବେହେରା, ସଦସ୍ୟା କୁଞ୍ଜଲତା ପ୍ରଧାନ ପ୍ରମୁଖ ଅନାଥ ଶିଶୁଙ୍କ ବର୍ତ୍ତମାନର ସାମାଜିକ ସ୍ଥିତି, ଶିକ୍ଷା ଓ ସ୍ୱାସ୍ଥ୍ୟଗତ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ । ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପରାମର୍ଶ ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଅନାଥ ଶିଶୁଙ୍କୁ ଥଇଥାନ, ପାଠପଢା ଓ ସରକାରଙ୍କ ବିଭିନ୍ନ ଯୋଜନାରେ ସୁବିଧ ଯେଗାଇ ଦେବାର ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଇସିଡିଏସ୍ ସୁପରଭାଗାଇଜର ଓ ସ୍ଥାନୀୟ ଲୋକପ୍ରତିନିଧି, ଗଙ୍ଗାଧର ସାଗର, ଶିବ ଚରଣ, ଗଜଲକ୍ଷ୍ମୀ ପ୍ରଧାନ, ଚାଇଲଡ୍ ?ଲାଇନର କର୍ମକର୍ତ୍ତା ଓ ଜିଲ୍ଲା ସଂଯୋଜିକା ଆଜ୍ଞନଏତ୍ତ ସସ୍ମିତା କର ପ୍ରମୁଖ ସହାୟତା କରିଥିଲେ ।

# ସନାତନ ବୋର୍ଡ ଗଠନକୁ ସମର୍ଥନ ଦେଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ

ଝରିଗାଁ (ଭାସ୍କର ନ୍ୟୁଜ): ସନାତନ ଧର୍ମର ସୁରକ୍ଷା,ସମୃଦ୍ଧି ଓ ଉନ୍ନତି ପାଇଁ ସନାତନ ବୋର୍ଡ ଗଠନ କରିବା ଦାବି ନେଇ ଆଜି ରାଜଧାନୀ ଦିଲ୍ଲୀରେ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଛି ।ଏହାକୁ ସମର୍ଥନ ଜଣାଇ ଝରିଗାଁ ବ୍ଲକ ହିନ୍ଦୁ ମହାସଂଘ,ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସନାତନ ବୋର୍ଡ ଗଠନ ସମର୍ଥନ ନେଇ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଥିଲେ ।ପ୍ରଥମେ ଝରିଗାଁ ବ୍ଲକ ଆଦର୍ଶ ବିଦ୍ୟାଳୟ ଠାରେ ଝରିଗାଁ ବ୍ଲକ ହିନ୍ଦୁ ମହାସଂଘ,ବଜରଙ୍ଗ ଦଳ ଏବଂ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ମାନେ ଏକତ୍ରିତ ହୋଇ ଝରିଗାଁ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ବିରାଟ ସଭାଯାତ୍ରା କରିଥିଲେ ।ପରେ ବସଷ୍ଟାଣ୍ଡ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ହିନ୍ଦୁ ମହାସଂଘର ମାର୍ଗ ଦର୍ଶକ ସୌଭାଗ୍ୟ ବାବା,ହିନ୍ଦୁ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜୟନ୍ତ କୁମାର ପାତ୍ର ,ଜିଲ୍ଲା ସଭାପତି ବିଶ୍ୱ ହିନ୍ଦୁ ପରିଷଦ କୃପାରାମ ସାହୁ, ଜିଲ୍ଲା ସମ୍ପାଦକ ବିଶ୍ୱହିନ୍ଦୁ ପରିଷଦ ବାଳକୃଷ୍ଣ ପଟ୍ଟନାୟକ, ଅବିଭକ୍ତ କୋରାପୁଟ ଜିଲ୍ଲା ବିଶ୍ୱ ହିନ୍ଦୁ ମହାସଂଘ ସଭାପତି ଥବିର ପନକା ,କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ବିମଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ହିନ୍ଦୁ ମାନଙ୍କ ପାଇଁ ସନାତନ ବୋର୍ଡ ଗଠନର ଆବଶ୍ୟକତା ନେଇ ମତ ଦେଇଥିଲେ ।ଶେଷରେ ସନାତନ ବୋର୍ଡ ଗଠନକୁ ସମର୍ଥନ ଦେଇ ପ୍ରଧାନ ମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଝରିଗାଁ ବିଡ଼ିଓଙ୍କୁ ପ୍ରଦାନ କରିଥିଲେ ।ଦାବିପତ୍ର ପ୍ରଦାନ ବେଳେ ଝରିଗାଁ ବ୍ଲକ ବିଶ୍ୱହିନ୍ଦୁ ପରିଷଦ ସଭାପତି ପିଣ୍ଟୁ ଠାକୁର,ଗଣେଶ ରାୟ,ପ୍ରଫୁଲ୍ଲ ପ୍ରଧାନୀ,ଅନିଲ ଜୈନ,ଅଭିଷେକ ନନ୍ଦ,ପ୍ରବୀଣ ରାଓ,ଗିରିଜା ଶଙ୍କର ପଟ୍ଟନାୟକ, ସୁରେନ୍ଦ୍ର ସାହୁ,ଇଶା ରାଓ ପ୍ରମୁଖ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବଡପଡା ସେବା ସମବାୟ ସମିତି ସଭାପତିଙ୍କ ପିତୃ ବିୟୋଗ

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ସେବା ସମବାୟ ସମିତିର ସଭାପତି ଯୁବ ନେତା ଅଶୋକ ମଲ୍ଲିକ ତଥା ବଡପଡା ସମିତି ସଭ୍ୟା ଦୀପ୍ତି ମୟୀ ମଲ୍ଲିକଙ୍କ ଶଶୁର ପ୍ରାକ୍ତନ କର୍ମଚାରୀ ବିଦୁ ଭୂଷଣ ମଲ୍ଲିକଙ୍କ ଅକାଳ ବିୟୋଗ ଘଟିଛି । ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ମଲ୍ଲିକ ରାଉରକେଲା ଇସ୍ପାତ କମ୍ପାନୀର ଅବସପ୍ରାପ୍ତ କର୍ମ ଚାଷୀ ଭାବେ କାର୍ଯ୍ୟ କରି ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ରାଉଲକେଲା ଠାରୁ ପଟ୍ଟାମୁଣ୍ଡାଇ ଓ ବଡପଡାରେ ବହୁ ସୁନାମ ଅର୍ଜନ କରିଥିଲେ । ତାଙ୍କ ଶେଷ ଦର୍ଶନରେ ବିଭିନ୍ନ ବର୍ଗର ଜନସାଧାରଣ ବିଶେଷ କରି ବଡପଡା ସରପଞ୍ଚ ସାନ ଜରିଆ ସରପଞ୍ଚ ନିରାକାର ବାରିକ୍, ବିଜେପି ଜିଲ୍ଲା ଉପସଭାପତି

ସଞ୍ଜୟ ସାହୁ ନଗର ସଭାପତି ଶଶିକାନ୍ତ ସାଇ ,ଆଇନ ଜୀବୀ ପ୍ରମୋଦ ସାହୁ,ଯୁବନେତା ମିଟୁ ମନୋଜ ନାୟକ ଦଳିତ ମୋର୍ଚ୍ଚା ଜିଲ୍ଲା ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ଦୋଷିଆ ସମିତି ସଭ୍ୟ ପ୍ରତିନିଧି ପ୍ରଦୀପ ସାହୁ, ବରିଷ୍ଠ ନେତା ସୁକଣନ ସାହୁ ପ୍ରାକ୍ତନ ସରପଞ୍ଚ କୈଳାସ ଚନ୍ଦ୍ର ସିଂହ, ଯୁବ ନେତା ଜ୍ୟୋତି ପ୍ରକାଶ ପ୍ରଧାନ, ସମାଜ ସେବୀ ରାଜକିଶୋର ପରିଡ଼ା ବଡପଡା ସେବା ସମବାୟ ସମିତିର ସମସ୍ତ ସଦସ୍ୟ ଶିକ୍ଷା ବିତି, ସାମ୍ବାଦିକ, ରାଜନେତା ସାମିଲ ହୋଇଥିଲେ । ପୁତ୍ର ଅଶୋକ କୁମାର ମଲ୍ଲିକ,ମୁଖାଗ୍ନି ଦେବା ବେଳେ ଅନ୍ୟତମ ପୁତ୍ର ପ୍ରଦୀପ ମଲ୍ଲିକ, ଅଜିତ ଦେବାଶିଷ, ସଞ୍ଜୟ ଜ୍ୱାଇଁ ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ସାଗର ମଲ୍ଲିକ, ପ୍ରସନ୍ନ ମଲ୍ଲିକ ସମେତ ମଲ୍ଲିକ ପରିବାର ବନ୍ଧୁବର୍ଗ ଶେଷ ଦର୍ଶନରେ ସାମିଲ ହୋଇଥିଲେ । ଏଭଳି ଦୁଃଖଦ ଘଟଣାରେ ରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସାଦ ନାୟକ, ପ୍ରାକ୍ତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଶୋକ ପ୍ରକାଶ କରିବା ସହିତ ପ୍ରମୁଖ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

# ଅଟୋ ଶହ ଗଞ୍ଜେଇ ଜବତ ଜଣେ ଗିରଫ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଗୌଡ଼ଗୁଡ଼ା ଛକ ନିକଟରେ ଅବକାରୀ ଟିମ୍ ପେଟ୍ରୋଲି ସମୟରେ ବାଲିମେଳା ଆଡୁ ଏକ ଅଟୋ ଦ୍ରୁତଗତିରେ ମାଲକାନଗିରି ଆସୁଥିବା ଦେଖି ଅଟକାଇ ଥିଲେ । ଅଟୋଟିକୁ ରଖି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଅବକାରୀ ଟିମ୍ ଧରିଥିଲେ । ଯାଞ୍ଚ କରିବାରୁ ତା' ଭିତରେ ଏକ ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖି ଜବତ କରିଥିଲେ । ଅଟୋ ଜବତ ସହ ଚାଳକଙ୍କୁ ଗିରଫକରି ଥାନାକୁ ନେଇଥିଲେ । ଗଞ୍ଜେଇ ଓଜନ କରିବାରୁ ୧୪କେଜି ୮୦୦ ଗ୍ରାମ ହୋଇଥିଲା । ଏଥିରେ ଚିତ୍ରକୋଣ୍ଡା ଥାନା ପଞ୍ଚାବୀ ଛକର ହରି ଖରାଙ୍କୁ ଗିରଫ କରାଯାଇଛି । ସେ ଏହି ଗଞ୍ଜଇ ଚିତ୍ରକୋଣ୍ଡାରୁ କ୍ରୟକରି ଛତିଶଗଡ଼ ସୁକ୍ ?ମା ଜିଲା ଅଭିମୁଖେ ନେଉଥିବା ସ୍ୱୀକାର କରିଛନ୍ତି ଓ ଚଢ଼ାଉରେ ଜିଲା ଅବକାରୀ ବିଭାଗ ମୋବାଇଲ ଟିମ୍ ସବ୍ ଇନ୍ସପେକ୍ଟର ଅଶେଷ କୁମାର ନାୟକ ଓ ଜ୍ଞାନରଞ୍ଜନ ସାହୁ, ପ୍ର

ଶୁଳିଆପଦା(ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ନାରାୟଣ ବିଦ୍ୟାପୀଠ ଠାରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶୁଳିଆପଦା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ଶ୍ରୀମତୀ ମାଳତୀ ଟୁଡୁ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସରୋଜ କୁମାର ସାହୁ , ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ , ସମ୍ପାଦକ ଶ୍ରୀଯୁକ୍ତ ଅଜିତ କୁମାର ଦେଓ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚାସିନ ରହି ନବ ନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶ୍ରୀଯୁକ୍ତ ଅଜିତ କୁମାର ଦେଓ ସଭାପତିତ୍ୱ କରିଥିବା ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସମ୍ପାଦିକା ସୌଭାଗ୍ୟିନୀ ପାତ୍ର ଏବଂ ପ୍ରିୟମ୍ବଦା ବେହେରା ନବାଗତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପହାର ସହିତ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ସଫଳରୁପେ ସମ୍ପାଦନ କରିବା ପାଇଁ ସଂଘର ଉପଦେଷ୍ଟା ।ଶ୍ରୀଯୁକ୍ତ ରଶ୍ମିନାରାୟଣ ମଲ୍ଲିକ ଓ ସଂଘର ସଦସ୍ୟ/ ସଦସ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ସଂଘର ସଂଯୋଜକ ମାନସ ରଞ୍ଜନ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।



## ■ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକୁଛି ମଞ୍ଚ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ମିଳିତ ଆୟୋଜନ ରେ ଚଳିତ ବର୍ଷ ଠାରୁ ଆୟୋଜିତ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୨୦୨୪ ଦେବୀ ନଦୀପଠାରେ ଶୁକ୍ରବାର ପ୍ରତ୍ୟୁଷରୁ ଉଦ୍‌ଘାଟିତ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ମଞ୍ଚକୁ ଦୁଲୁକାଇ ଦେଇଛି । ବିଶେଷ କରି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପ୍ରତିଭାଙ୍କ ନୃତ୍ୟ ସହ ପାରାଦ୍ୱୀପର ସାଗରିକା କଳାନିକେତନ କଳାକାରଙ୍କ ସ୍ୱରରେ ତାଳଦା ଓ ତରାସାହି ସମେତ ଆଖପାଖ ଅଞ୍ଚଳବାସୀ ଶୀତ ସତ୍ତ୍ୱେ ବେଶ ଝୁମିଛନ୍ତି । କଳାକାର ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବେଶ ସମୟ ଧରି ବାନ୍ଧି ରଖିଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଭାପତି ବିଜୟ କୁମାର ପଢିୟାରୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବାଲିକୁଦା -ଏରସମା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ଜେନା, ଜଗତସିଂହପୁର ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ନାଉଗାଁ ବ୍ଲକ ଅଧକ୍ଷା ଶ୍ରୀମତୀ ତୃଷ୍ଣା ଲେଙ୍କା, ଜିଲ୍ଲାପରିଷଦ ସଭ୍ୟା ରୁନିଲତା ବେହେରା ପ୍ରମୁଖ ଯୋଗଦେଇ ଏହି ଉତ୍ସବ ଲୋକମାନଙ୍କ ମଧ୍ୟରେ ଭାଇଚାରା ଭାବ ଆଦାନ ପ୍ରଦାନ ସହ ଏକ ସୂତ୍ରରେ ବାନ୍ଧି ରଖିବା ପ୍ରୟାସକୁ ଗୁରୁତ୍ୱରୋପ ହୋଇଛି । ଉତ୍ସବ ସାଙ୍ଗକୁ ବିଭିନ୍ନ ମନଲୋଭା ସାମଗ୍ରୀ ଏକ ସାଙ୍ଗେ ଗୋଟିଏ ସ୍ଥାନରେ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ସାଙ୍ଗକୁ ଖାଦ୍ୟ ମେଳାର ଆୟୋଜନ ଅଞ୍ଚଳବାସୀଙ୍କୁ ଶୀତୁଆ ରାତିରେ ବେଶ ଖୋରାକ ଯୋଗାଇଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ ।

# ପାରାଦ୍ୱୀପଗଡ଼ରେ ନିଖିଳ ଭାରତ ସମବାୟ ସପ୍ତାହ

କୁଜଙ୍ଗ (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ଼ ସେବା ସମବାୟ ସମିତି ତରଫରୁ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୯୫୮ ମସିହାରୁ ପାରାଦ୍ୱୀପ ଗଡରେ ଅବସ୍ଥିତ 'ପାରାଦ୍ୱୀପ ସେବା ସମବାୟ ସମିତି', ପାରାଦ୍ୱୀପ ଗଡ ଓ ନୂଆଗଡ ଗ୍ରାମ ପଞ୍ଚାୟତ ଚାଷୀ ମାନଙ୍କୁ ନେଇ ସମିତି ଗଠିତ ହୋଇଛି । ଦୁଇଟି ପଞ୍ଚାୟତର ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସ୍ୱଳ୍ପ ସୁଧ ହାରରେ ଋଣ ନେଇ ଚାଷ ଓ ବ୍ୟବସାୟ କରି ଆସୁଛନ୍ତି । ଚାଷୀ ମାନେ ସେମନଙ୍କର ଉତ୍ପାଦିତ ଧାନକୁ ଏହି ସମବାୟ ସମିତି ମାଧ୍ୟମରେ ମଣ୍ଡିରେ ବିକ୍ରି କରି ଲାଭବାନ ହେଉଛନ୍ତି । ଉକ୍ତ ସମବାୟ ସମିତି ସହିତ ଏହି ସମିତିରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମିନି ବ୍ୟାଙ୍କ ଶାଖା ମଧ୍ୟ କାର୍ଯ୍ୟ କରୁଛି । ୭ ଦିନ ବ୍ୟାପି ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ସମିତିର ସଭାପତି ତଥା ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ଯୋଗଦେଇ 'ସମବାୟ ପତାକା' ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସଭ୍ୟ/ ସଭ୍ୟା ମାନଙ୍କୁ ଧାନର ଜାତୀୟ ସହାୟକ ମୂଲ୍ୟ ୨୩୦୦ ଟଙ୍କା ସହିତ ରାଜ୍ୟ ସରକାର ବୋନସ ଦେଉଥିବା ୮୦୦ ଟଙ୍କାକୁ ମିଶାଇ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ମିଳିବ ବୋଲି ଶ୍ରୀମତୀ ସସ୍ମିତା ବେହେରା ପ୍ରକାଶ କରିଥିଲେ । ଏହି ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସମିତିର ସମ୍ପାଦକ କୁଳମଣି ମହାପାତ୍ର, ସହ ସମ୍ପାଦକ ତନ୍ମୟ ମଲ୍ଲିକ, ପ୍ରଦୀପ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ବିଷ୍ଣୁ ଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଶ୍ରୀପତି ସ୍ୱାଇଁ, ସତ୍ୟନାରାୟଣ ମହାପାତ୍ର, ରଞ୍ଜିତା ସାହୁ ଓ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ଶ୍ରୀଶ୍ରୀ ରାଧାଗୋବିନ୍ଦ ଜିଉଙ୍କ ରାସ ଉତ୍ସବ

ତିହିଡ଼ି,(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତ ଅଧୀନ ଗଳଗଣ୍ଡପୁର ଗ୍ରାମର ଆରାଧ ଦେବତା ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ରାସ ଉତ୍ସବ ରାସ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଅଅଁଳା ନବମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ତିନିଦି ବ୍ୟାପୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତ୍ୟେକ ଦିନ ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉଙ୍କୁ ୧୦୮ ତୁଳସୀ ଅର୍ପଣ କରାଯାଇଥାଏ । ଏହି ରାସ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ରାସ ପୂର୍ଣ୍ଣିମାରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ପ୍ରତିଦିନ ମଙ୍ଗଳ ଆଳତି, ସନ୍ଧ୍ୟା ଅଳତି ହୋଇଥିଲା । ଶୁକ୍ରବାର ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପୂଜକ ଗୟଧର ପଣ୍ଡା ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଦୀର୍ଘ ୧୦୦ ବର୍ଷ ଧରି ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ପୂଜା ଅର୍ଚ୍ଚନା କରାଯାଉଅଛି । ଶ୍ରୀଶ୍ରୀ ରାଧାଗୋବିନ୍ଦଙ୍କର ଦୋଳ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା ଓ ରାସ ପୂର୍ଣ୍ଣିମାରେ ମହା ସମାରୋହରେ ପୂଜା ଉତ୍ସବ ପାଳନ କରାଯାଇଥାଏ । ଆଖପାଖ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଉତ୍ସବ ପାଳନ କରାଯାଏ । ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀଉ ସ୍ଥାନୀୟ ଅଞ୍ଚଳର ଆରାଧ ଦେବତା ଭାବେ ପରିଗଣିତ ହୋଇଛନ୍ତି । ପୂର୍ବ ପୁରୁଷମାନେ ଶ୍ରୀଶ୍ରୀ ରାଧାଗୋବିନ୍ଦ ଜୀୟୁଙ୍କ ରାସ ପୂର୍ଣ୍ଣିମା ଉତ୍ସବ ପାଳନ କରି ଆସୁଥିବା ବେଳେ ପରବର୍ତ୍ତୀ ସମୟରେ ବିଜୟ କୁମାର ନାୟକ, ଦେବେନ୍ଦ୍ର ପୁହାଣ, ଚୈତନ୍ୟ ମୁଦୁଲି, ସୁରେନ୍ଦ୍ର କୁମାର ନାୟକ, ଧୀରେନ୍ଦ୍ର ନାୟକ, ଅରୁଣ ଦାସ, ଶୁଶିଲ କୁମାର ନାୟକ, ରବିନ୍ଦ୍ର ମହାକୁଡ଼, ଶଶିକାନ୍ତ ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହେଉଥିଲା । ଚଳିତ ବର୍ଷ ଅଂଶୁମାନ ଦାସ, ରଶ୍ମିରଂଜନ ଦାସ, ବିଶ୍ୱରଂଜନ ନାୟକ, ଅମରେନ୍ଦ୍ର ନାୟକ, ରାକେଶ ନାୟକ, ନିରାକାର ବେହେରା, ବଂକିମ ଚନ୍ଦ୍ର ନାୟକ, ଶରତ ବଳ, ଦିଲୀପ ନାୟକ, ଶୁଭ୍ରଜିତ୍ ମହାନ୍ତି, ସନାତନ ବେହେରା, ବିଶ୍ୱରଂଜନ ପୁହାଣ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ଉତ୍ସବ ପାଳିତ ହେଉଛି ।

# ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଡ଼ଃ ବେହେରାଙ୍କୁ ନିମନ୍ତ୍ରଣ

କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହ ପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳର ଜଣାଶୁଣା ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଆସନ୍ତା ତା ୨୩/୧୧/୨୦୨୪ ରିଖରେ ପଶ୍ଚିମବଙ୍ଗ ପ୍ରଦେଶରେ ଉତ୍ତର ବଙ୍ଗ ପ୍ରାନ୍ତର ସିଲୁଗୁଡ଼ି ଠାରେ ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ ସନାତନ ସଂସ୍କୃତି ଓ ହିନ୍ଦୁତ୍ୱ ବିଚାର ଧାରାକୁ ନେଇ କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳ ବୈଠକରେ ସନ୍ଥ ମାନଙ୍କ ସେବା ପାଇଁ ଯୋଗଦେବା ନିମନ୍ତେ ନିମନ୍ତ୍ରଣ କରାଯାଇଥିବା । ଡ଼ଃ ବେହେରା ବିଶ୍ୱହିନ୍ଦୁ ପରିଷଦର ଓଡିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ ସଦସ୍ୟ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଦାୟିତ୍ୱରେ ରହିଥିବା ବେଳେ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ନିଜକୁ ନିୟୋଜିତ କରିବା ସହିତ ସନାତନ ହିନ୍ଦୁ ସଂସ୍କୃତିର ସେବକ ରୂପେ ନିଜକୁ ଉତ୍ସାର୍ଗୀକୃତ କରିଛନ୍ତି ।ଉକ୍ତ ବୈଠକରେ ଧର୍ମ ସଂସ୍କୃତିର ସୁରକ୍ଷା ପରିବାର ସଂସ୍କାର ହିନ୍ଦୁ ଓ ହିନ୍ଦୁତ୍ୱ ଉପରେ ବିଚାର ବିମର୍ଶ, ଧର୍ମ ପ୍ରସାର ଜାଗରଣ ଘରବାହୁଡ଼ା,ସର୍ବ ଜାତି ମତ ପନ୍ଥରେ ହିନ୍ଦୁ ଧର୍ମ ଏକ ଯାହାକି ସାମାଜିକ ସମରସତାର ପ୍ରତିକ ସମ୍ପର୍କିତ ବିଷୟ ରହିଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ଡ଼ଃ ବେହେରାଙ୍କ ସହିତ ଓଡିଶା ପ୍ରଦେଶ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଅଜୟ କୁମାର ଦାସ,ଓଡିଶା ପୂର୍ବପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଦେବାର୍ପିତ ମହାନ୍ତି ଓ କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀର ସଦସ୍ୟ ବୃନ୍ଦ ଯୋଗ ଦେଉଛନ୍ତି । ବିଶ୍ୱହିନ୍ଦୁ ପରିଷଦ ଜଗତସିଂହପୁର ଜିଲ୍ଲା ସଭାପତି ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ, କାର୍ଯ୍ୟାଧ୍ୟକ୍ଷ ସୁରେଶ ଚୌଧୁରୀ, ଉପସଭାପତି ମାନସ ରଞ୍ଜନ ସ୍ୱାଇଁ, ଜିଲ୍ଲା ସମ୍ପାଦକ ନଳିନୀ ବାବା, ବିଶେଷ ସମ୍ପର୍କ ପ୍ରମୁଖ ବିଶ୍ୱଜିତ ମିଶ୍ର ଓ ରାଜ୍ୟର ବିଭିନ୍ନ ସାମାଜିକ ଓ ଧର୍ମୀୟ ଅନୁଷ୍ଠାନ ମାନେ ଶ୍ରୀଯୁକ୍ତ ବେହେରାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ବ୍ରହ୍ମପୁର (ଭାସ୍କର ନ୍ୟୁଜ) ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ବ୍ରହ୍ମପୁର ସହରର ଡାଇମଣ୍ଡ ଜୁବୁଲି ଟାଉନ୍ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏବଂ ବ୍ରହ୍ମପୁର ପ୍ରେସ କ୍ଲବ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା.ସର୍ବଣା ବିବେକ ଏମ୍ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ନିଜର ବକ୍ତବ୍ୟରେ କିପରି ସମୟ ସହିତ ତାଳ ଦେଇ ଗଣମାଧ୍ୟମ ପ୍ରକୃତି ପରିବର୍ତ୍ତନ ହୋଇ ଚାଲିଛି ତାହାରି ଉପରେ ଗୁରୁତ୍ୱରୋପ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦଷ୍ଟାଗୀର ଯୋଗ ଦେଇ ସମୟ ପରିବର୍ତ୍ତନ ସହ ଗଣମାଧ୍ୟମର ମଧ୍ୟ ପରିବର୍ତ୍ତନ ଘଟିବା ଏବଂ ଏପରି ଜାତୀୟ ପ୍ରେସ ଦିବସ ପାଳନର ଅନେକ ଗୁରୁତ୍ୱ ବହନ କରୁଥିବା ନିଜର ବକ୍ତବ୍ୟରେ ଜଣାଇଥିଲେ । ଦକ୍ଷିଣାଞ୍ଚଳ ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ ରବି ନାରାୟଣ ବେହେରା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପ୍ରେସ କ୍ଲବର ସଭାପତି ଅଶୋକ କୁମାର ବ୍ରହ୍ମ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ନିଜ ବକ୍ତବ୍ୟରେ ସମାଜକୁ ଦିଗ୍‌ଦର୍ଶନ ଦେବା ସମସ୍ତ ଗଣମାଧ୍ୟମର ଲକ୍ଷ୍ୟ ହେବା ଉଚିତ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ନିଜର ଅଭିଭାଷଣରେ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକତା ଆଜିର ଦିନର ପ୍ରାୟ ଦୁର୍ଲଭ । ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ ଗଣତନ୍ତ୍ର ସେତେ ସୁଦୃଢ ହେବ କହିବା ସହ ସାମ୍ବାଦିକଙ୍କ ପାଇଁ ସୁରକ୍ଷା ଆଇନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଥିଲେ । ଇଟିଭି ଭାରତ ବରିଷ୍ଠ ସାମ୍ବାଦିକ ତାଙ୍କ ଅଭିଭାଷଣରେ ଦେବର୍ଷି ନାରଦଙ୍କ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗଣମାଧ୍ୟମରେ ଅନେକ ପରିବର୍ତ୍ତନ ଘଟିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗୀୟ ମୁଖ୍ୟ ବନ୍ଦିତା ପଣ୍ଡା ନିଜର ବକ୍ତବ୍ୟରେ ଆଜିର ପିଢି ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ଆକାରରେ ଖବର ପାଇବାକୁ ଇଚ୍ଛୁକ । ଏଣୁ ଡିଜିଟାଲ ନ୍ୟୁଜ୍ ଉପରେ ଗୁରୁତ୍ୱଦେବାକୁ ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ଅମର ପ୍ରସାଦ ବିଷୋୟୀ ଯୋଗ ଦେଇ ନିଜର ବକ୍ତବ୍ୟରେ ପ୍ରତ୍ୟେକ ଦେଶରେ ଗଣମାଧ୍ୟମ ହେଉଛି ପ୍ରଚ୍ଛଦ ପଟ୍ଟ ର ନାୟକ । ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ । ଆମେରିକାର ରାଷ୍ଟ୍ରପତି ମାତ୍ର ଚାରି ବର୍ଷ ପାଇଁ ଶାସନ କରନ୍ତି, କିନ୍ତୁ ସେଠାକାର ଗଣମାଧ୍ୟମ ସାରା ଜୀବନ ଶାସନ କରିଥାଏ ବୋଲି କହିବା ସହିତ ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ସମସ୍ତ କାର୍ଯ୍ୟରେ ଯେ ମଧ୍ୟସ୍ଥତା କରିଥାନ୍ତି ସେ ହିଁ ଗଣମାଧ୍ୟମ ବୁଝାଏ ବୋଲି କହିଥିଲେ । ଗଣମାଧ୍ୟମର ଯେତେ ପରିବର୍ତ୍ତନ ହେଲେ ମଧ୍ୟ ଆମ ସମସ୍ତଙ୍କର ଲକ୍ଷ୍ୟ ଏକ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁଶାନ୍ତ ସାବତ ନିଜର କଲମ ମୁନକୁ ଦେଶ ଓ ଜାତିର କଲ୍ୟାଣ ପାଇଁ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା କରିବାରେ ସମସ୍ତେ ନିଜକୁ ସାମିଲ କରିବା ଉଚିତ ବୋଲି ନିଜର ମତ ରଖିଥିଲେ । ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁ ଏହି ଅବସରରେ ଗଣତନ୍ତ୍ରର ସୁଦୃଢ ପାଇଁ ଜନସାଧାରଣଙ୍କ ସମସ୍ୟା ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଗଣମାଧ୍ୟମ କାର୍ଯ୍ୟ କରୁଥିବା ଏବଂ ସାମାଜିକ ସୁରକ୍ଷା ଦେବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି ବୋଲି ଆଲୋକପାତ କରିଥିଲେ । ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଦୀର୍ଘ ବର୍ଷ ଧରି ଗଣମାଧ୍ୟମରେ କାର୍ଯ୍ୟ କରି ଆସୁଥିବା ବରିଷ୍ଠ ସାମ୍ବାଦିକ ନରସିଂହ ସାହୁ , ଏ.ରାଜା ରାଓ , ସୁନୀଲ ମୋହନ ପଟ୍ଟନାୟକ ଓ ହୃଷିକେଶ ମହାନ୍ତିଙ୍କୁ ଉପଢୌକନ ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ପୂର୍ବରୁ ଛତ୍ରପୁର ପ୍ରେସ କ୍ଲବ ଏବଂ ବ୍ରହ୍ମପୁର ପ୍ରେସ କ୍ଲବ ମଧ୍ୟରେ ଆୟୋଜିତ ହୋଇସାରିଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟମ୍ୟାଚ୍ ରେ ବିଜୟ କରିଥିବା ଛତ୍ରପୁର ପ୍ରେସ କ୍ଲବ କୁ ଏବଂ ରନର ଭାବରେ ବ୍ରହ୍ମପୁର ପ୍ରେସ୍ କ୍ଲବକୁ ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରେସ କ୍ଲବ ବ୍ରହ୍ମପୁରର ସମ୍ପାଦକ ପ୍ରହ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଡି. ଗୋପାଳକୃଷ୍ଣ ରେଡି , କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା, ଛତ୍ରପୁର ପ୍ରେସ କ୍ଲବର ସଭାପତି ରବିନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନ

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲା ଉମରକୋଟ 'ପ୍ରେସ କ୍ଲବ ଉମରକୋଟ' ପକ୍ଷରୁ ସଂଘର ଅସ୍ଥାୟୀ କାର୍ଯ୍ୟାଳୟ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜଗତର ନାଥ ଜଗନ୍ନାଥଙ୍କ ପ୍ରତି ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମଟିକୁ ଆରମ୍ଭ କରାଯାଇଥିଲା।ପ୍ରେସ କ୍ଲବ ଉମରକୋଟର ଉପସଭାପତି ସନ୍ତୋଷ ଶତପଥୀ,ସମ୍ପାଦକ ମହେଶ୍ୱର ବେହେରା, କୃଷ୍ଣ ପ୍ରସାଦ ପଟନାୟକ, ବରିଷ୍ଠ ସାମ୍ବାଦିକ ଦୁର୍ଗା ପ୍ରସାଦ ମଲିକ ଆଇନ ପରାମର୍ଶଦାତା ଯିତେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଗଣମାଧ୍ୟମ ବନ୍ଧୁମାନଙ୍କୁ ନିର୍ଭୁଲ ଏବଂ ତଥ୍ୟଭିତ୍ତିକ ଖବର ପରିବେଷଣ କରିବା ପାଇଁ ପରାମର୍ଶ ଦେଇଥିଲେ। ପରିଶେଷରେ ଆକ୍ରୋଶ ମୂଳକ ଏବଂ ଭ୍ରମାତ୍ମକ ଖବର ପରିବେଷଣରୁ ନିବୃତ ରହିବା ପାଇଁ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁରାଗ ପଟ୍ଟନାୟକ, ସନ୍ତୋଷ ପାତ୍ର, ନିରଞ୍ଜନ ବେହେରା, ସଞ୍ଜିତ ବିଶ୍ୱାସ,କୁନା ସାହୁ, ଜୁଗଳ କିଶୋର ସାହୁ, ନିରଞ୍ଜନ ଗଣ୍ଡ,ବାଳକୃଷ୍ଣ ସାହୁ, ସତ୍ୟନାରାୟଣ ରାଉତ,ସମିର ପତି, ହିମାଂଶୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ

କନ୍ଧମାଳ (ଭାସ୍କର ନ୍ୟୁଜ):କନ୍ଧମାଳ ଜିଲ୍ଲା ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ପ୍ରଥମ ଥର ପବ୍ଲିକ ସ୍କୁଲ ଚିଦାନନ୍ଦ ଅଡିଟୋରିଅମ ଠାରେ ଗୁରୁ ସମ୍ମାନ କାର୍ଯ୍ୟକ୍ରମ ରୋଟାରୀ ସଭାପତି ବିପ୍ର ଚରଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜଙ୍କାସିସ ମହାପାତ୍ର, ସିଡିଏମଓ ଡା ସନ୍ତୋଷ ପାଢୀ ଏବଂ ଫାଷ୍ଟ୍ ଲେଡି ଇତୁନ ମହାପାତ୍ର ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପାଖରେ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ଉପସ୍ଥିତ ଶତାଧିକ ଗୁରୁ ମାନଙ୍କୁ ଉତ୍ତମ ବାଣୀ ପ୍ରଦାନ କରିଥିଲେ । ଏଥିସହିତ ଆପଣଙ୍କ ଅଙ୍ଗଦାନ ଦ୍ୱାରା ଆଠ ଜଣଙ୍କ ଜୀବନ ବଞ୍ଚିପାରେ ବୋଲି ଉପସ୍ଥିତ ସମସ୍ତ ଗୁରୁ ମାନଙ୍କୁ ଓ ରୋଟାରୀ ସଦସ୍ୟ ମାନଙ୍କୁ ଗଛ ଲଗାଓ ଜୀବନ ବଞ୍ଚାଅ, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମର ସ୍ୱନ୍ତ୍ର ଆକର୍ଷଣ ଥିଲା ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବାହାର ଜିଲ୍ଲାର ରୋଟାରିଆନମାନେ ଉପସ୍ଥିତ ରହିବା ସହିତ ଫୁଲବାଣୀ ରୋଟାରୀ କ୍ଲବର ହରିଶ୍ଚନ୍ଦ୍ର ମହାରଣା, ବସନ୍ତ ପାଣିଗ୍ରାହୀ, ପ୍ରକାଶ ପଣ୍ଡା, ପ୍ରସନ୍ନ ପଣ୍ଡା, ଦେବେନ୍ଦ୍ର ପାତ୍ର, ଉପେନ୍ଦ୍ର ମହାପାତ୍ର, ସନ୍ତୋଷ ପଣ୍ଡା,ସନ୍ତୋଷ ମିଶ୍ର, ରୂପକ ମହାନ୍ତି ନୀଳମାଧବ ମିଶ୍ର, ରବି ନାରାୟଣ ସୁବୁଦ୍ଧିଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଦ୍ୱିତୀୟ ଦିବସରେ ବିପ୍ର ଚରଣ ପାତ୍ରଙ୍କ ପତ୍ନୀ ରଞ୍ଜିତା ନାମରେ ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଏହିମାନଙ୍କୁ ଭିତରୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩କିମି,୮ କିମି,୧୦ କିମି,୩୦ କିମି ପ୍ରତିଯୋଗୀଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରୋଟାରୀ ସମ୍ପାଦକ ଆଇନଜିବୀ ବିଜୟ କୃଷ୍ଣ ପଟ୍ଟନାୟକ ପରିଚାଳନା କରିଥିଲେ ।

# ଐତିହାସିକ ବାବା ବାଲୁଙ୍କେଶ୍ୱର ବାଲିଯାତ୍ରା ମହୋତ୍ସବ

ବରଗଡ଼ (ଭାସ୍କର ନ୍ୟୁଜ): ବରଗଡ ଜିଲ୍ଲା ଖୁଣ୍ଟପାଲି ଗ୍ରାମଠାରେ କେଉଁ ଆବାହମାନ କାଳରୁ ବାବା ବାଲୁଙ୍କେଶ୍ୱର ପୀଠରେ ବାଲିଯାତ୍ରା ମହୋତ୍ସବ ପାଳିତ ହୋଇ ଆସୁଅଛି। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଗତେ ଚତୁର୍ଦ୍ଦଶୀ ବଡ଼ଓଷା,ଶ୍ରୀ ହରିଙ୍କ ଗମନ ଠାରୁ ମାର୍ଗଶିର କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ଜୀରା ନଦୀ ପଠାରେ ଏଇ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ, ଶ୍ରୀକୃଷ୍ଣଙ୍କ ଗୋପପୁରରେ ଗୋପାଙ୍ଗନା ମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପାଇବାପାଇଁ ଏକ ବାଲୁକା ଲିଙ୍ଗ ସ୍ଥାପନ କରି ପୂଜା ଅର୍ଚ୍ଚନା କରି ଆସୁଥିଲେ । କାର୍ତ୍ତିକ ତ୍ରୟୋଦଶୀ ଦିବସରେ ଜୀରା ନଦୀ ମଧ୍ୟ ଭାଗରେ ଥିବା ବାଲୁଙ୍କେଶ୍ୱର ମନ୍ଦିରରେ ବାସ କରୁଥିବା ହରଙ୍କ ସହ ଭେଟ ହେବାପାଇଁ ଗ୍ରାମରେ ଥିବା ହରିଙ୍କ ଅପୂର୍ବ ମିଳନ ଏଠାରେ ବେଶ ବିସ୍ମିତ କରେ। ଠିକ ସେଭଳି ସେଇ ପରମ୍ପରା ଭାବେ କେଉଁ ଆବାହମାନ କାଳରୁ ଖୁଣ୍ଟପାଲି ଗ୍ରାମରେ ସେଇ ପରମ୍ପରା ପ୍ରଚଳିତ ହୋଇ ଆସୁଛି।କାର୍ତ୍ତିକ ମାସର ପ୍ରଥମ ଦିନରୁ ନଦୀରେ ଏକ ବାଲୁକା ଲିଙ୍ଗ ସ୍ଥାପନ କରାଯାଇ ପ୍ରତିଦିନ ଭୋର ୩ ଘଟିକାରୁ ଗ୍ରାମର ସମସ୍ତ ଆବାଳ ବୃଦ୍ଧବନିତା ନଦୀରେ ସ୍ନାନ ସାରି ସ୍ଥାପନା କରାଯାଇଥିବା ବାଲୁକା ଲିଙ୍ଗକୁ ଭକ୍ତିର ସହ ପୂଜାର୍ଚ୍ଚନା କରନ୍ତି। ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଦିନ ଗ୍ରାମର ସମସ୍ତ ଭକ୍ତ ତଥା ଦୂରଦୂରାନ୍ତରୁ ଭକ୍ତମାନେ ଆସି ଏଠାରେ ଉଜାଗର ରହନ୍ତି।ତତ୍ ସହିତ ଶିବ ପୁରାଣ ପଠନ,ଏକ ଲକ୍ଷ ଦୀପ ଦାନ ସହିତ ଭୋର ୪ ଟା ସମୟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୁଏ।ଐତିହାସିକ ବାଲିଯାତ୍ରା ଖୁଣ୍ଟପାଲିର ସାରା ବରଗଡ଼ରେ ବଡ଼ ଧରଣର ହୋଇଥିବା ହେତୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରବଳ ଜନସମାଗମ ଲକ୍ଷ୍ୟ କରାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ସକାଶେ ଦୀର୍ଘ ତିନିଦିନ ଧରି ସଂଚାର ପରିବେଷଣ(ରାସ), ଜଳନ୍ଧର ଦରବାର, ଢ଼େମସା ଡ୍ୟାନ୍ସ ଗ୍ରୁପ, ସମ୍ବଲପୁରୀ ଡ୍ୟାନ୍ସ ଗ୍ରୁପ,ଝୁମେର ଡ୍ୟାନ୍ସ ଗ୍ରୁପ, ସାନ୍ତାଳୀ ଓ ଓଡ଼ିଶୀ ଡ୍ୟାନ୍ସ ଗ୍ରୁପ ଏଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଖୁଣ୍ଡପାଲି ଗ୍ରାମବାସୀ ବୃନ୍ଦଙ୍କ ପ୍ରଚେଷ୍ଟାରେ ଆଜି ଧୀରେ ଧୀରେ ଜନସମୁଦ୍ରର ଲହରୀ ଖେଳିବାରେ ଲାଗିଛି ଜୀରାନଦୀ ମଧ୍ୟ ଭାଗରେ ।ଏହି ଯାତ୍ରାକୁ ନେଇ ଗ୍ରାମବାସୀ ଏକ ଶୃଙ୍ଖଳିତ କମିଟି ଗଠନ କରିଛନ୍ତି। ଉପଦେଷ୍ଟା ଭାବେ ବରିଷ୍ଠ ନାଗରିକ ଜଗନ୍ନାଥ ଦାଶ, ସୂର୍ଯ୍ୟମଣୀ ସାହୁ, ପ୍ରମୋଦ ସାହୁ, ସାହେବ ସାହୁ, ନାରାୟଣ ଭୋଇ ଏବଂ ସଭାପତି ଭାବେ କେଦାର ବେହେରା, ସମ୍ପାଦକ କେଦାର କୁମାର ସାହୁ, କୋଷାଧ୍ୟକ୍ଷ ଅଞ୍ଜନ କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ଯଶୋବନ୍ତ ମେହେର,ରୋହିନ ସାହୁ,ତ୍ରିବିକ୍ରମ ଦାଶ,ଧର୍ମରାଜ ପଧାନ,ଦିଲିପ ସାହୁ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ପାତ୍ର,ପିତାମ୍ବର ଦେବତା,ରୋସନ ପଣ୍ଡା ,ଯାଦବ ବେହେରା,ବେଲାରସେନ ମେହେର, ଆଲୋକ ଦାଶ ପ୍ରମୁଖ ଅକ୍ଳାନ୍ତ ପ୍ରଚେଷ୍ଟା ଏବଂ ସହଯୋଗରେ ମହୋତ୍ସବ ଖୁବ୍ ଶାନ୍ତି ଶୃଙ୍ଖଳାରେ ଆଗେଇ ଚାଲିଛି। ହେଲେ ବରଗଡ଼ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଓ ସଂସ୍କୃତି ବିଭାଗର ଚିରନିଦ୍ରା ସକାଶେ ବାଲୁଙ୍କେଶ୍ୱର ପୀଠ ଉନ୍ନତି ହେଇ ପାରୁନାହିଁ ବୋଲି ଜନସାଧାରଣଙ୍କ ଠାରୁ ପ୍ରକାଶ।ଗତ ୨୬.୧୧ ୨୦୨୩ ତାରିଖରେ ଠାକୁର ପାଖକୁ ଯିବା ଆସିବା ନିମନ୍ତେ ନଦୀରେ ୧୫ ଲକ୍ଷ ବ୍ୟୟ ଅଟକଳରେ ଏକ ବ୍ରିଜ ନିର୍ମାଣ ହେଲା ସତ କିନ୍ତୁ ୯ ମାସ ନପୁରୁଣୁ ତାହା ଭୁଶୁଡି ଯିବା ଫଳରେ ଗ୍ରାମବାସୀ ଶ୍ରମଦାନ କରି ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଛନ୍ତି। ଏପରି କି ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ପୀଠର ଉନ୍ନତିକରଣ ହୋଇ ପାରୁନାହିଁ। ସେମାନେ ଖାଲି ରଙ୍ଗୀନ ସୁନେଲି ସ୍ୱପ୍ନ ଦେଖାଇ ଚାଲିଛନ୍ତି ବୋଲି ମତପ୍ରକାଶ ପାଇଛି। ଚଳିତ ବର୍ଷ ଅମୃତ ଧାରା ନର୍ସିଂ ହୋମର ପରିଚାଳକ ଶ୍ରୀମାନ ଯଶୋବନ୍ତ ମେହେରଙ୍କ ଆୟୋଜନ କ୍ରମେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ଼ା.ସୁଶାନ୍ତ ମେହେର ଏବଂ ଯଶୋବନ୍ତ ମେହେର ମେଗା ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

# ଜଳୁନି ଷ୍ଟ୍ରିଟ୍ ଲାଇଟ

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଖଡ଼ିଆଳ ସ୍ୱାସ୍ଥ୍ୟ କେନ୍ଦ୍ର ଖଡ଼ିଆଳ ଚନାବେଡା ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଖମ୍ବର ବିଜୁଳି ଦୀର୍ଘ ଦିନ ହେଲା ଜଳୁନାହିଁ। ଲୋକେ ଆଲୁଅ ଜଳୁନଥିବାରୁ ରୋଗୀ ତଥା ସାଧାରଣ ଜନତା ନାହିଁ ନଥିବାର ଅସୁବିଧା ସାମ୍ନାକୁ ଆସୁଥିବା ଦେଖିବାକୁ ମିଳୁଛି। ଲୋକେ ଅନ୍ଧାରରେ ସକାଳେ ଓ ସନ୍ଧ୍ୟାରେ ପ୍ରତେକ ଦିନ ୱାର୍କିଙ୍ଗରେ ଯାଉଛନ୍ତି।ବିଭିନ୍ନ ପ୍ରକାର ସରୀସୃପ, କୀଟ ପତଙ୍ଗ ସହ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ଅଭିଯୋଗ କଲେ ମଧ୍ୟ ଆଲୁଅ ବଦଳରେ ମିଳୁଛି ଅନ୍ଧାର।ତେଣୁ ତୁରନ୍ତ ଷ୍ଟ୍ରିଟ ଲାଇଟ ଜଳେଇବାକୁ ସାଧାରଣରେ ଦାବୀ ହେଉଛି। ଏନେଇ ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅଧିକାରୀ ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ତାଙ୍କ ସହ ସଂପର୍କ ହୋଇପାରି ନାହିଁ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସଦର ମହକୁମାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଗଜପତି ଜିଲ୍ଲାର ସାମ୍ବାଦିକଗଣ ଜିଲ୍ଲାର ଅପହଞ୍ଚ ଅଞ୍ଚଳର ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଖବର ସଂଗ୍ରହ କରି ପ୍ରସାର ପ୍ରଚାର କରି ସମସ୍ତ କ୍ଷେତ୍ରରେ ଆଗକୁ ନେବାରେ ସଫଳ କରୁଛନ୍ତି। ଯେଉଁଭଳି ଭାବରେ ଖରା, ବର୍ଷା ଓ ଶୀତକୁ ଖାତିର୍ ନକରି କର୍ତ୍ତବ୍ୟନିଷ୍ଠାର ସହିତ ଜନସାଧାରଣଙ୍କ ନିକଟକୁ ସଚେତନତାର ବାର୍ତ୍ତା ପହଞ୍ଚାଉଛନ୍ତି ଏଥିରୁ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିବା କହି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରଶଂସା କରିଥିଲେ । ଏହି ଉପଲକ୍ଷେ 'ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବରେ ଭାବେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି କହିଥିଲେ । ସମାଜ ବିକାଶରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ତୃଣମୂଳ ସ୍ତରରୁ ଲୋକଙ୍କ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଅଛି ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁନୀଲ ମହାନ୍ତି, ଗରୁଡ଼ଧ୍ୱଜ ଚୌଧୁରୀ, ବସନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ ଯୋଗ ଦେଇଥିବାବେଳେ ଡିଜେନ୍ଦ୍ରନାଥ ପାଢ଼ୀ, ବରିଷ୍ଠ ସାମ୍ବାଦିକ ସଭା ପରିଚାଳନା କରିଥିଲେ। ପ୍ରଦୀପ ନାୟକ, (ସାମ୍ବାଦିକ) ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ନିଜ ନିଜର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଭାଗର ବରିଷ୍ଠ କର୍ମଚାରୀ ନରସିଂହ ବଜବାନ୍ଧୁ ଓ ପ୍ରଦୀପ କୁମାର ରଥ ସହଯୋଗ କରିଥିଲେ।

# ଭୁବନେଶ୍ୱର କଳା ଉତ୍ସବରେ ବିକାଶ ଆବାସିକ ବିଦ୍ୟାଳୟର ସଫଳତା

ବରଗଡ(ଭାସ୍କର ନ୍ୟୁଜ): ଭୁବନେଶ୍ୱରର ୟୁନିଟ୍-୬ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳା ଉତ୍ସବରେ କ୍ରୀଷ୍ଣା ବିକାଶ ଗ୍ରୁପ୍, ବରଗଡ଼ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ନୃତ୍ୟ ଶିକ୍ଷକ ଶ୍ରୀ ପ୍ରକାଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ପାଂଚ ଜଣିଆ ଟିମ୍ - ଅଂଶୁମାନ ପଣ୍ଡା, ବନ୍ଦନା ମେହେର, ଆଲିଶା ଅଗ୍ରୱାଲ, ଅନନ୍ୟା ସାମନ୍ତରାୟ ଓ ପ୍ରଜ୍ଞା ମେହେର ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛନ୍ତି। ଏହି ସଫଳତାରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ବିବେକ ଦାଶରୀ ଓ କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ ଉଚ୍ଚ ପ୍ରଶଂସା କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ଓଡ଼ିଶା ଭାସ୍କର' ଜିଲ୍ଲା ପ୍ରତିନିଧି ରଞ୍ଜନ ପଟ୍ଟନାୟକଙ୍କ ପରଲୋକ

ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା

ରାଇଘର, (ଭାସ୍କର ନ୍ୟୁଜ): 'ଓଡ଼ିଶା ଭାସ୍କର'ରେ କାର୍ଯ୍ୟରତ ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ରଞ୍ଜନ ପଟ୍ଟନାୟକଙ୍କ ଗତ ଶନିବାର ରାତ୍ର ୧୧.୩୦ ମିନିଟରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଓ କନ୍ୟା ସନ୍ତାନ ଉପସ୍ଥିତ ରହିଥିଲେ। ତାଙ୍କ ବିୟୋଗରେ ନବରଙ୍ଗପୁର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଶ୍ରୀ ପଟ୍ଟନାୟକ ୨୦୧୧ ମସିହାରୁ 'ଓଡ଼ିଶା ଭାସ୍କର'ରେ ଜଡିତ ହୋଇ ନିଜର କାର୍ଯ୍ୟ ସଂପାଦନ କରୁଆସୁଥିଲେ। ତାଙ୍କ ବିୟୋଗରେ 'ଓଡ଼ିଶା ଭାସ୍କର' ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱର୍ଗତ ଶ୍ରୀ ପଟ୍ଟନାୟକ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତିଥିଲେ। ୧୯୯୭ରୁ ୨୦୦୨ମସିହା ପର୍ଯ୍ୟନ୍ତ ସେ ନବରଙ୍ଗପୁର ମ୍ୟୁନିସିପାଲଟି ୧୩ ନମ୍ବର ୱାର୍ଡର କାଉନ୍‌ସିଲର ଭାବେ କାର୍ଯ୍ୟ ସଂପାଦନ କରୁଥିଲେ। ସେ ଉଭୟ ରାଜନୀତି ଓ ସାମ୍ବାଦିକତାକୁ ନିଶା ଓ ପେଶାରେ ପରିଣତ କରିପାରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ସେ ଗତ ୧୦ ବର୍ଷ ହେବ କର୍କଟ ରୋଗରେ ପୀଡିତ ରହି ଚିକିତ୍ସିତ ହୋଇଆସୁଥିଲେ।

# ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବୈଠକ

ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ରାଧାକୃଷ୍ଣ ମନ୍ଦିର ପରିସରରେ ଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି ଦାମୋଦର ବିଷୋୟୀ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ବିଷୋୟୀ ଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣ ପଶ୍ଚିମାଞ୍ଚଳ ର କ୍ଷେତ୍ରୀୟ ସମ୍ପାଦକ ରବିନ୍ଦ୍ର ନାଥ ପରିଡା ଯୋଗଦେଇ ଆଗାମୀ ଜାନୁୟାରୀ ୬ ତାରିଖ ରୁ ୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓଗଗଞ୍ଚ ଠାରେ ହେବାକୁ ଥିବା ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ଚେତନା ମହୋତ୍ସବର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ । ଶ୍

ରାଇଘର(ଭାସ୍କର ନ୍ୟୁଜ): ସ୍ଥାନୀୟ ରାଜୀବ ସ୍ମୃତି ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଗୀତା ଜ୍ଞାନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଇଘର କଲେଜ ଅଧ୍ୟକ୍ଷ ପରୀକ୍ଷିତ ସାହୁ ମିଶନ ତରଫରୁ ସଂଯୋଜକ ଏବଂ ଆଇନଜୀବୀ କିରଣ କୁମାର ପଟ୍ଟନାୟକ ସଂଚାଳକ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ସଭାପତି ଭାବେ ସଂସ୍କୃତିପ୍ରେମୀ ଅଜୟ କୁମାର ଦାଶ ମଞ୍ଚାସୀନ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରତିସ୍ପିଶ୍ମା ମହାପାତ୍ର ଯୋଗ ଦେଇଥିଲେ । ଏଥିସହିତ ଉମରକୋଟ ରୁ ଆସିଥିବା ବିଶ୍ୱ ହିନ୍ଦୁପରିଷଦ ନବରଙ୍ଗପୁର ଜିଲ୍ଲା ସଭାପତି କୃପାରାମ ସାହୁ, କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା, ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, ବଜରଙ୍ଗ ଦଳ ସଭାପତି ଅଶୋକ ପାତ୍ର, ପରିଷଦ ସଦସ୍ୟ ସୌରଭ ଭାଇ ମଞ୍ଚରେ ଉପସ୍ଥିତ ରହି ଗୀତା ଜ୍ଞାନ ତତ୍ତ୍ୱ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଏଗାର ଟି ଶିକ୍ଷାନୁଷ୍ଠାନର ପଚାଶ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାବେଳେ ଅବସର ପ୍ରାପ୍ତ ଶିକ୍ଷକ ତଥା ସଂସ୍କୃତିପ୍ରେମୀ ଲକ୍ଷ୍ମୀଧର ମହାନ୍ତି, ଗଙ୍ଗାଧର ପାଣି, ପଦ୍ମନାଭ ରାଉତ, ଅନନ୍ତ ବାରିକ, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ଶିକ୍ଷକ ଅର୍ଜୁନ ବାରିକ ବିଚାରପତି କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଆଠ ଜଣଙ୍କୁ ମିଶନ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନ ମୁଖ୍ୟ ଗୀତାଞ୍ଜଳି ସାମଲଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

## ସୀମାନ୍ତରେ ଜଣେ ମାଓବାଦୀ ଗିରଫ
# ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଚାଲିଥିବା ନକ୍ସଲ ବିଲୋପ ଅଭିଯାନ ମାଧ୍ୟମରେ ତଲାସି ଅଭିଯାନ ବେଳେ ଯବାନଙ୍କ ଦ୍ୱାରା ଜଣେ ମାଓବାଦୀ ଗିରଫ ହୋଇଛି । ସୂଚନା ଅନୁଯାୟୀ ସୁକୁମା ଜିଲ୍ଲାର ଗାଦିରାସ ପୋଲିସ ଷ୍ଟେସନରୁ ଜିଲ୍ଲା ବାହିନୀର ଏକ ଦଳ ଜିରାମପାଲ ଏବଂ ଏହାର ଆଖପାଖ ଅଞ୍ଚଳକୁ ନକ୍ସଲ ମାନଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ତଲାସି ଅଭିଯାନ ନିମନ୍ତେ ବାହାରିଥିଲେ । ଏହି ଅଭିଯାନ ସମୟରେ ଚିନ୍ନାପାର ଜିରାମପାଲ ଜଙ୍ଗଲରେ ସୁରକ୍ଷା ବାହିନୀ ଦ୍ୱାରା ତଲାସି ଅଭିଯାନ ବେଳେ ଜଙ୍ଗଲ ମଧ୍ୟରେ କିଛି ବ୍ୟକ୍ତି ଯବାନଙ୍କୁ ଦେଖି ଦଉଡିବା ଆରମ୍ଭ କରିଥିବାରୁ ସେମାନଙ୍କ ଉପରେ ସନ୍ଦେହ କରି ଯବାନ ମାନେ ସେମାନଙ୍କୁ କାବୁ କରିବା ପାଇଁ ପ୍ରୟାସ କରିଥିଲେ । ଯବାନ ମାନେ ଜଣେ ବ୍ୟକ୍ତିକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ମାନେ ଶୀଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଏହାପରେ ଯବାନ ମାନେ ଉକ୍ତ କାବୁ ହୋଇଥିବା ବ୍ୟକ୍ତିକୁ ପଚରା ଉଚରା କରିବା ବେଳେ ସେ ନିଜ ନାମ କାଓ୍ୱାସୀ ଯୋଗା ଏବଂ ନକ୍ସଲ ସଂଗଠନର କୋଣ୍ଟା ଏରିଆ କମିଟିରେ ଭଣ୍ଡାରପଦର ଆରପିସି ସଭାପତି ପଦରେ କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲା । ସୁରକ୍ଷା ବାହିନୀକୁ ଟାର୍ଗେଟ କରି ବିସ୍ଫୋରକ ସାମଗ୍ରୀ ଖଞ୍ଜିବା ଉଦେଶ୍ୟରେ ସେମାନେ ଜଙ୍ଗଲ ମଧ୍ୟରେ ଯୋଜନା କରୁଥିବା ମଧ୍ୟ ସେ ସ୍ୱୀକାର କରିଥିବା ବେଳେ ତା ନିକଟରୁ ଯବାନ ମାନେ ୫ଟି ଜେଲାଟିନ୍ ରଡ୍, ୪ଟି ଇଲେକ୍ଟ୍ରିକ୍ ଡିଟୋନେଟର, କର୍ଡେକ୍ସ ତାର ପ୍ରାୟ, ଟିଫିନ୍, ନକ୍ସଲ୍ ପୋଷ୍ଟର ଆଦି ଜବତ କରି ମାଓବାଦୀ କାଓ୍ୱାସୀ ଯୋଗାକୁ ଗିରଫ କରିଥିଲେ ।

## ଝାରସୁଗୁଡ଼ାରେ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମର ଶୁଭାରମ୍ଭ
# ଭବିଷ୍ୟତ ଗଠନ ପାଇଁ ଉପାଦେୟ ପରାମର୍ଶ ନେବେ: ଧର୍ମେନ୍ଦ୍ର

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ଠାରେ ମହାନଦୀ କୋଲ ଫିଲ୍ଡ (ଏମସିଏଲ) ର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ଦଶମରୁ ଦ୍ୱାଦଶ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାରିୟର୍ କାଉନସେଲିଂ ଏବଂ ଲାଇଫ୍ ସ୍କିଲ୍ ପ୍ରୋଜେକ୍ଟ "ଏମସିଏଲ୍ କୀ ଏକ୍ ପହଲ୍" କାର୍ଯ୍ୟକ୍ରମ ରବିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଓ ଏମସିଏଲ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତିର ପରାମର୍ଶ କ୍ରମେ ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗ ଦେଖାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ସାଧୁ ଉଦ୍ୟମ । ଓଡ଼ିଶା କୁଶଳୀ ଲୋକଙ୍କ ରାଜ୍ୟ । ଆଜିର ସମୟକୁ ଧ୍ୟାନରେ ରଖି ଯୁବବର୍ଗଙ୍କ ଦକ୍ଷତା ଓ ଉଦ୍ୟମିତା ବଢାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୧୪,୯୬୨ ଜଣ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନସେଲିଂ କରାଯିବ । ଉପାଦେୟ ପରାମର୍ଶ ଦେଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି । କ୍ୟାରିୟର କାଉନସେଲିଂ ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କୁ କେବଳ କ୍ୟାରିୟର ପଥ ଅନ୍ୱେଷଣ କରିବାରେ ସାହାଯ୍ୟ କରିବ ନାହିଁ ବରଂ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ାର ବିକାଶ ଦିଗରେ ବିଶେଷ ସହାୟକ ହେବ । ଏହି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ଝାରସୁଗୁଡ଼ାର ଛାତ୍ରଛାତ୍ରୀଙ୍କ ଆଶା, ଆକାଂକ୍ଷା ପୂରଣ କରିବା ସହ ସେମାନଙ୍କ ସର୍ଣ୍ଣିମ ଭବିଷ୍ୟତ ଗଠନ ହୋଇପାରିବ । ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଦେଶରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହେଉଛି । ଓଡ଼ିଶା ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି ଲାଗୁ କରିବା ପାଇଁ ନିଷ୍ପତି ନେଇଛନ୍ତି । ଭାରତ ସରକାରଙ୍କ ପିଏମ ଶ୍ରୀ ସ୍କୁଲ ଭଳି ସବୁ ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ସ୍କୁଲରେ ମଧ୍ୟାହ୍ନ ଭୋଜନର ସମ୍ପ୍ରସାରଣ ସହ ବିଦ୍ୟାଳୟର ଉନ୍ନତି ପାଇଁ ଓଡ଼ିଶା ରାଜ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି । ଶିଶୁ ଦିବସ ଅବସରରେ ରାଜ୍ୟ ସରକାର ଗୋଟେ ଅଭିନବ ପ୍ରୟାସ "ଦୋକାନ ମେଳା" ଆୟୋଜନ କରିଥିଲେ ଯାହା ଆମ ପିଲାଙ୍କୁ ଉଦ୍ୟୋଗୀ କରିବ । ଝାରସୁଗୁଡ଼ା ଜିଲ୍ଲା ଉଦ୍ୟମୀ ମାନଙ୍କ ଜିଲ୍ଲା । ପିଲାମାନେ ଏଥିପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର । ଝାରସୁଗୁଡ଼ାର ଖଣି, ଖାଦାନ ଓ ଶିଳ୍ପାନୁଷ୍ଠାନ ଏବଂ ଇତିହାସ ସହ ଜଡ଼ିତ ସ୍ଥାନ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପରିଦର୍ଶନ କରାଇବା ପାଇଁ ଯୋଜନା କରିବାକୁ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେବା ସହ ଶିକ୍ଷା ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାକୁ ଅଗ୍ରଣୀ ଅଞ୍ଚଳ କରିବା ପାଇଁ ଆହ୍ୱାନ କରିଛନ୍ତି । ସେହିପରି ଝାରସୁଗୁଡ଼ାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢା ପ୍ରତି ଆଗ୍ରହ ବଢାଇବା ଲକ୍ଷ୍ୟରେ ଦୁଇ ମାସ ଧରି "ପଠନ ପାର୍ବଣ" ଆୟୋଜନ ନେଇ ଖୁସିପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପାଠପଢା ପ୍ରତି ଆଗ୍ରହୀ କରାଇବା ଜାତୀୟ ଶିକ୍ଷା ନୀତିର ଏକ ପରାମର୍ଶ । ନିପୁଣ ଭାରତ ଗଠନ ଦିଗରେ ଜିଲ୍ଲା ପ୍ରଶାସନ ତରଫରୁ ଏହା ଏକ ସାଧୁ ଉଦ୍ୟମ । ଏମସିଏଲ୍ କୀ ଏକ୍ ପହଲ୍ କାର୍ଯ୍ୟକ୍ରମରେ ଓଡ଼ିଶାର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

## ବିଜେପି ଯୁବନେତାଙ୍କ ପିତୃ ବିୟୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ) : ରବିବାର ନିଶ୍ଚିନ୍ତକୋଇଲି ବ୍ଲକ ଜିର୍ଗିପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଭରତ ଘଡେଇଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୯ ବର୍ଷ ହୋଇଥିଲା । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର ଏକମାତ୍ର ପୁତ୍ର ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରତିନିଧି ମଳୟ କୁମାର ଘଡେଇ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା,ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡେଇ, ପ୍ରଫୁଲ କୁମାର ମହାପାତ୍ର, ମୀନକେତନ ଦାସ,ଆଇନ୍‌ଜୀବୀ ଅଶୋକ କୁମାର ମହାପାତ୍ର, ବିଜେପି ନେତା ରଞ୍ଜନ କୁମାର ଦାସ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଯୁବ ସମାଜସେବୀ ସାରଦା ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଜ୍ୟୋତିରଞ୍ଜନ ସ୍ୱାଇଁ, ସାମ୍ବାଦିକ ରଞ୍ଜନ କୁମାର ଦାସ, ପ୍ରଶାନ୍ତ କୁମାର ନାୟକ, ଅଭୟ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଣବ କୁମାର ବେହେରା, ଆଶିଷ କୁମାର ପଣ୍ଡା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ୨୫ଲକ୍ଷ ଲାଞ୍ଚ ନେଇ ପୂର୍ବତଟ ରେଳପଥ ୱାଲଟିୟର ଡିଭିଜନ ଡିଆରଏମ୍ ଗିରଫ

ବିଶାଖାପାଟଣା: ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନର ଡିଆରଏମ୍ ଜଣେ ଫାର୍ମ ମାଲିକଙ୍କଠାରୁ ୨୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି । ମୁମ୍ବାଇର ଏକ ଘରୋଇ ଫାର୍ମର ପ୍ରୋପାଇଟର ତାଙ୍କୁ ଏହି ଲାଞ୍ଚ ଦେଉଥିଲେ । ମୁମ୍ବାଇର ଫାର୍ମ ମାଲିକ ଏବଂ ପୁନେର ଅନ୍ୟଜଣେ ଫାର୍ମମାଲିକ ମଧ୍ୟ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି । ପରେ ସିବିଆଇ ପକ୍ଷରୁ ଚଢାଉ କରାଯାଇ ନଗଦ ୮୬.୬ ଲକ୍ଷ ଏବଂ ୭୨ ଲକ୍ଷ ଟଙ୍କାର ସୁନାଗହଣା ସହ ସମ୍ପତ୍ତି କାଗଜପତ୍ର, ବ୍ୟାଙ୍କ ଲକରର ଚାବି ଜବତ କରାଯାଇଛି । ଏ ନେଇ ସିବିଆଇ ଏକ ମାମଲା ରୁଜୁ କରିଛି । ୩.୧୭ କୋଟିର ଏକ ବିଲ୍ ପାସ୍ କରିବା ପାଇଁ ଡିଆରଏମ୍ ଏହି ଲାଞ୍ଚ ନେଉଥିଲେ । ସିବିଆଇ ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରୁଛି । ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି ।

## ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଧାନ ସଂଗ୍ରହ ବେଳେ କୌଣସି ପ୍ରକାରର କଟନୀ-ଛଟନୀ ନ କରି ଚାଷୀମାନଙ୍କୁ ଧାନ ସଂଗ୍ରହ କେନ୍ଦ୍ରରେ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧାନ ସଂଗ୍ରହ କେନ୍ଦ୍ରରେ ସୁପରିଚାଳନା ପାଇଁ ଜଣେ ଜଣେ ଅଧିକାରୀ ରହିବେ ଏବଂ ଜିଲ୍ଲାପାଳ ଏହାର ତତ୍ତ୍ୱାବଧାନ କରିବେ । ବଳକା ଧାନ ସଂଗ୍ରହ ପାଇଁ ଆବଶ୍ୟକ ହେଲେ ଅଧିକ ଗୋଦାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଖାଉଟି ସାମଗ୍ରୀ ଯୋଗାଣ ନିମନ୍ତେ ୬୨୩ଟି ସୁଲଭ ଖାଉଟି ବିକ୍ରୟ କେନ୍ଦ୍ରରେ ହିତାଧିକାରୀଙ୍କୁ ନିୟମିତ ଖାଉଟି ଦ୍ରବ୍ୟ ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ମନ୍ତ୍ରୀ ଧାନ ସଂଗ୍ରହରେ ସମବାୟ ସଂସ୍ଥାର କାର୍ଯ୍ୟକ୍ରମ, ରାସ୍ତା ଓ ପୂର୍ତ୍ତ ବିଭାଗ ଦ୍ୱାରା ହେଉଥିବା ରାସ୍ତା ଓ ସେତୁ ନିର୍ମାଣ, ଗ୍ରାମ ଉନ୍ନୟନ, ଗ୍ରାମାଂଚଳରେ ବଳ ଯୋଗାଣ, ରେଙ୍ଗାଳି ରାଇଟ୍ କେନାଲ ପ୍ରୋଜେକ୍ଟର ଅଗ୍ରଗତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକାରିତା ଆଦି ସଂପର୍କରେ ବିଭାଗୀୟ ଅଧିକାରୀ ଠାରୁ ଅବଗତ ହୋଇଥିଲେ । ଜିଲ୍ଲାକୁ ରାଜ୍ୟର ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ଅଧିକାରୀମାନଙ୍କ ନିଷ୍ଠାପରତା ପାଇଁ ସାଧୁବାଦ ଜଣାଇଥିଲେ । ଏହି ବୈଠକରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା ଏବଂ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶ୍ରୀରାମକୃଷ୍ଣ ସେବାଶ୍ରମର ବାର୍ଷିକୋତ୍ସବ

ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ୍ ପିଟୁକୁଳି ପଞ୍ଚାୟତ ଅନ୍ତର୍ଗତ ଟିକାତାଳ ଶ୍ରୀରାମକୃଷ୍ଣ ସେବାଶ୍ରମର ୪୬ତମ ବାର୍ଷିକ ଉତ୍ସବ ପବିତ୍ର ରାସପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଧର୍ମସଭାରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଭାଗବତାନନ୍ଦ ପୁରୀ ମହାରାଜ ମୁଖ୍ୟ ଅତିଥି , ଡାକ୍ତର ନବ କିଶୋର ମହାପାତ୍ର ମୁଖ୍ୟବକ୍ତା ବ୍ରଜ ଶ୍ରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ମନୁଷ୍ୟ ଭଗବତପ୍ରେମୀ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପଣ ମନୋଭାବ ରଖିଲେ ସାନିଧ ଲାଭ ପାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ ।ସଭାର ପ୍ରାରମ୍ଭରେ ଭକ୍ତବଲ୍ଲଭ ପଟ୍ଟନାୟକ ବେଦଧ୍ୱନି ସହିତ ଶାନ୍ତିପାଠ କରିଥିବ ବେଳେ ମନୋଜ କୁମାର ଗୁମାନସିଂହ ରାମକୃଷ୍ଣ କଥାମୃତ ପାଠ କରିଥିଲେ । ଉପସଭାପତି ରାଜ କିଶୋର ଛୁଆଲ ସିଂହ ବାର୍ଷିକ ବିବରଣୀ ପ୍ରଦାନ ପରେ ସମାଜସେବୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ ୪ଜଣ ଅଭାବୀ ବିଦ୍ୟାର୍ଥୀଙ୍କୁ ଠାକୁର, ମା', ସ୍ୱାମୀଜୀଙ୍କ ଜୀବନୀ ପୁସ୍ତକ ସହ ଏକ ହଜାର ଟଙ୍କା ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ଶେଷରେ ସହ ସମ୍ପାଦକ ଅଧ୍ୟାପକ ସର୍ବେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବାଙ୍କୀ ବ୍ଲକ ଅନ୍ତର୍ଗତ ଡଂସର ଗ୍ରାମର ରାମକୃଷ୍ଣ ଆଶ୍ରମର ଆଶ୍ରମର ଭକ୍ତ ମଣ୍ଡଳୀ ଓ ଭୁବନେଶ୍ୱର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ଗ୍ରୁପ୍ ଭକ୍ତି ସଂଗୀତ ପରିବେଷଣ କରିଥିଲେ ।

## ଅଲୌକିକତା ଓ ଇତିହାସର ସଙ୍ଗମସ୍ଥଳୀ
# ରାଗୋଳର ଧୂନିଘର ମଠ

ଢେଙ୍କାନାଳ (ଭାସ୍କର ନ୍ୟୁଜ): ଅସଂଖ୍ୟ ମଠ, ମନ୍ଦିର ଓ ଉପାସନା ପୀଠ ମାନଙ୍କୁ ନେଇ ସମୃଦ୍ଧ ଆମର ସଂସ୍କୃତି । ଆମ ରାଜ୍ୟର କୋଣ ଅନୁକୋଣରେ ଏମିତି ଅନେକ ମଠ, ମନ୍ଦିର ରହିଛି ଯେଉଁ ଗୁଡିକ ପ୍ରଚାର ପ୍ରସାର ଅଭାବରୁ ଲୋକଲୋଚନର ଅନ୍ତରାଳରେ ରହିଆସିଛି । ଅଥଚ ସେଗୁଡିକ ଯେ ଆମ ସାଂସ୍କୃତିକ ଜୀବନଧାରାକୁ ଏଯାବତ ପ୍ରଭାବିତ କରି ଆସୁଛି, ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ । ସେମିତି ଏକ ଅନନ୍ୟ ମଠ ହେଉଛି ହିନ୍ଦୋଳ ଉପଖଣ୍ଡର ବାଲିମି ଥାନା ଅନ୍ତର୍ଗତ ରାଗୋଳ ଗ୍ରାମରେ ଅବସ୍ଥିତ ଧୂନିଘର ମଠ । ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ଏକ ମନୋରମ ପରିବେଶରେ ଅବସ୍ଥିତ ଏହି ମଠଟି ସମ୍ପର୍କରେ ରହିଛି ଅନେକ ରୋଚକ ତଥ୍ୟ ଓ କିମ୍ବଦନ୍ତୀ । ଏହାର ସଠିକ ଲିଖିତ ଇତିହାସ ନଥିଲେ ମଧ୍ୟ ଏହି ମଠଟି ଆନୁମାନିକ ତିନିଶହ ବର୍ଷର ପ୍ରାଚୀନ କିର୍ତ୍ତୀ । ଏହାର ସ୍ଥାପୟିତା ହେଉଛନ୍ତି ବ୍ରହ୍ମ ଉପାସକ ବାଙ୍କଟ ବିହାରୀ ଦାସ ନାମକ ଜଣେ ସିଦ୍ଧ ସାଧକ । ଏଠାରେ ଏକ ଅଖଣ୍ଡ ଧୂନି ସ୍ଥାପନ କରି ବାଙ୍କଟ ବିହାରୀ ଯୋଗ ସାଧନା ବଳରେ ଅ

ବେରୁତ: ଲେବାନନର ରାଜଧାନୀ ବେରୁତର ଦକ୍ଷିଣାଞ୍ଚଳକୁ ଟାର୍ଗେଟ କରି ଇସ୍ରାଏଲ ଏକ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି। ରବିବାର ସକାଳେ ଇସ୍ରାଏଲ ସେନା ଲେବାନନ୍ ବିରୋଧରେ ଆକ୍ରମଣ ଆରମ୍ଭ କରିଥିବା ବେଳେ ଏଥର ଏପର୍ଯ୍ୟନ୍ତ ସଂଘର୍ଷରେ ସମ୍ପୃକ୍ତ ନଥିବା ଅଞ୍ଚଳକୁ ଆକ୍ରମଣ କରିଛି। ଲେବନାନ୍ ନ୍ୟୁଜ୍ ଆଉଟଲେଟ୍ ଅଲ୍ ମାୟାଦିନ୍ ଅନୁଯାୟୀ, ଇସ୍ରାଏଲ୍ ସେନା ଏକାଧିକ ଏୟାରଷ୍ଟ୍ରାଇକ୍ କରି ସିଧାସଳଖ ଆବାସିକ କୋଠାଗୁଡ଼ିକୁ ଟାର୍ଗେଟ୍ କରିଥିଲା। ଏହି ଆକ୍ରମଣରେ ହାଡଥ ଅଞ୍ଚଳରେ ଥିବା ଏକ ଚର୍ଚ୍ଚ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଗୋଟିଏ ଆକ୍ରମଣ ହାଡାଥର ସେଣ୍ଟ ଜର୍ଜ ହସ୍ପିଟାଲ ନିକଟରେ ଥିବା ଏକ ବେସାମରିକ କୋଠାକୁ ଧକ୍କା ଦେଇଥିଲା, ଯାହା ଚର୍ଚ୍ଚ ଅଫ୍ ଆଭର ଲେଡି ଅଫ୍ ଦି ଆସେପସନକୁ କ୍ଷତି ପହଞ୍ଚାଇଥିଲା। ଏହାବ୍ୟତୀତ ଇସ୍ରାଏଲର ଅନ୍ୟ ଏକ ଆକ୍ରମଣରେ ଦକ୍ଷିଣ ବେରୁତର ଚିୟା ଅଞ୍ଚଳରେ ଥିବା ଏକ ୧୨ ମହଲା ଆବାସିକ କୋଠାକୁ ଟାର୍ଗେଟ କରାଯାଇଥିଲା, ଯାହା ବିଲ୍ଡିଂକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିଲା। ଏହି ଆକ୍ରମଣ ସତ୍ତ୍ୱେ ଇସ୍ରାଏଲ ସେନା ବେରୁତର ଦକ୍ଷିଣ ଉପାନ୍ତ ଅଞ୍ଚଳରେ ଥିବା କୋଠାଗୁଡ଼ିକ ଉପରେ ଅଧିକ ଆକ୍ରମଣ ଜାରି ରଖିଛି। ସେପ୍ଟେମ୍ବର ମାସରୁ ଲେବନାନରେ ଇସ୍ରାଏଲର ଏୟାର ଷ୍ଟ୍ରାଇକ୍‌ରେ ପାଖାପାଖି ୩୦୦ ଲୋକ ପ୍ରାଣ ହରାଇଥିବା ବେଳେ ୧୦ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି।

## ଦ ସାବରମତୀ ରିପୋର୍ଟ ଚଳଚ୍ଚିତ୍ରକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଗତ ଶୁକ୍ରବାର ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଦ ସାବରମତୀ ରିପୋର୍ଟ'କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସତ୍ୟ ସାମ୍ନାକୁ ଆସୁଛି, ଯାହାକୁ ଜନସାଧାରଣ ଦେଖିବାକୁ ସକ୍ଷମ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅଭିନେତା ବିକ୍ରାନ୍ତ ମାସେଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ୨୦୦୨ ଗୋଧ୍ରା ଟ୍ରେନ୍ ଟ୍ରାଜେଡି ଘଟଣାବଳୀ ଉପରେ ପର୍ଯ୍ୟବସିତ। ଏହି ଚଳଚ୍ଚିତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ହୋଇଥିବା ଏକ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ମୋଦୀ କହିଛନ୍ତି, ଏହା ଅତ୍ୟନ୍ତ ଭଲ ଯେ ସତ୍ୟ ସାମ୍ନାକୁ ଆସୁଛି ଏବଂ ଜନସାଧାରଣ ବି ଏହାକୁ ଦେଖିପାରିବେ। ଏକ ମିଥ୍ୟା ଆଲୋଚନା କେବଳ ସୀମିତ ସମୟସୀମା ପର୍ଯ୍ୟନ୍ତ ବଳବତ୍ତର ରହିପାରିବ। କିନ୍ତୁ ପରିଶେଷରେ ସତ୍ୟ ହିଁ ସାମ୍ନାକୁ ଆସିବ। ସୂଚନାଯୋଗ୍ୟ, ଏହି ଚଳଚ୍ଚିତ୍ରଟି ଧୀରଜ ସରନାଙ୍କ ଦ୍ୱାରା ନିର୍ଦ୍ଦେଶିତ। ୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣା ଉପରେ ଏହି ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି, ଯାହାକୁ ନେଇ ଗୁଜରାଟରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ସେହି ସମୟରେ ମୋଦୀ ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିଲେ। ଏହି ଘଟଣାରେ ତାଙ୍କ ନାମକୁ ବି ବାରମ୍ବାର ଯୋଡ଼ାଯାଇଥିଲା।

## ମିଥ୍ୟା ଖବର ମୁକାବିଲା ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ: ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ୨୦୨୪ ଅବସରରେ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ମିଡିଆ ସେଣ୍ଟରରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍, ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇ ଏବଂ ବରିଷ୍ଠ ସାମ୍ବାଦିକକୁନ୍ଦନ ରମଣଲାଲ ବ୍ୟାସ ଉପସ୍ଥିତ ଥିଲେ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟ ଅତିଥି ଏବଂ ଭର୍ଚୁଆଲ ମାଧ୍ୟମରେ ଜାତୀୟ ପ୍ରେସ୍ ଦିବସ ସମାରୋହରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତର ଜୀବନ୍ତ ଏବଂ ବିବିଧ ଗଣମାଧ୍ୟମ ଇକୋସିଷ୍ଟମ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ୩୫,୦୦୦ ପଞ୍ଜିକୃତ ଖବରକାଗଜ, ଅନେକ ନ୍ୟୁଜ୍ ଚ୍ୟାନେଲ ଏବଂ ଏକ ସୁଦୃଢ଼ ଡିଜିଟାଲ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ୪ଜି ଏବଂ ୫ଜି ନେଟୱାର୍କରେ ପୁଞ୍ଜିନିବେଶ ଭାରତକୁ ବିଶ୍ୱସ୍ତରରେ ସର୍ବନିମ୍ନ ଡାଟା ମୂଲ୍ୟ ସହିତ ଡିଜିଟାଲ ସଂଯୋଗ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ପହଞ୍ଚାଇଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ତେବେ ଗଣମାଧ୍ୟମ ଓ ପ୍ରେସର ପରିବର୍ତ୍ତିତ ଦୃଶ୍ୟପଟ ଯୋଗୁଁ ଆମ ସମାଜ ସମ୍ମୁଖୀନ ହେଉଥିବା ୪ଟି ପ୍ରମୁଖ ଆହ୍ୱାନ ବିଷୟରେ ସେ ଉଲ୍ଲେଖ କରିଥିଲେ । ମିଥ୍ୟା ଖବର ପ୍ରସାର ଗଣମାଧ୍ୟମ ଉପରେ ବିଶ୍ୱାସକୁ କ୍ଷୁର୍ଣ୍ଣ କରିବା ସହ ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି। ଶ୍ରୀ ବୈଷ୍ଣବ ତାଙ୍କ ଅଭିଭାଷଣରେ ଡିଜିଟାଲ ମିଡିଆର ଦ୍ରୁତ ଅଭିବୃଦ୍ଧି ଏବଂ ଏହି ପ୍ଲାଟଫର୍ମରେ ପ୍ରକାଶିତ ବିଷୟବସ୍ତୁର ଦାୟିତ୍ୱ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଥିଲେ । ଶ୍ରୀ ବୈଷ୍ଣବ ବିଶେଷକରି ଭାରତ ଭଳି ଏକ ବିବିଧ ରାଷ୍ଟ୍ରରେ ଏଭଳି ପକ୍ଷପାତର ସାମାଜିକ ପରିଣାମ ଉପରେ ଆଲୋକପାତ କରିଥିଲେ ଏବଂ ସେମାନଙ୍କ ବ୍ୟବସ୍ଥା ଆମ ସମାଜ ଉପରେ ଯେଉଁ ପ୍ରଭାବ ପକାଇଥାଏ ତାହାର ସମାଧାନ ବାହାର କରିବାକୁ ପ୍ଲାଟଫର୍ମଗୁଡ଼ିକୁ ଆହ୍ୱାନ ଦେଇଥିଲେ । ଏଆଇର ଉତ୍ଥାନ କ୍ରିଏଟର୍ସଙ୍କ ପାଇଁ ନୈତିକ ଏବଂ ଅର୍ଥନୈତିକ ଆହ୍ୱାନ ଉପସ୍ଥାପନ କରେ ଯେଉଁମାନଙ୍କ କାର୍ଯ୍ୟ ଏଆଇ ମଡେଲଗୁଡ଼ିକୁ ପ୍ରଶିକ୍ଷଣ ଦେବା ପାଇଁ ବ୍ୟବହୃତ ହୁଏ । କେନ୍ଦ୍ରମନ୍ତ୍ରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉନ୍ନତି ଯୋଗୁଁ ସୃଜନଶୀଳ ଦୁନିଆ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ । ଏଆଇ ପ୍ରଣାଳୀ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନର ମୁକାବିଲା କରି ସେ ମୂଳ ନିର୍ମାତାଙ୍କ ବୌଦ୍ଧିକ ସମ୍ପତ୍ତି ଅଧିକାରକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ନେତାନ୍ୟାହୁଙ୍କୁ ପୁଣି ହତ୍ୟା ଉଦ୍ୟମ

## ଘର ଉପରକୁ ବୋମାମାଡ଼

ଇସ୍ରାଏଲ: ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ହତ୍ୟା ଉଦ୍ୟମ୍। ତାଙ୍କ ଘର ଉପରକୁ ପୁଣି ହେଲା ହମ୍‌ଲା। ବୋମା ମାଡ଼ କଲା ହେଜବୁଲ୍ଲା। ଆତଙ୍କବାଦୀ ସଙ୍ଗଠନ ହେଜବୁଲ୍ଲା ଦ୍ୱାରା ଦୁଇଟି ବୋମା ମାଡ଼ କରାଯାଇଛି। ନେତାନ୍ୟାହୁଙ୍କ ଘର ପାଖରେ ସ୍ଥିତ କେସରିୟା ଅଞ୍ଚଳରେ ଏହି ବୋମା ମାଡ଼ ହୋଇଛି। ଏନେଇ ସୁରକ୍ଷା ସେବା ଶନିବାର ସୂଚନା ଦେଇ ଘଟଣାକୁ ଗୁରୁତର ବୋଲି ବର୍ଣ୍ଣନା କରିଛି। ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ଥିବା ଉଦ୍ୟାନରେ ଦୁଇଟି ବିସ୍ଫୋରଣ ଘଟିଛି ବୋଲି ପୋଲିସ ଏବଂ ସିନ୍ ବେଟ୍ ଆଭ୍ୟନ୍ତରୀଣ ସୁରକ୍ଷା ଏଜେନ୍ସି ମିଳିତ ବିବୃତ୍ତିରେ କହିଛନ୍ତି। ତେବେ ଘଟଣା ସମୟରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପରିବାର ଘରେ ନଥିଲେ। ଏହି ଘଟଣାରେ ତଦନ୍ତ ଆରମ୍ଭ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏହା ଏକ ଗୁରୁତର ଘଟଣା ବୋଲି ସେ କହିଛନ୍ତି। ଇସ୍ରାଏଲ୍ ରାଷ୍ଟ୍ରପତି ଇସହାକ ହର୍ଜୋଗ ଏହି ଘଟଣାକୁ ନିନ୍ଦା କରିବା ସହ ସର୍ବସାଧାରଣ କ୍ଷେତ୍ରରେ ହିଂସା ବୃଦ୍ଧି ହେବା ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ହର୍ଜୋଗ ତାଙ୍କ ପୋଷ୍ଟରେ କହିଛନ୍ତି ଯେ ମୁଁ ବର୍ତ୍ତମାନ ସିନ୍ ବେଟ୍ ମୁଖ୍ୟଙ୍କ ସହ କଥା ହୋଇଛି। ଏହି ଘଟଣା ପାଇଁ ଦାୟୀ ଥିବା ବ୍ୟକ୍ତିଙ୍କ ଶୀଘ୍ର ଯାଞ୍ଚ ଏବଂ ମୁକାବିଲା କରିବାର ଆବଶ୍ୟକତା ରହିଛି। କହିରଖୁ ଯେ, ଗତ ମାସ ଅକ୍ଟୋବର ୧୯ ତାରିଖରେ ମଧ୍ୟ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ବାସଭବନ ଉପରକୁ ଡ୍ରୋନ୍ ଆକ୍ରମଣ ହୋଇଥିଲା। ଏଥିପାଇଁ ହେଜବୁଲ୍ଲା ନିଜକୁ ଦାୟୀ କରିଥିଲା। ଏହା ପରେ ହେଜବୁଲ୍ଲା ତାଙ୍କ ପତ୍ନୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଥିଲେ ନେତାନ୍ୟାହୁ।

### ଦିଲ୍ଲୀ ପ୍ରଦୂଷଣ ବଢ଼ାଇଲା ସ୍ୱାସ୍ଥ୍ୟଚିନ୍ତା

## ବାୟୁମାନ କ୍ରମାଗତ 'ଗୁରୁତର' ଶ୍ରେଣୀରେ

ନୂଆଦିଲ୍ଲୀ: ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁମାନ ସୂଚକାଙ୍କ କ୍ରମାଗତ 'ଗୁରୁତର' ସ୍ତରରେ ରହୁଥିବାରୁ ଶିଶୁ, ବୟସ୍କ ଓ ସାଧାରଣ ଲୋକମାନେ ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହେଉଥିବା ଦେଖାଯାଉଛି। ଏହା ଶ୍ୱାସକ୍ରିୟାଜନିତ ସମସ୍ୟା, ଆଖି ଜଳାପୋଡ଼ା ଓ ହୃଦ୍‌ରୋଗର ଆଶଙ୍କା ସମେତ ଗୁରୁତର ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରୁଥିବାରୁ ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି। ଡାକ୍ତରଖାନାଗୁଡ଼ିକରେ ଏହି ଧରଣର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, କ୍ରମାଗତ ଚତୁର୍ଥ ଦିନ ପାଇଁ ଦିଲ୍ଲୀ ସହରରେ ଘନ ଧୂଆଁକୁହୁଡ଼ି ରହିଥିବା ବେଳେ ଶନିବାର ସକାଳ ୮ଟା ସୁଦ୍ଧା ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୬ ରେକର୍ଡ କରାଯାଇଛି। ସକାଳ ୬ଟା ୪୫ ମିନିଟ୍‌ରେ ନିଆଯାଇଥିବା ଡ୍ରୋନ୍ ଦୃଶ୍ୟରେ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ) ନିକଟରେ ସମଗ୍ର ଅଞ୍ଚଳ ଧୂଆଁ କୁହୁଡ଼ିମୟ ହୋଇଯାଇଥିଲା। ରବିବାର ସକାଳେ ଆଇଟିଓ ସମେତ ପ୍ରଗତି ମଇଦାନ ଓ ଆଖପାଖ ଅଞ୍ଚଳର ଏକ୍ୟୁଆଇ ୩୫୭ ରେକର୍ଡ କରାଯାଇଥିଲା, ଯାହାକୁ 'ଅତ୍ୟନ୍ତ ଖରାପ' ଶ୍ରେଣୀଭୁକ୍ତ କରାଯାଇଛି। କାଳିନ୍ଦୀ କୁଞ୍ଜ ଆଖପାଖ ଅଞ୍ଚଳ ମଧ୍ୟ ଧୂଆଁକୁହୁଡ଼ିରେ ଆଚ୍ଛାଦିତ ରହିଥିଲା ଏବଂ ଏକ୍ୟୁଆଇ ଗୁରୁତର ବର୍ଗରେ ରହିଥିଲା। ଅନ୍ୟପକ୍ଷରେ କାଳିନ୍ଦୀ କୁଞ୍ଜ ଓ ଓଖଲା ବ୍ୟାରେଜ୍ ନିକଟରେ ଥିବା ନଦୀର କିଛି ଅଂଶରେ ଶିଳ୍ପ ବର୍ଜ୍ୟବସ୍ତୁ, ନର୍ଦ୍ଦମା ନିଷ୍କାସନ ଓ ଡିଟର୍ଜେଣ୍ଟ ଯୋଗୁଁ ବିଷାକ୍ତ ଫେଣ ଦେଖିବାକୁ ମିଳିଥିଲା। ଏକାଧିକ ଅଞ୍ଚଳରେ ଏକ୍ୟୁଆଇ 'ଗୁରୁତର' ଶ୍ରେଣୀରେ ରହିଥିବା ବେଳେ ଏହାକୁ ନେଇ ଦିଲ୍ଲୀବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସିପିସିବି ସୂଚନା ଅନୁଯାୟୀ ଇଣ୍ଡିଆ ଗେଟ୍ ଆଖପାଖ ଅଞ୍ଚଳରେ ଏକ୍ୟୁଆଇ ୪୧୪ ରେକର୍ଡ କରାଯାଇଛି। ସେହିପରି ରାଜଘାଟ ଓ ଆଖପାଖ ଅଞ୍ଚଳରେ ଘନ ଧୂଆଁକୁହୁଡ଼ି ଦେଖିବାକୁ ମିଳିଥିଲା। ଆହୁରି ଅନେକ ଅଞ୍ଚଳରେ ଏକ୍ୟୁଆଇ ୪୦୦ ଉପରେ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣର ମୁକାବିଲା ପାଇଁ ଦିଲ୍ଲୀ ସରକାର ଶୁକ୍ରବାରଠାରୁ ଜାତୀୟ ରାଜଧାନୀରେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ ଅଧୀନରେ ବିଏସ୍-୩ ପେଟ୍ରୋଲ ଓ ବିଏସ୍-୪ ଡିଜେଲ ଚାରିଚକିଆ ଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ମୋଟର ଯାନ ଆଇନ ୧୯୮୮ର ଧାରା ୧୯୪(୧) ଅନୁଯାୟୀ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ଜିଆରଏପି-୩ ପଦକ୍ଷେପଗୁଡ଼ିକ ମଧ୍ୟରେ ରାସ୍ତାର ଯାନ୍ତ୍ରିକ ସଫେଇ, ଦୈନିକ ଜଳ ସିଞ୍ଚନ ଆଦି ଅନ୍ତର୍ଭୁକ୍ତ। ଏଥି ସହିତ ସମସ୍ତ ଉଚ୍ଛେଦ କାର୍ଯ୍ୟ, ଖନନ ଓ ଭର୍ତ୍ତି ପାଇଁ ମାଟିକାମ, ବୋରିଂ ଓ ଡ୍ରିଲିଂ କାର୍ଯ୍ୟ ସମେତ ଉଚ୍ଛେଦ ବର୍ଜ୍ୟବସ୍ତୁ ପରିବହନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ତେବେ ଏହି କଟକଣା ସତ୍ତ୍ୱେ ବାୟୁମାନରେ କୌଣସି ଫରକ ଦେଖିବାକୁ ମିଳୁନାହିଁ।

## ଚନ୍ଦ୍ରଚୂଡଙ୍କୁ ଟାର୍ଗେଟ୍ କଲେ ଉଦ୍ଧବ

ନୂଆଦିଲ୍ଲୀ: ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ଡି ୱାଇ ଚନ୍ଦ୍ରଚୂଡଙ୍କୁ ଟାର୍ଗେଟ କରିଛନ୍ତି। ଏକ ଜାତୀୟ ଗରମାଧ୍ୟମକୁ ସାକ୍ଷାତକାର ଦେଇ ସେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଚନ୍ଦ୍ରଚୂଡଙ୍କୁ ଜୋରଦାର ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଚନ୍ଦ୍ରଚୂଡ ନ୍ୟାୟ ଦେବା ପରିବର୍ତ୍ତେ ଅଧିକ ବୟାନବାଜି କରୁଥିଲେ। ଉଦ୍ଧବଙ୍କ ଏହି ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଉଦ୍ଧବ ଆହୁରି କହିଛନ୍ତି, ଶିବସେନା ବିଧାୟକଙ୍କ ଅଯୋଗ୍ୟତା ମାମଲାରେ ଚନ୍ଦ୍ରଚୂଡ ନିଜର ନିଷ୍ପତ୍ତି ଶୁଣାଇ ନଥିଲେ। ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚନ୍ଦ୍ରଚୂଡ ସାହେବ ନ୍ୟାୟ ଦେବା ପରିବର୍ତ୍ତେ ଟିପ୍ପଣୀକାର ହୋଇଯାଇଥିଲେ। ସେ ସ୍ପଷ୍ଟ କରି କହିଛନ୍ତି, ମୁଁ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁନାହିଁ। ଯେଉଁମାନେ ମହାରାଷ୍ଟ୍ରକୁ ଶୋଷଣ କରୁଛନ୍ତି ସେମାନଙ୍କୁ ପରାଜିତ କରିବା ମୋର ପ୍ରାଥମିକତା। ଅମିତ ଶାହା ବର୍ତ୍ତମାନ ଦେବେନ୍ଦ୍ର ଫଡନାଭିସଙ୍କୁ ସମ୍ମାନିତ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରିଛନ୍ତି।

## ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ୩ କୋଟି, ରୌପ୍ୟ ପଦକ ବିଜେତାଙ୍କୁ ୨ କୋଟି ପୁରସ୍କାର ଘୋଷଣା

ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ଛତିଶଗଡ଼ ରାଜଧାନୀ ରାୟପୁରର ମୋବାସ୍ତିତ ଆଇସୋର୍ଟ୍ସ ବ୍ୟାଡମିଣ୍ଟନ ପରିସରରେ ଆୟୋଜିତ ସିଏମ୍ ଟ୍ରଫି ଇଣ୍ଡିଆ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜ ବ୍ୟାଡମିଣ୍ଟନ -୨୦୨୪ର ଉଦ୍‌ଯାପନୀ ସମାରୋହରେ ସାମିଲ ହୋଇଥିଲେ । ଏହି ସମାରୋହରେ ଶ୍ରୀ ସାଏ ଖେଳାଳିମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଛତିଶଗଡ଼ ସରକାର ରାଜ୍ୟର ଖେଳ ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ । କ୍ରୀଡ଼ାବିତ୍‌ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଯିବ ବୋଲି ସେ ଘୋଷଣା କରିଥିଲେ । ସେ ଆହୁରି କହିଥିଲେ ଯେ, ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଜିତିବେ ତାଙ୍କୁ ୩ କୋଟି, ରୌପ୍ୟ ପଦକ ବିଜେତାଙ୍କୁ ୨ କୋଟି ଏବଂ କାଂସ୍ୟ ପଦକ ବିଜେତାଙ୍କୁ ୧ କୋଟି ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ସେ ଆହୁରି କହିଥିଲେ ଯେ, ଛତିଶଗଡ଼ରେ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ଖୁସିର ବିଷୟ । ଏଥିରେ ୧୦ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ । ଏହା କେବଳ କ୍ରୀଡ଼ାର ମାଧ୍ୟମ ନୁହେଁ, ଏହା ଏକତା, ଅନୁଶାସନ ଏବଂ ସମର୍ପଣର ପ୍ରତୀକ ବୋଲି ସେ ଉଲ୍ଲେଖ କରିଥିଲେ । ଏହା ଯୁବବଗଙ୍କୁ ସକାରାତ୍ମକ ଚିନ୍ତାଧାରାରେ ଆଗେଇ ଯିବା ପାଇଁ ପ୍ରେରଣା ଯୋଗାଇବା ବୋଲି ଶ୍ରୀ ସାଏ କହିଥିଲେ । ଆମ ରାଜ୍ୟରେ ବହୁ ପ୍ରତିଭାବାନ୍ କ୍ରୀଡ଼ାବିତ୍ ରହିଛନ୍ତି । ଭାରତ ସରକାର ଆରମ୍ଭ କରିଥିବା ଖେଲୋ ଇଣ୍ଡିଆ ଯୋଜନା ଛତିଶଡ଼ର ସବୁ ଜିଲ୍ଲାରେ ଲାଗୁ କରାଯିବ ବୋଲି ସେ ଘୋଷଣା କରିଥିଲେ ।

# ବାଣିଜ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୂର୍ବତଟ ରେଳପଥ ଓଡିଶାର ରାଣୀତାଲ (ଭଦ୍ରକ) ଏବଂ ଆନ୍ଧ୍ରପ୍ରଦେଶର ଦୁଭାଡା (ବିଶାଖାପାଟନମ୍) ମଧ୍ୟରେ ୫୯୫ କିଲୋମିଟରର ଦୂରତା ବିଶିଷ୍ଟ ରେଳ ମାର୍ଗରେ ଉନ୍ନତ କବଚ ପ୍ରଣାଳୀ ସ୍ଥାପନ ପାଇଁ ଯୋଜନା କରି ଏକ ପ୍ରମୁଖ ସୁରକ୍ଷା ଉନ୍ନତି ପ୍ରକଳ୍ପ ଆରମ୍ଭ କରିଛି, ଯାହା ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ଲାଇନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ । ଏଥିପାଇଁ ସର୍ଭେ, ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ, ଏବଂ କବଚ ଉପକରଣର କାର୍ଯ୍ୟକ୍ଷମ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଆନୁମାନିକ ମୂଲ୍ୟ ୨୮୦ କୋଟି ସହିତ ଏହି କବଚ କ

ପର୍ଥ: ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ନ ଖେଳିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ସେ ଏବେ ତାଙ୍କ ପତ୍ନୀ ଓ ପୁତ୍ର ସହ ସମୟ କାଟୁଛନ୍ତି । ନଭେମ୍ବର ୨୨ରୁ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ଆରମ୍ଭ ହେବ । ରୋହିତଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମରାହ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ଏଡିଲେଡରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ପୂର୍ବରୁ ରୋହିତ ଦଳ ସହିତ ଯୋଗଦେବେ । ଯଶସ୍ୱୀ ଜୈସୱାଲ ଓ କେଏଲ ରାହୁଲ ଇନିଂସ ଓପନ କରିପାରନ୍ତି । ଶୁଭମନ ଗିଲ ଆଘାତ ସମସ୍ୟା ଯୋଗୁ ପ୍ରଥମ ଟେଷ୍ଟରୁ ଓହରି ଯାଇଛନ୍ତି । ରାହୁଲ ଅଭ୍ୟାସ ସେଶନରେ ଆଘାତପ୍ରାପ୍ତ ହୋଇଥିଲେ ମଧ୍ୟ ଏବେ ଫିଟ ହେବା ଦଳ ପାଇଁ ଆଶ୍ୱସ୍ତି ଖବର ହୋଇଛି । ପୂର୍ବରୁ କୋଚ ଗୌତମ ଗମ୍ଭୀର ମଧ୍ୟ ରାହୁଲ ଟପ ଅର୍ଡରରେ ଖେଳିବେ ବୋଲି ସୂଚନା ଦେଇଥିଲେ । ରାହୁଲ ଏବେ ନେଟ୍ସରେ ଅଧିକରୁ ଅଧିକ ସମୟ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି । ୱାର୍ଲ୍ଡ ଟେଷ୍ଟ ସିରିଜ ଫାଇନାଲରେ ପ୍ରବେଶ ପାଇଁ ଏହି ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଟିମ ଇଣ୍ଡିଆକୁ ଭଲ ପ୍ରଦର୍ଶନ କରିବାକୁ ପଡିବ ।

# ଚାମ୍ପିୟନ୍ସ ଟ୍ରଫି ଟୁର୍ ନୂଆ କାର୍ଯ୍ୟସୂଚୀ : ଭାରତ ଆସିବ ଚାମ୍ପିଅନ୍ସ ଟ୍ରଫି

ନୂଆଦିଲ୍ଲୀ : ଚାମ୍ପିୟନ୍ସ ଟ୍ରଫିକୁ ନେଇ ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ଲାଗି ରହିଥିବା ବିବାଦ ମଧ୍ୟରେ ଟ୍ରଫି ଆଜିଠାରୁ ପାକିସ୍ତାନରେ ଟୁର୍ ଆରମ୍ଭ କରିଛି । ଚାମ୍ପିୟନ୍ସ ଟ୍ରଫିକୁ ପାକ୍ ଅଧିକୃତ କଶ୍ମୀର ବା ପିଓକେକୁ ନେଇଯିବା ପାଇଁ ଯୋଜନା କରିଥିବା ପାକିସ୍ତାନକୁ ଲାଗିଛି ଜୋରଦାର ଝଟକା । ଭାରତର ଆପତ୍ତି ପରେ ଆଜି ଆଇସିସି ଟ୍ରଫି ଟୁର୍ ପାଇଁ ନୂଆ ସହରର ତାଲିକା ଘୋଷଣା କରିଛି । ହେଲେ ଏଥିରେ ପିଓକେର କୌଣସି ସହର ନାହିଁ । ଚାମ୍ପିୟନ୍ସ ଟ୍ରଫି ୧୬ରୁ ଜାନୁଆରୀ ୨୬ ପର୍ଯ୍ୟନ୍ତ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ବିଭିନ୍ନ ସହର ଭ୍ରମଣ କରିବ । ଏହି କାର୍ଯ୍ୟକ୍ରମରେ ଟ୍ରଫିକୁ ପିଓକେ ନେଇ ଯିବାକୁ ଯୋଜନା କରିଥିଲା ପାକିସ୍ତାନ । ହେଲେ ବିସିସିଆଇର ଆପତ୍ତି ପରେ ଆଇସିସି ପାକିସ୍ତାନକୁ ତାଗିଦ୍ କରିଥିଲା । କୌଣସି ବିବାଦୀୟ ସ୍ଥାନରୁ ଟ୍ରଫି ନନେବାକୁ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଥିଲା ଆଇସିସି । ଏହାସହ ଆଜି ଟ୍ରଫି ଟୁର କାର୍ଯ୍ୟକ୍ରମ ପାଇଁ ଆଜି ବିଭିନ୍ନ ଅଂଶଗ୍ରହଣକାରୀ ଦେଶର ନୂଆ ସହର ତାଲିକା ଜାରି କରିଛି ଆଇସିସି । ସର୍ବତମ

ପ୍ରକାଶିତ ତାଲିକାରେ ପାକ୍ ଅଧିକୃତ କାଶ୍ମୀରର କୌଣସି ସହର ନାହିଁ । ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ କାର୍ଯ୍ୟକ୍ରମରେ ପାକିସ୍ତାନରେ ନଭେମ୍ବର ୧୬ରୁ ୨୫ ତାରିଖ ଯାଏଁ ବୁଲିବ । ଏହାପରେ ଆଫଗାନିସ୍ତାନ ଯାଇ ସେଠାରେ ୨୬ରୁ ୨୮ ତିନିଦିନ ଭ୍ରମଣ କରିବ । ଏହାପରେ ବାଂଲାଦେଶ ପହଞ୍ଚି ସେଠାରେ ଡିସେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ବୁଲିବ । ଡିସେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ, ଡିସେମ୍ବର ୨୫ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ, ଜାନୁଆରୀ ୬ରୁ ୧୧ ନ୍ୟୁଜିଲାଣ୍ଡରେ, ଜାନୁଆରୀ ୧୨ରୁ ୧୪ ଯାଏଁ ଇଂଲଣ୍ଡରେ ଭ୍ରମଣ କରିବ । ଏହାପରେ ଟ୍ରଫି ଭାରତ ଆସିବ । ୧୫ରୁ ୨୬ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ସହର ଭ୍ରମଣ କରିବ ଚାମ୍ପିୟନ୍ସ ଟ୍ରଫି । ଏହାପରେ ୨୭ ଜାନୁଆରୀରେ ଟ୍ରଫି ପୁଣି ପାକିସ୍ତାନ ଫେରିଯିବ

**ଆଇସିସି ଚାମ୍ପିଅନ୍ସ ଟ୍ରଫି ଯାତ୍ରା କାର୍ଯ୍ୟସୂଚୀ**

| | |
|---|---|
| ୧୬ ନଭେମ୍ବର | ଇସଲାମାବାଦ, ପାକିସ୍ତାନ |
| ୧୭ ନଭେମ୍ବର | ପାକିସ୍ତାନ ଟ୍ୟାକ୍ସିଲା ଏବଂ ଖାନପୁର |
| ୧୮ ନଭେମ୍ବର | ଆବୋଟାବାଦ, ପାକିସ୍ତାନ |
| ୧୯ ନଭେମ୍ବର | ମୁରି, ପାକିସ୍ତାନ |
| ୨୦ ନଭେମ୍ବର | ନାଥିଆ ଗାଲି, ପାକିସ୍ତାନ |
| ୨୨–୨୫ ନଭେମ୍ବର | କରାଚି, ପାକିସ୍ତାନ |
| ୨୬–୨୮ ନଭେମ୍ବର | ଆଫଗାନିସ୍ତାନ |
| ୧୦–୧୩ ଡିସେମ୍ବର | ବାଂଲାଦେଶ |
| ୧୫ ୨୨ ଡିସେମ୍ବର | ଦକ୍ଷିଣ ଆଫ୍ରିକା |
| ୨୫ ଡିସେମ୍ବର ୫ଜାନୁଆରୀ | ଅଷ୍ଟ୍ରେଲିଆ |
| ୬-୧୧ ଜାନୁଆରୀ | ନ୍ୟୁଜିଲ୍ୟାଣ୍ଡ |
| ୧୨-୧୪ ଜାନୁଆରୀ | ଇଂଲଣ୍ଡ |
| ୧୫-୨୬ ଜାନୁଆରୀ | ଭାରତ |
| ୨୭ ଜାନୁଆରୀରୁ | ପାକିସ୍ତାନ |

# ବିମାନ ବନ୍ଦରରେ ଓଡ଼ିଶା ହକି ଦଳକୁ ସ୍ୱାଗତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିୟାନ୍‌ସିପ୍‌ରେ ଓଡ଼ିଶା ହକି ଦଳକୁ ସ୍ୱର୍ଣ୍ଣ ପଦକ ମିଳିବାପରେ ରବିବାର ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ଦଳର କ୍ରୀଡାବିତ୍ ମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି । ଓଡ଼ିଶା ଟିମ୍ ଆଜି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଅନେକ ଯୁବ କ୍ରୀଡ଼ାବିତ୍ ଓ ପ୍ରଶଂସକମାନେ ଟିମ୍ ର କ୍ରୀଡ଼ାବିତ୍ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଓଡ଼ିଶା ହକି ପ୍ରମୋସନ କାଉନ୍‌ସିଲ୍‌ର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ବିଭାଗ ପକ୍ଷରୁ ଓଡ଼ିଶା ହକି ଦଳର କ୍ରୀଡ଼ାବିତ୍ ମାନଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରିଥିଲେ । ଏହାପରେ ଓଡ଼ିଶା ହକି ଟିମ୍ ର କ୍ରୀଡ଼ାବିତ୍ ମାନେ କଳିଙ୍ଗ ଷ୍ଟାଡିୟମ ଠାରେ ଆସି ପହଞ୍ଚିଥିଲେ । କଳିଙ୍ଗ ଷ୍ଟାଡିୟମ୍ ଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ଟିମ୍‌କୁ ତାଙ୍କର ଐତିହାସିକ ବିଜୟ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଯେପରି ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ମାନଙ୍କରେ କ୍ରୀଡ଼ାବିତ୍ ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବେ ସେଥିପାଇଁ ସମସ୍ତ କ୍ରୀଡ଼ାବିତ୍ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସେ କହିଥିଲେ ଯେ, ଓଡ଼ିଶା ହକି ଟିମ୍ ର ଏହି ବିଜୟ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଐତିହାସିକ । ଆପଣମାନେ ସମସ୍ତେ ହେଉଛନ୍ତି ଆମ ଗର୍ବ ଓ ଗୌରବ ଓ ଓଡ଼ିଶାର ପ୍ରତ୍ୟେକ ଯୁବ କ୍ରୀଡ଼ାବିତ୍ ? ମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଆଗକୁ ମଧ୍ୟ ଏହି ବିଜୟର ଗାଥା ଜାରି ରହୁ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ଓଡ଼ିଶା ପାଇଁ ନିଶ୍ଚିତ ଭାବେ ଆପଣମାନେ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୋର ଆଶା । କ୍ରୀଡ଼ା ଓ କ୍ରୀଡ଼ାବିତ୍ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଶା ସରକାର ସଦାସର୍ବଦା ଚେଷ୍ଟିତ ଏବଂ ଖେଳାଳୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିୟାନସିପ୍ ର ଫାଇନାଲ ମ୍ୟାଚ୍ ରେ ଟିମ୍ ଓଡ଼ିଶା ୫-୧ ଗୋଲ୍ ରେ ଟିମ୍ ହରିୟାଣାକୁ ପରାସ୍ତ କରି ଏହି ଐତିହାସିକ ବିଜୟ ହାସଲ କରିଛନ୍ତି । ଟିମ୍ ଓଡ଼ିଶାର କ୍ରୀଡ଼ାବିତ୍ ଶିଲାନନ୍ଦ ଲାକ୍ରା ଓଡ଼ିଶା ପାଇଁ ହ୍ୟାଟ୍ରିକ ଗୋଲ୍ କରିଥିବା ବେଳେ କ୍ରୀଡ଼ାବିତ୍ ରଜତ ଆକାଶ ତିର୍କୀ ଓ ପ୍ରତାପ ଲାକ୍ରା ଉଭୟ ଗୋଟିଏ ଗୋଟିଏ ଗୋଲ୍ କରିଥିଲେ । ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ୍ ଶିଲାନନ୍ଦ ଲାକ୍ରାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ମଧ୍ୟ ଘୋଷଣା କରାଯାଇଥିଲା ।

## ପଞ୍ଚମ ୟୁନିକ୍ କପ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

# ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ବିଜୟୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ରବିବାର ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମ ଠାରେ ୟୁନିକ କପ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ସଂସ୍କରଣ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ଼ ଜନାର୍ଦ୍ଦନ ଦାଶ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ା ଶିବଚରଣ ବାଗ ଓ ବରିଷ୍ଠ କ୍ରିକେଟ ଖେଳାଳୀ ଆଶିଷ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା । ଉଦଘାଟନୀ ମ୍ୟାଚ କେନ୍ଦୁଝର ଏକାଦଶ ଓ ପ୍ରଗତି ସ୍ପୋର୍ଟିଂ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ପ୍ରଥମେ ଟସ୍ ଜିତି ପ୍ରଗତି ସ୍ପୋର୍ଟିଂ ବ୍ୟାଟିଂ କରିଥିଲା । ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୩ ଓଭର ମଧ୍ୟରେ ୮ ୱିକେଟ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା । ପ୍ରଗତି ସ୍ପୋର୍ଟିଂ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ସର୍ବାଧିକ ୮୮ ଟି ବଲରୁ ୧୧୯ ରନ ସଂଗ୍ରହ କରିଥିବା ବେଳେ କେନ୍ଦୁଝର ଏକାଦଶ ପକ୍ଷରୁ ମୋହିତ ମହାନ୍ତ, ଅର୍ପିତ ମହାନ୍ତ ଓ ଅଭିଷେକ ହୋତା ୨ ଟି ଲେଖାଁଏ ୱିକେଟ ନେଇଥିଲେ । ଏହାର ଜବାବରେ କେନ୍ଦୁଝର ଏକାଦଶ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୧୫୫ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । କେନ୍ଦୁଝର ଏକାଦଶ ପକ୍ଷରୁ ଅଭିଷେକ ହୋତା ସର୍ବାଧିକ ୪୨ ରନ କରିଥିବା ବେଳେ ପ୍ରଗତି ସ୍ପୋର୍ଟିଂର ବାସୁଦେବ ମଲ୍ଲୁ ୪ଟି ୱିକେଟ ଅକ୍ତିଆର କରିଥିଲେ । ମ୍ୟାଚ ଶେଷରେ ସମାଜସେବୀ ଚିତ୍ତରଞ୍ଜନ ପରିଡ଼ା ଓ ବରିଷ୍ଠ କ୍ରିକେଟର ଗିରିଶ ଚନ୍ଦ୍ର ହୋତା ପ୍ରଗତି ସ୍ପୋର୍ଟିଂର ପୁରୁଷୋତ୍ତମ ପ୍ରଧାନଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ ପ୍ରଦାନ କରିଥିଲେ । ୟୁନିକ କ୍ଲବ, କେନ୍ଦୁଝରର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ପାତ୍ର ଭୁବନେଶ୍ୱରରୁ ଭିଡ଼ିଓ କନଫରେନସିଙ୍ଗ ମାଧ୍ୟମରେ ଖେଳାଳି ତଥା କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ମ୍ୟାଚ ଟର୍ଫ ପିଚରେ ଖେଳା ଯାଉଥିବାବେଳେ ଆସନ୍ତା ୨୪ ତାରିଖରେ ସମାପନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ସଚିନଙ୍କ ପୋଷ୍ଟକୁ ନେଇ ଝଡ଼

ମୁମ୍ବାଇ: ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ଏକ ପୋଷ୍ଟ ଏବେ ସୋସିଆଲ ମିଡିଆରେ ଝଡ ସୃଷ୍ଟି କରିଛି । ସଚିନ ୩ଟି ବଡ ଗଛ ସମ୍ମୁଖରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳୁଛି । ସେ ତାଙ୍କ ପ୍ରଶଂସକଙ୍କୁ ପ୍ରଶ୍ନ କରିଛନ୍ତି ଯେ, କେଉଁ ଅମ୍ପାୟର ଷ୍ଟମ୍ପସ ଏତେ ବଡ ଅନୁଭବ କରାଇଛନ୍ତି । ସଚିନ ଏହି ପୋଷ୍ଟ ମାଧ୍ୟମରେ ଷ୍ଟିଭ ବକନରଙ୍କୁ ସମାଲୋଚନା କରୁଥିବା ଅନୁମାନ କରାଯାଉଛି । ୧୯୯୦ ଓ ୨୦୦୦ ରେ ସଚିନଙ୍କ ସହ ବକନରଙ୍କ ସମ୍ପର୍କ ଏତେଟା ଭଲ ନ ଥିଲା । ୨୦୦୮ରେ ଅଷ୍ଟ୍ରେଲିଆ ଗସ୍ତରେ ବକନରଙ୍କ କେତେକ ନିଷ୍ପତ୍ତି ନେଇ ସେ ସମୟରେ ବେଶ ଆଲୋଚନା ହୋଇଥିଲା । ଇରଫାନ ପଠାନ ମଧ୍ୟ କମେଂଟ ଦେଇଛନ୍ତି ଯେ, ଡିଆରଏସ ଯୁଗରେ ବକନର ବହୁତ ଦୂରକୁ ପଳାଇ ଯାଇଥିବେ । ୨୦୦୩ ବ୍ରିସବେନ ଟେଷ୍ଟରେ ଜେସନ ଗିଲେସ୍ପିଙ୍କ ବଲରେ ସଚିନଙ୍କୁ ସେ ଏଲବିଡବ୍ଲ୍ୟୁ ଆଉଟ ଦେଇଥିଲେ । ରିପ୍ଲେରେ ବଲ ୱିକେଟଠାରୁ ବହୁତ ଉପରେ ଯାଉଥିବା ଦେଖିବାକୁ ମିଳିଥିଲା । ସେ ସମୟରେ ଏହି ନିଷ୍ପତ୍ତିକୁ କଡା ସମାଲୋଚନା କରାଯାଇଥିଲା । ୨୦୦୫ ପାକିସ୍ତାନ ବିପକ୍ଷ ଇଡେନଗାର୍ଡେନ ଟେଷ୍ଟରେ ସଚିନଙ୍କ ବ୍ୟାଟରେ ବଲ ବାଜି ନ ଥିଲେ ମଧ୍ୟ ସେ ତାଙ୍କୁ ଆଉଟ ଘୋଷିତ କରିଥିଲେ । ୨୦୦୮ ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଂଟିଂଙ୍କ କ୍ୟାଚ ଏମଏସ ଧୋନୀ ନେଇଥିଲେ ମଧ୍ୟ ବକନର ତାଙ୍କୁ ଆଉଟ ଦେଇ ନ ଥିଲେ । ଏହି ଟେଷ୍ଟରେ ଗାଙ୍ଗୁଲିଙ୍କ କ୍ୟାଚ ମାଇକେଲ କ୍ଲାର୍କ ଖସାଇ ଦେଇଥିଲେ ମଧ୍ୟ ସେ ତାଙ୍କୁ ଆଉଟ ଘୋଷିତ କରିଥିଲେ ।

# ଆନ୍ତଃ-କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ଦ୍ୱାରା ଆୟୋଜିତ ସିନିୟର ଆନ୍ତଃ-କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଦିନ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି । ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ପୋର୍ଟ କ୍ଲବ, ପାରାଦୀପ କ୍ରିକେଟ କ୍ଲବ-୧, ପାରାଦୀପ କ୍ରିକେଟ କ୍ଲବ-୨, ଡାଇମଣ୍ଡ କ୍ଲବ, ପାରାଦୀପ କ୍ରିକେଟ ଏକାଡେମୀ, ମଦର ଇଣ୍ଡିଆ କ୍ଲବ, ପାରାଦୀପ ୟୁଥ କ୍ଲବ ଏବଂ ଡକ ରିକ୍ରେସନ କ୍ଲବ ସମେତ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ପାରାଦୀପ ଗଲ୍ଫ କ୍ଲବର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ଏସିଇ କମର୍ସିଆଲ ପାରାଦୀପ ୟୁନିଟ ମୁଖ୍ୟ ଏ.ସି.ସୁତାର, ଓଏସଏଲ ଗ୍ରୁପର ଅପରେସନ ଜିଏମ ହରିହର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ତେବେ ଖେଳାଳି ମାନଙ୍କୁ ପ୍ରୋତ୍ସାହନ ପାଇଁ ଓସିଏର ଏଭଳି ମ୍ୟାଚ ଆୟୋଜନ ଓ ଉଦ୍ୟମ କୁ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଓସିଏ ସଦସ୍ୟ ତଥା ପାରାଦୀପ ବନ୍ଦର କ୍ରୀଡା ପରାମର୍ଶଦାତା ରବି ଦାସ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ସ୍ପୋର୍ଟ୍ସ କାଉନସିଲର ବୈଷୟିକ ସଦସ୍ୟ ଶିଶିର କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଚଳିତ ନଭେମ୍ବର ମାସ ୧୬ ରୁ ୨୯ ତାରିଖ ଦୀର୍ଘ ୧୪ ଦିନ ଧରି ଚାଲିବ ।

## ଉମରକୋଟ ପ୍ରିମିୟର ଲିଗ୍

# ଫାଇନାଲ୍‌ରେ ପୁରୀ ୱାରୀୟର ଓ ଇଭିନିଙ୍ଗ ୧୧ ଜୟପୁର

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ପ୍ରୀମୀୟର ଲିଗ କ୍ରିକେଟ ଟର୍ଣ୍ଣାମେ□ରେ ରବିବାର ପୁରୀ ୱାରୀୟର ଓ ଇଭିନିଙ୍ଗ ୧୧ ଜୟପୁର ଫାଇନାଲରେ ମ୍ୟାଚ ଅନୁଷ୍ଠିତ ହେବ । ସୂଚନା ଅନୁଯାଇ ପୂର୍ବରୁ ଇ ଗ୍ରୁପର ପୁରୀ ୱାରୀୟର ଫାଇନାଲ ରେ ପ୍ରବେଶ କରି ଥିବା ବେଳେ ଆଜି ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ରେ ଇ ଗ୍ରୁପର ଇଭିନିଙ୍ଗ ୧୧ ଜୟପୁର ଫାଇନାଲ ରେ ପ୍ରବେଶ କରିଛି । ଆଜିର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୁରୟା ୧୧ ଓ ଇଭିନିଙ୍ଗ ୧୧ ଜୟପୁର ମଧ୍ୟରେ ୨୦ ଓଭର ଲେଖାଏଁ ଖେଳ ହୋଇଥିଲା । ପ୍ରଥମେ ସୁରୟା ୧୧ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୯.୫ ଓଭରରେ ୧୦ ଉଇକେଟ ହରାଇ ୧୬୩ ରନ କରିଥିଲା । ବିଶାଳ ରନ ର ଲକ୍ଷକୁ ଇଭିନିଙ୍ଗ ୧୧ ଜୟପୁର ପିଛା କରୀ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୧୬୪ ରନ କରି ବିଜୟ ଲାଭ କରି ଫାଇନାଲ କୁ ପ୍ରବେଶ କରିଛି । ଆଜିର ମ୍ୟାଚ

ଆୟୁର୍ବେଦିକ ଗୁଣରେ ଭରପୂର ହଳଦୀ। ଯେଉଁଥିପାଇଁ ଏହା ସବୁଠାରୁ ଶକ୍ତିଶାଳୀ ଔଷଧ ଅଟେ। ଏଥିରେ କୋଲେଷ୍ଟ୍ରଲ, ଡାଇବେଟିସ୍, ରକ୍ତହୀନତା, ଆର୍ଥ୍ରାଇଟିସ୍ ଏବଂ କ୍ଷତ ଚିକିତ୍ସା କରିବାର ଶକ୍ତି ଅଛି। ଏହାକୁ କିପରି ବ୍ୟବହାର କରିବେ ଜାଣନ୍ତି । ଅଧିକାଂଶ ଲୋକ କେବଳ ପନିପରିବା କିମ୍ବା ଡାଲି ତିଆରିରେ ହଳଦୀ ବ୍ୟବହାର କରନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଳଦୀକୁ ଅନେକ ଉପାୟରେ ଖାଇ ପାରିବେ। ଆୟୁର୍ବେଦ ଡାକ୍ତରଙ୍କ ମତ ଅନୁଯାୟୀ ଖାଦ୍ୟରେ ରଙ୍ଗ କିମ୍ବା ସ୍ୱାଦ ଦେବା ପାଇଁ ନୁହେଁ ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ହଳଦୀ ବ୍ୟବହାର କରାଯାଏ।ଏହା ଉଭୟ ରୋଗ ରୋକିବାରେ ସାହାଯ୍ୟ କରିଥାଏ। ଭୋକ ବଢ଼ାଇବାରେ ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ ହଳଦୀ। ପ୍ରୋଟିନର ଅବଶୋଷଣ ବୃଦ୍ଧିରେ ସାହାଯ୍ୟ କରେ । ହଳଦୀ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ କମିଯାଏ । ରକ୍ତହୀନତା, ଆର୍ଥ୍ରାଇଟିସ୍, କ୍ୟାଣ୍ଡିଡା, ଓଜନ ହ୍ରାସ, ଥକ୍କା, ବ୍ରୋଙ୍କାଇଟିସ୍, ଥଣ୍ଡା ଏବଂ କାଶ, ଫୁସଫୁସ ସଂକ୍ରମଣ, କ୍ଷତ ଆରୋଗ୍ୟ, ମାଂସପେଶୀକୁ ମଜବୁତ କରିବା, ମାସିକ ଋତୁସ୍ରାବ ସମସ୍ୟା, ଚର୍ମ, ଅସ୍ତ୍ରୋପଚାର ପରେ ପୁନରୁଦ୍ଧାର, କର୍କଟ, ଅନିଦ୍ରା, ପାର୍କିନ୍ସନ୍ ଉଦାସୀନତା ଭଳି ରୋଗର ଚିକିତ୍ସାରେ ହଦଳୀକୁ ବ୍ୟବହାର କଲେ ଆରୋଗ୍ୟ ଲାଭ କରିପାରିବେ।

# ଠକେଇର ଶିକାର ଦିଶାଙ୍କ ପରିବାର

ଠକେଇର ଶିକାର ହେଲେ ଅଭିନେତ୍ରୀ ଦିଶା ପଟାନୀଙ୍କ ବାପା । ତାଙ୍କ ବାପା ଅବସରପ୍ରାପ୍ତ ଡିଏସ୍ପି ଜଗଦୀଶ ସିଂହ ପଟାନୀ। ସରକାରଙ୍କ କୌଣସି କମିଶନରେ କୌଣସି ବଡ଼ ପଦବୀରେ ନିଯୁକ୍ତି କରାଇ ଦେବା ନେଇ ୫ ଜଣ ବ୍ୟକ୍ତି ତାଙ୍କ ଠାରୁ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଗତକାଲି ସନ୍ଧ୍ୟାରେ ଏନେଇ ଉତ୍ତର ପ୍ରଦେଶର ବରେଲୀର କୋତୱାଲୀ ଥାନାରେ ମାମଲା ରୁଜୁ ହୋଇଛି ।ବରେଲୀର ସିଭିଲ ଲାଇନ୍ସ ଅଞ୍ଚଳରେ ରହୁଥିବା ଦିଶା ପଟାନୀଙ୍କ ବାପା କହିଛନ୍ତି ଯେ ଅଭିଯୁକ୍ତ ଶିବେନ୍ଦ୍ର ପ୍ରତାପ ସିଂହଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣିଛନ୍ତି। ଶିବେନ୍ଦ୍ର ତାଙ୍କୁ ଅନ୍ୟ ଅଭିଯୁକ୍ତ ଦିବାକର ଗର୍ଗ ଓ ଆଚାର୍ଯ୍ୟ ଜୟପ୍ରକାଶଙ୍କ ସହିତ ପରିଚିତ କରାଇଥିଲେ। ଅଭିଯୁକ୍ତମାନେ କହିଥିଲେ ଯେ ସେମାନଙ୍କ ରାଜନୀତିକ ସଂପର୍କ ବହୁତ ଭଲ। ସେମାନେ ତାଙ୍କୁ ସରକାରଙ୍କ କୌଣସି କମିଶନର କିଛି ବଡ଼ ପଦବୀରେ ନିଯୁକ୍ତ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଜଗଦୀଶଙ୍କ ଠାରୁ ୨୫ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ୫ ଲକ୍ଷ ଟଙ୍କା ସେମାନେ ନଗଦ ନେଇଥିଲେ। ବାକି ୨୦ ଲକ୍ଷ ଟଙ୍କା ସେ ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। କିନ୍ତୁ ଟଙ୍କା ନେବାର ୩ ମାସ ବିତିଯିବା ସତ୍ତ୍ୱେ ଅଭିଯୁକ୍ତମାନେ ଜଗଦୀଶଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରିନଥିଲେ। ଏହାପରେ ଅଭିଯୁକ୍ତମାନେ ତାଙ୍କୁ କହିଥିଲେ ଯେ ସେମାନେ ତାଙ୍କ ଟଙ୍କା ସୁଧ ସହିତ ଫେରାଇ ଦେବେ। ଏହା ପରେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେବା ସହିତ ଖରାପ ବ୍ୟବହାର କରିଥିଲେ। ଆଉ ଏକ ବଡ଼ ଠକେଇର ଶିକାର ହୋଇଥିବା ସନ୍ଦେହରେ ଥାନାକୁ ଯାଇଥିଲେ । ସେ ସମସ୍ତ ଘଟଣା ବିଷୟରେ ଜଣାଇଥିଲେ। ଏହି ଘଟଣାକୁ ନେଇ ଥାନାଧିକାରୀ କହିଛନ୍ତି, ସମସ୍ତ ଅଭିଯୁକ୍ତଙ୍କ ନାଁରେ ଠକେଇ କରିବା ଓ ଧମକ ଦେବା ଭଳି ମାମଲା ରୁଜୁ ହୋଇଛି। ସେମାନଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି।

# ଶ୍ୱେତା ତିୱାରୀଙ୍କ ଝିଅକୁ ଡେଟ୍ କରୁଛନ୍ତି ଇବ୍ରାହିମ୍

ପ୍ରେମରେ ଉବୁଟୁବୁ ହେଉଛନ୍ତି ବଲିଉଡ୍ ଷ୍ଟାର ସୈଫ ଅଲ୍ଲି ଖାନ୍‌ଙ୍କ ବଡ଼ ପୁଅ ଇବ୍ରାହିମ୍ ଅଲି ଖାନ୍। ଟେଲି ପରଦାର ଚର୍ଚ୍ଚିତ ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ଝିଅଙ୍କୁ ଡେଟ୍ କରୁଛନ୍ତି ସେ। ଉଭୟଙ୍କୁ ଅନେକ ଥର ଏକାଠି ଦେଖିବାକୁ ମିଳିଥିବା ବେଳେ ଏବେ ଦୁହେଁ ମାଳଦ୍ୱୀପରେ ଛୁଟି ବିତାଉଛନ୍ତି। ସୋସିଆଲ ମିଡିଆରେ ଫଟୋ ଛାଡ଼ିବା ପରେ ସେସବୁ ଭାଇରାଲ ହେଉଛି। ୨୦୨୨ରୁ ଇବ୍ରାହିମଙ୍କୁ ପଲକ୍ ଡେଟ୍‌କରୁଥିବା ନେଇ ଚର୍ଚ୍ଚା ହୋଇଆସୁଛି। ହେଲେ ଖୋଲାଖୋଲି ଭାବେ ସେମାନେ ସମ୍ପର୍କକୁ ସ୍ୱୀକାର କରିନାହାନ୍ତି। ଏମିତିରେ ମାଳଦ୍ୱିପ ଛୁଟିର ଫଟୋ ପଲକ-ଇବ୍ରାହିମ ଛାଡ଼ିବା ପରେ ପ୍ରଶଂସକ ଉଭୟ ଏକାଠି ଥିବା କହୁଛନ୍ତି। କିଛି ଫଟୋରେ ବ୍ୟାକ୍‌ଗ୍ରାଉଣ୍ଡ ମଧ୍ୟ ସମାନ ରହିଥିବାରୁ ଏହା ସ୍ପଷ୍ଟ ହେଉଛି। କିଛି ଦିନ ପୂର୍ବେ ଦୁଇ ଜଣଙ୍କୁ ଅବୁ ଜାନୀ ଏବଂ ସନ୍ଦୀପ ଖୋସଲାଙ୍କ ଦୀପାବଳି ପାର୍ଟିରେ ଦେଖାଯାଇଥିଲା। ଏଠାରେ ଦୁହେଁ ପରସ୍ପରକୁ ଆଲିଙ୍ଗନ କରୁଥିବା ନଜର ଆସିଥିଲେ।

# ବିବାଦୀୟ ମନ୍ତବ୍ୟ ଦେଇ କସ୍ତୁରୀ ଗିରଫ

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ କସ୍ତୁରୀ ଶଙ୍କରଙ୍କୁ ଗିରଫ କରାଯାଇଛି। କିଛି ଦିନ ପୂର୍ବରୁ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ସେ ତେଲୁଗୁ ଭାଷାର ଲୋକମାନଙ୍କୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ, ଯାହାପରେ ତାଙ୍କୁ ଚାରିଆଡୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଘଟଣାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇବା ବେଳେ ସେ କିଛି ଦିନ ପାଇଁ ନିଖୋଜ ହୋଇଯାଇଥିଲେ ଏବଂ ପୋଲିସ ତାଙ୍କୁ ଖୋଜିବାରେ ଲାଗିଥିଲା। ଗତ ୧୪ ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟ ତାଙ୍କୁ ଏହି ମାମଲାରେ ଆଗୁଆ ଜାମିନ ପ୍ରଦାନ କରିବାକୁ ମନା କରି ଦେଇଥିଲେ। ତେଲୁଗୁ ଭାଷାଭାଷୀ ଲୋକମାନଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ କରିଥିବାରୁ ଶନିବାର ତାମିଲନାଡୁ ପୋଲିସ କସ୍ତୁରୀଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି। ପ୍ରକାଶ ଯେ, ୧୯୯୧ରେ ତାମିଲ ଫିଲ୍ମ 'ଆଥି ଭଗବାନ'ରୁ ଡେବ୍ୟୁ କରିଥିବା କସ୍ତୁରୀ ବହୁ ତାମିଲ, ମାଲୟାଲମ, ତେଲୁଗୁ ଏବଂ କନ୍ନଡ଼ ଫିଲ୍ମରେ ଅଭିନୟ କରିଛନ୍ତି।

# ଅସୁସ୍ଥ ଗୋବିନ୍ଦା

ପୁଣି ଅସୁସ୍ଥ ହେଲେ ବଲିଉଡ ଅଭିନେତା ଗୋବିନ୍ଦା । ଶନିବାର ଦିନ ମହାରାଷ୍ଟ୍ରର ଜାଲଗାଓଁ ଜିଲାରେ ବଲିଉଡ ଅଭିନେତା ଗୋବିନ୍ଦାଙ୍କ ସ୍ୱାସ୍ଥ୍ୟ ହଠାତ ଖରାପ ହୋଇଯାଇଥିଲା। ସେ ସେତେବେଳେ ମହାଯୁତି ମହାମେଣ୍ଟ ପାଇଁ ଏକ ରୋଡ ଶୋ' କରୁଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ହଠାତ୍ ବିଗିଡିବା ପରେ ଗୋବିନ୍ଦା ରୋଡ ଶୋ ଛାଡି ମଧ୍ୟ ମୁମ୍ବାଇ ଫେରିଥିଲେ। ଗୋବିନ୍ଦାଙ୍କ ଏପରି ଅବସ୍ଥା ଦେଖି ସେଠାରେ ଆତଙ୍କ ଖେଳିଯାଇଥିଲା। କୁହାଯାଉଛି ଯେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ଗୋବିନ୍ଦାଙ୍କ ନିକଟତମ ବ୍ୟକ୍ତି କହିଛନ୍ତି ଯେ ଅଭିନେତା ବର୍ତ୍ତମାନ ଭଲ ଅଛନ୍ତି। ସେ ଥକି ଯାଇଥିଲେ ଏବଂ ଅସହଜ ଅନୁଭବ କରୁଥିଲେ । ତେବେ ଗୋବିନ୍ଦାଙ୍କଠାରୁ କୌଣସି ଅଫିସିଆଲ ଖବର ମିଳିନାହିଁ । ପିଙ୍କଭିଲା ଅନୁସାରେ, ଗୋଲବିନ୍ଦ ଜାଲଗାଓଁର ମୁକଟେନଗର, ବୋଡଓ୍ୱାଡ, ପାଚୋରା ଏବଂ ଚୋପ୍ରା ଠାରେ ମହାଯୁତି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ରୋଡ ଶୋ ସମୟରେ ସେ ଜନତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରିବାକୁ ଏବଂ ଶାସକ ଦଳକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସିଏମ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନାରେ ଯୋଗଦେବା ପରେ ଗୋବିନ୍ଦା ପୁନର୍ବାର ରାଜନୀତିରେ ପ୍ରବେଶ କରିଥିଲେ।

# କାନ ପାଇଁ ମୁଣ୍ଡବିନ୍ଧା

*କାନ ଆମ ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମସ୍ତିଷ୍କ ସହିତ କାନ ସଂଲଗ୍ନ ହୋଇଥିବାରୁ ଏହାର ମସ୍ତିଷ୍କ ପରିଚାଳନା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ । ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ । ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି ।*

ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ । ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା ।

■ ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି । କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି । ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ ।

■ କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି । ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ । ଫଳରେ ମୁଣ୍ଡ ବୁଲାଇଥାଏ । କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମିକରିହେଉ । ଏହାପରେ କାନକୁ ଭଲ ଶୁଣାଯାଏନା । କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ । ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ । ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ । ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ ।

■ କାନ କୁଣ୍ଡାଇହୁଏ । ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ ନାରାୟଣ ଚନ୍ଦ୍ର ବିଶ୍ୱାଳ। ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ ।

■ ସାଧାରଣତଃ ଅଧିକ ସମୟ ବାଥରୁମର ସାୱାର ଖୋଲାକରି ଗାଧୋଇବା ଦ୍ୱାରା ବା ନଦୀ କିମ୍ବା ପୋଖରୀରେ ଏପରିକି ସୁଇମିଂ ପୁଲ୍‌ରେ ଗାଧୋଇବା ବେଳେ କାନରେ ପାଣି ପଶି ଯାଇଥିଲେ ପରବର୍ତ୍ତୀ ସମୟରେ ତୁରନ୍ତ ଏହାକୁ ସଫା କରିବା କଥା।

■ ସେହିପରି କାନ କୁଣ୍ଡାଇ ହେଲେ ବା କୌଣସି ଅସ୍ୱସ୍ତିକର ଅନୁଭବ ହେଲେ ଏଣୁତେଣୁ ଯେ କୌଣସି କାଠି ଜାତୀୟ ଜିନିଷ, ଡଟ୍ ପେନ ଏପରିକି ଚାବି ରିଂରୁ ଚାବିର ଲମ୍ବା ମୁନିଆ ଧାତବ ଅଂଶକୁ ପୁରାଇ ସଫା କରିଥାନ୍ତି ଏହା ଅତ୍ୟନ୍ତ ଖରାପ ଅଭ୍ୟାସ।

■ ଆଜିକାଲି ବଜାରରେ ଏପରିକି ସମୁଦ୍ର କୂଳ ମାନଙ୍କରେ କାନ ସଫା କରୁଥିବା ବୁଲା ଲୋକମାନେ କାନରେ ସ୍ପିରିଟ ପକାଇ ସଫା କରିଥାନ୍ତି। ସେମାନେ ବିଷାକ୍ତ ସ୍ପିରିଟ ବ୍ୟବହାର କରନ୍ତି ଏବଂ ଏ କ୍ଷେତ୍ରରେ ପ୍ରଶିକ୍ଷିତ ବ୍ୟକ୍ତି ମଧ୍ୟ ନୁହଁନ୍ତି ତେଣୁ ଏ ଅଭ୍ୟାସ ଠାରୁ ଦୂରେଇବା ଖୁବ ଭଲ।

■ କାହାଁଙ୍କୁ କେବେ ଆଘାତ ଦେବାବେଳେ କାନମୁଣ୍ଡାରେ ଆଘାତ ଦେବା ପୂର୍ବରୁ ଭଲ ଭାବେ ଚିନ୍ତା କରନ୍ତୁ କାରଣ କାନ ଠାରୁ ସିଧାସଳଖ ମସ୍ତିଷ୍କର ସମ୍ପର୍କ ଥିବାରୁ ଆଘାତ ପାଉଥିବା ଲୋକଟିର ତତକ୍ଷଣାତ ଜୀବନ ଚାଲିଯିବାର ସମ୍ଭାବନା ଥାଏ।

■ କାନ ସମ୍ପର୍କରେ କୌଣସି ଅବହେଳା କରନ୍ତୁ ନାହିଁ କିମ୍ବା କୌଣସି ପରିସ୍ଥିତିରେ ଦେଶୀୟ ଚିକିତ୍ସା ବା ଝଡ଼ାଝଡ଼ି ଗୁଣୀ ଗାରେଡ଼ି ବିଦ୍ୟାର ସାହାଯ୍ୟ ନିଅନ୍ତୁ ନାହିଁ। କାହାଁଙ୍କ ଠାରୁ କାନକୁହା କଥା ଶୁଣି ବା ସୋସିଆଲ ମିଡ଼ିଆରୁ ଦେଖି କାନ ଚିକିତ୍ସା କରନ୍ତୁ ନାହିଁ।

■ ବୟସର ନିୟମିତ ଅବଧିରେ ଅନ୍ତତଃ ପ୍ରତି ତିନିମାସରେ ଥରେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ । ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ନାରାୟଣ ଚନ୍ଦ୍ର ବିଶ୍ୱାଳ,*
*ବାକ୍‌ଶ୍ରବଣ ବିଶେଷଜ୍ଞ ,*
*ମୋ- ୯୪୩୮୨୭୬୬୬୦*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମର ପ୍ରୀତିପ୍ରିୟା ପରିଡ଼ା ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଚିତ୍ରାଙ୍କନ ବିଭାଗରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ଡେରବିଶ ମାଟିକୁ ଗୌରବାନ୍ୱିତ କରିଛନ୍ତି । ସୂଚନାଯୋଗ୍ୟ ଗତ ସପ୍ତାହରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ସୁରଭିରେ ପ୍ରୀତିପ୍ରିୟା ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ନୃତ୍ୟ ସମ୍ପର୍କରେ ଚିତ୍ରକଳା କରି ରାଜ୍ୟସ୍ତରରେ ତୃତୀୟ ହେବା ସହିତ ଓଡ଼ିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ବଡ଼ସଲାରୋ ଗ୍ରାମର ପ୍ରଦୀପ୍ତ ପରିଡ଼ା ଓ ସୁପ୍ରିୟା ପରିଡ଼ାଙ୍କ କନ୍ୟା ପ୍ରୀତିପ୍ରିୟା ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର +୨ କଳା ଛାତ୍ରୀ ଅଟନ୍ତି । ସେ କେନ୍ଦ୍ରାପଡ଼ା ମିରପାଟଣାସ୍ଥିତ ଅରୋ ଚିତ୍ରକଳା ବିଦ୍ୟାଳୟରେ ବରିଷ୍ଠ ଚିତ୍ରଶିଳ୍ପୀ ଅଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିତ୍ରକଳା ଶିକ୍ଷାଲାଭ କରୁଥିବା ବେଳେ ପୂର୍ବରୁ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଚିତ୍ରାଙ୍କନ ପ୍ରତିଯୋଗିତା, ଶିଶୁ ସୁରକ୍ଷା ବିଭାଗ, ବୋଇତ ବନ୍ଦାଣ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ଅନେକ ଥର ପୁରସ୍କୃତ ହୋଇଛନ୍ତି ।

### ଭାରତୀୟ ଜନତା ପାର୍ଟିର ସାମ୍ବାଦିକ ସମ୍ମିଳନୀ

## ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସଦା ତତ୍ପର

ଝାରସୁଗୁଡ଼ା/ବେଲପାହାଡ (ଭାସ୍କର ନ୍ୟୁଜ୍): ବିଜେପି ସରକାରର ବିକାଶମୂଳକ କାର୍ଯ୍ୟ ଉପରେ ସାମ୍ବାଦିକ ସମ୍ମିଳନୀ ବେଲପାହାଡ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଜୁ ଜନତା ଦଳର ବିଗତ ଦିନରେ କରିଥିବା ଦୁର୍ନୀତି ବିଷୟରେ ବିଜେପି ତାକୁ କଡା ସମାଲୋଚନା କରିବା ସହ ବିଜେଡି ସରକାର ୨୦୨୩ ମସିହାରେ ଲଖନପୁର ବ୍ଲକ ଅନ୍ତର୍ଗତ ଅମ୍ବାପାଲିରେ ବେଦାନ୍ତର ପାଉଁଶ ପକାଇବା ପାଇଁ ଯେଉଁ ଏନଓସି ଦେଇଥିଲା ତାହା ବର୍ତ୍ତମାନର ମୋହନ ମାଝୀ ସରକାର ବାତିଲ କରିଛନ୍ତି । କିନ୍ତୁ ବିଜେଡି ଦଳର କିଛି ନେତା ଏହା ଜାଣିକି ବି ନଜାଣିବାର ଅଭିନୟ କରି ବର୍ତ୍ତମାନର ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବିକାଶ ମୂଳକ କାର୍ଯ୍ୟ ଓ ତାଙ୍କର ସମଗ୍ର ଓଡିଶା ସାରା ଲୋକପ୍ରିୟତାକୁ ସହି ନପାରି ସେମାନେ ବିନା ତଥ୍ୟରେ ଶ୍ରୀ ପୂଜାରୀଙ୍କୁ ବଦନାମ କରିବାରେ ଲାଗି ପଡିଛନ୍ତି । ଏଠାରେ ଉଲ୍ଲେଖଥାଉ କି ଶ୍ରୀ ପୂଜାରୀ ବରଗଡ଼ ଲୋକସଭାର ସାଂସଦ ଥିଲାବେଳେ ଅଞ୍ଚଳ ବିକାଶ ପାଇଁ ଯେଉଁ ପଦକ୍ଷେପ ନେଇଥିଲେ, ଯେପରିକି ଲଖନପୁର ବ୍ଲକ ଅନ୍ତର୍ଗତ ଭିକମପାଲି-ଜରିମୂଲୀ ମହାନଦୀ ଉପରେ ସେତୁର ମଞ୍ଜୁରୀ, ମୁରଲୀପାଳି, କଦମଦିହି, ଲଖନପୁର, ଅଢ଼ାପଡ଼ା, ପଣ୍ଡାରି ସ୍କୁଲକୁ କଲେଜରେ ପରିଣତ କରିବା, ଏନ୍‌ଏଚ୍-୪୯ର ସମ୍ପ୍ରସାରଣ ପାଇଁ ମଞ୍ଜୁରୀ, ଇବ୍ ସେତୁ ଉପରେ ନୂତନ ସେତୁ ପାଇଁ ମଞ୍ଜୁରୀ, ବେଲପାହାଡ ରେଲୱେ ଓଭର ବ୍ରିଜ ପାଇଁ ମଞ୍ଜୁରୀ ଓ ବର୍ତ୍ତମାନ ରାଜସ୍ୱ ବିଭାଗର ମନ୍ତ୍ରୀ ହେବାପରେ ଲଖନପୁର ତହସିଲରେ ଆହୁରି ଦୁଇଟି ଅତିରିକ୍ତ ତହସିଲ କାର୍ଯ୍ୟାଳୟ ବନ୍ଧବାହାଲ ଓ କନକତୋରା ଠାରେ କାର୍ଯ୍ୟକ୍ଷମ ଓ ଝାରସୁଗୁଡା ତହସିଲ ଅନ୍ତର୍ଗତ ରାଜପୁର ଠାରେ ଏକ ଅତିରିକ୍ତ ତହସିଲର ସ୍ଥାପନ କରିଛନ୍ତି । ମନ୍ତ୍ରୀ ସେହିପରି ବିଭିନ୍ନ କଳକାରଖାନାରୁ ବାହାରୁ ଥିବା ପାଉଁଶ ଉପଯୁକ୍ତ ପରିଚାଳନା ପାଇଁ ଗତ ତା୧୦/୧୧/୨୦୨୪ ରିଖରେ ସମ୍ବଲପୁର ଠାରେ ଆର୍‌ଡିସିସ୍ତରୀୟ ଏକ ବୈଠକରେ ଶ୍ରୀ ପୂଜାରୀଙ୍କ ନେତୃତ୍ୱରେ ୪ଟି ଜିଲ୍ଲାର ଜିଲ୍ଲାପାଳ, ବିଧାୟକ ସୁନ୍ଦରଗଡ଼, ଝାରସୁଗୁଡା, ଅନୁଗୁଳ ଓ ସମ୍ବଲପୁର ଉପସ୍ଥିତ ଥିଲେ । ବୈଠକରେ ପାଉଁଶର ସଠିକ୍ ପରିଚାଳନା ପାଇଁ ନିଷ୍ପତ୍ତି ନିଆଯାଇଛି । ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ଆଗାମୀ ଦିନରେ କରାଯିବ, ଆପଣମାନେ ଏହା ଜାଣିପାରିବେ ।

### ତିନି ଦିନ ହେଲା ପାନୀୟଜଳ ପ୍ରକଳ୍ପ ଅଚଳ

# ଅସୁବିଧାରେ ମଙ୍ଗଳପୁର ପଞ୍ଚାୟତର ୩ ୱାର୍ଡ଼ବାସୀ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ତିନିଦିନ ହେବ ଅଚଳ ହୋଇପଡିଛି । ଯାହାଫଳରେ ପଞ୍ଚାୟତ ଅଧିନ ମଙ୍ଗଳପୁର ଗ୍ରାମର ୭, ୮ ଓ ୯ନମ୍ବର ୱାର୍ଡର ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ପାଣି ପାଇଁ ନାହିଁନଥିବା ହୀନସ୍ତା ହେଉଛନ୍ତି । ଏପରିକି ଉକ୍ତ ତିନି ୱାର୍ଡରେ ଥିବା ୮ରୁ ଊର୍ଦ୍ଧ୍ୱ ନଳକୂପ ମଧ୍ୟରେ ଗୋଟିଏ ଦୁଇଟିକୁ ଛାଡି ଅନ୍ୟଗୁଡିକ ମଧ୍ୟ ଅଚଳ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଛି । ସଚଳ ଥିବା ନଳକୂପରୁ ପିଇବା ପାଣିନେବା ପାଇଁ ଗ୍ରାମର ମହିଳାଙ୍କ ଲମ୍ବା ଧାଡି ଲାଗୁଥିବା ବେଳେ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ ପାଇଁ କୁମ୍ଭୀର ଭୟ ସତ୍ତ୍ୱେ ବିରୁପା ନଦୀର ଜଳ ଅଞ୍ଚଳବାସୀଙ୍କ ଭରସା ସାଜିଥିବା ନେଇ ବହୁ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗତ ୨୦୨୩ ମସିହା ସେପ୍ଟେମ୍ବର ମାସରେ ମଙ୍ଗଳପୁର ପଞ୍ଚାୟତର ଘେରି ଅଞ୍ଚଳରେ ଥିବା ତିନୋଟି ୱାର୍ଡବାସୀଙ୍କୁ ପାନୀୟଜଳ ଯୋଗାଇ ଦେବା ନିମନ୍ତେ ନିର୍ମାଣ ହୋଇଥିବା ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବାରୁ ଏହି ପ୍ରକଳ୍ପଟି ବହୁଶିଘ୍ର ଅଚଳ ହୋଇପଡିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯାହାଫଳରେ ଗତ ତିନି ଦିନ ହେଲା ତିନିୱାର୍ଡର ଜନସାଧାରଣମାନେ ପାନୀୟଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ବୋଲି ପଞ୍ଚାୟତର

ପୂର୍ବତନ ସରପଞ୍ଚ ପ୍ରଭାତ ମଲିକ ଅଭିଯୋଗ କରିଛନ୍ତି । ବର୍ଷକ ଆଗରୁ ନିର୍ମାଣ ହୋଇଥିବା ଏହି ପାନୀୟଜଳ ପ୍ରକଳ୍ପର ପମ୍ପର ପ୍ଲାଟ୍‌ଫର୍ମ ଭୁଶୁଡି ପଡିଥିବା ଦେଖାଯାଇଛି । ତେବେ ପ୍ରକଳ୍ପଟିର ପାଇପ୍‌ର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଅଚଳ ହୋଇଥିବା ପ୍ରକଳ୍ପ ସମ୍ବନ୍ଧରେ ବିଭାଗୀୟ ଯନ୍ତ୍ରୀଙ୍କୁ ଗ୍ରାମବାସୀମାନେ ଜଣାଇବା ପରେ ଆଜି ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୁଦ୍ର ନାରାୟଣ ସେଠୀ ଉକ୍ତ ପ୍ରକଳ୍ପ ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ବ୍ଲକ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ପଚାରିବାରୁ ପ୍ରକଳ୍ପର ପମ୍ପ୍‌ଟି ଖରାପ୍ ହୋଇଯାଇଛି । ନୂତନ ପମ୍ପ୍ ସେ ଆଜି ମଗାଇଛନ୍ତି, ଆସନ୍ତା ୨ଦିନ ମଧ୍ୟରେ ଉକ୍ତ ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି ।

## ବୁଦ୍ଧି ମନ ଠାରୁ ଦୁର୍ବଳ ହେବା ଉଚିତ ନୁହେଁ: ସ୍ୱାମୀ ଚିନ୍ମୁପାନନ୍ଦଜୀ

ବାରିପଦା (ଭାସ୍କର ନ୍ୟୁଜ୍): ଯେତେବେଳେ ଆମ ମନ ବୁଦ୍ଧିଠାରୁ ଦୁର୍ବଳ ହୋଇଯାଏ ସେତେବେଳେ ଏଇ ମନ ଆମକୁ ଅଜ୍ଞାନଭରା ନିରାଶମୟ ଅଥବା ଏକ ନିନ୍ଦିତ ଜୀବନ ଦେବା ସମ୍ଭାବନା ଅଧିକ ଥାଏ । ଏହି ମନ ଆମର ଶତ୍ରୁ ହୋଇଯାଏ, ବାହ୍ୟ ଶତ୍ରୁର ଆବଶ୍ୟକ ହୋଇନଥାଏ । କୌଣସି ପରିସ୍ଥିତିବି ଭାଙ୍ଗି ନପଡି ପରିସ୍ଥିତିକୁ ସାମ୍ନା କରିବାର କଳା ଶିଖିବାକୁ ପଡିବ । ଜୀବିକା ଶିକ୍ଷା ସହିତ ଜୀବନ ଶିକ୍ଷା ପାଇଁ ପ୍ରତି ରବିବାର ଗୁରୁକୁଳରେ ହେଉଥିବା ବାଲବିହାର କ୍ଲାସରେ ଯୋଗ ଦେବା ଉଚିତ୍ ବୋଲି ଚିନ୍ମୟ ମିଶନ ନୋଏଡା ଉତ୍ତରପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିନ୍ମୁପାନନ୍ଦ ସରସ୍ୱତୀ ଆଜି ସ୍ଥାନୀୟ ମୁର୍ଗାବାଡି ସ୍ଥିତି ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଦନ ଦେଇଥିଲେ । ସଚ୍ଚିଦାନନ୍ଦ ସେବା ଟ୍ରଷ୍ଟର ଚେୟାରମ୍ୟାନ ଅଜିତ କୁମାର ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ଉଦଳା ଚିନ୍ମୟ ମିଶନ ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ, ବ୍ରହ୍ମଚାରୀ ଅନିକେତ ଚୈତନ୍ୟ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆ ମଞ୍ଚାସୀନ ଥିଲେ । ବିଷ୍ଣୁପଦ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସ୍ନେହଲତା ବେହେରା, ଅବସରପ୍ରାପ୍ତ ଶିକ୍ଷକ ନବୀନ ରାଉତ, ଟ୍ରଷ୍ଟି ଉର୍ମିଳା ବେହେରା, ଟ୍ରଷ୍ଟି ବିରଞ୍ଚିନାରାୟଣ ବେହେରା, ଟ୍ରଷ୍ଟି ସବ୍ୟସାଚି ପଲେଇ, ଦେବୀଦର୍ଶନୀ ବେହେରା, ସବିତା ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ୫୩ନଂ ଜାତୀୟ ରାଜପଥ ମୁକ୍ତାପଶି ମେଡିକାଲ ସମୁଖ ରାସ୍ତା କ୍ରସିଂ ଉପରେ ରବିବାର ଅପରାହ୍ନରେ କାର୍ ସହ ସ୍କୁଟି ଧକ୍କା ହେବା ଫଳରେ ଜନୈକା ମହିଳା ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ପରଜଙ୍ଗ ବ୍ଲକ କଙ୍କଲି ଗ୍ରାମର ଶରତ ଚନ୍ଦ୍ର ବିଶ୍ୱାଳଙ୍କ ପତ୍ନୀ ରଞ୍ଜ ବିଶ୍ୱାଳ(୫୮) ନିଜ ସମ୍ପର୍କୀୟଙ୍କ ସହିତ ମୁକ୍ତାପଶି ଆସିଥିଲା ବେଳେ ରାସ୍ତା ପାର୍ ହୋଇ ଗଲାବେଳେ କାମାକ୍ଷାନଗର ଦିଗରୁ ଏକ କାର୍ ଆସି ସ୍କୁଟିକୁ ଧକ୍କା ଦେଇଥଲା । ଫଳରେ ଘଟଣାସ୍ଥଳରେ ରଞ୍ଜଙ୍କ ମୃତ୍ୟୁ ହୋଇଛି ଏବଂ ଜଣେ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ଦୁର୍ଘଟଣା ଘଟାଇଥିବା କାର୍ ଅଟକ ରହିଥିବା ବେଳେ ଅଳ୍ପ ସମୟ ପାଇଁ ଚାପା ଉତ୍ତେଜନା ରହି ରାସ୍ତା ଅବରୋଧ ହୋଇଥିଲା । ଖବର ପାଇ କାମାକ୍ଷା ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ପୋଲିସ ମରଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

## ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

## ସାମ୍ବାଦିକଙ୍କ ପେଶାଗତ ଦକ୍ଷତା ମାନବ କଲ୍ୟାଣାଭିମୁଖି ହେବା ଉଚିତ୍

ଭଦ୍ରକ (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ପାଳିତ ହୋଇ ଆସୁଥିବା ଜାତୀୟ ପ୍ରେସ ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନିକଟ ଅତୀତରେ ଭଦ୍ରକ ଜିଲ୍ଲାରେ ଘଟିଯାଇଥିବା ବାତ୍ୟା 'ଦାନା' ଓ ତତ୍‌ପରବର୍ତ୍ତୀ ବନ୍ୟାଜନିତ ପରିସ୍ଥିତିରେ ସାମ୍ବାଦିକମାନେ ପ୍ରଶାସନକୁ ସଚେତନ ଓ ସହଯୋଗ କରିବା ସହିତ ପ୍ରଶାସନର ଅପହଞ୍ଚ ଇଲାକା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଭଳି ସମାଜ କଲ୍ୟାଣ ଆଭିମୁଖ୍ୟର ଅନୁଭବ ଆଧାରିତ ଉଦାହରଣ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଚଳିତବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ନିର୍ଦ୍ଧାରିତ ଥିବା ବିଷୟ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ପ୍ରକାଶ କରିଥିଲେ କି ସମୟ ଓ ଜ୍ଞାନ କୌଶଳ ସହିତ ତାଳ ଦେଇ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଯେପରି ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛି ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ତାହା ସହ ତାଳଦେଇ ନିଷ୍ଠାର ସହ ସ୍ୱଚ୍ଛତା, ନିରପେକ୍ଷତା ଅବଲମ୍ବନ ପୂର୍ବକ ନିଜର ପେଶାଗତ ଦକ୍ଷତାକୁ ପରିବର୍ତ୍ତନଶୀଳ କରାଇପାରିଲେ ଗଣମାଧ୍ୟମର ମହାନ ଆଭିମୁଖ୍ୟ ସମାଜସେବା ଓ ମାନବିକତା ନୀତିର ପ୍ରକୃତ ପ୍ରତିଫଳନ ହୋଇପାରିବ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନନ୍ଦ ଦୁଲାଲ ଦାସ, ରବିନାରାୟଣ ଖିଲାର, ଜ୍ଞାନପ୍ରକାଶ ପାଣି, ଶ୍ରୀକାନ୍ତ ତ୍ରିପାଠୀ, ପ୍ରିୟଦର୍ଶନ ଶୁଭବ୍ରତ ବୋଇତି, ଉମାକଲ୍ୟାଣ ମହାପାତ୍ର, ପାର୍ଥ ସାରଥୀ ନାୟକ, ଶିବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ପ୍ରଦତ୍ତ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ଆଲୋଚନା କରି ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପର ସୁପ୍ରଭାବିତ ପ୍ରତିଛବି ଦେଖିବାକୁ ହେଲେ ସାମ୍ବାଦିକ ବୃତ୍ତିରେ ମାନସିକତାରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ଓ ବ୍ଲକରୁ ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ୍, ପ୍ରଦୀପ କୁମାର ମହାପାତ୍ର, ଅକ୍ଷୟ କୁମାର ବଳ ପ୍ରମୁଖ ମଧ୍ୟ ବକ୍ତବ୍ୟ ଜରିଆରେ ନିଜର ମତାମତ ପ୍ରକାଶ କରିଥିଲେ ।

## ବରିଷ୍ଠ କବି ନୀଳମଣି ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅଧୀନ କାଳିମେଘା ଗ୍ରାମର ବରିଷ୍ଠ କବି ନୀଳମଣି ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ କାଳିମେଘାସ୍ଥିତ ବାସଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କବି ଦୀନବନ୍ଧୁ ପତିଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବରେଣ୍ୟ ଅତିଥି ଭାବେ ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ଦାସ, ଇଂ ଅଭୟ ସୂତାର, ପୂର୍ବତନ ସରପଞ୍ଚ ବସନ୍ତ ପତି, ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ଶିକ୍ଷାବିତ୍ ଯାମିନୀମୋହନ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନୀଳମଣି ଜଣେ ସାରସ୍ୱତ ସାଧକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଉଦାର ହୃଦୟର ମଣିଷ ଥିଲେ । ସେ ଡାକ କର୍ମଚାରୀ ଥାଇ ମଧ୍ୟ ସେ ଏକ କବିତା ପୁସ୍ତକ 'ସନ୍ନ୍ୟାସୀର ସଂସାର' ପ୍ରକାଶ କରି ସାରସ୍ୱତ ଜଗତକୁ ବାର୍ତ୍ତା ଦେଇ ପାରିଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କମଳାକାନ୍ତ ସ୍ୱାଇଁ, ଆଇଜୀବୀ ଚିନ୍ତାମଣି ଦାସ, ରମେଶ ଚନ୍ଦ୍ର ସାହୁ, ଗୋପବନ୍ଧୁ ମହଲା ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଇନ୍ଦ୍ର ନୀଳମଣି ସ୍ମରଣିକା ଉନ୍ମୋଚିତ ହୋଇଥିଲା । କବି ରବିକୁମାର ମହାନ୍ତିଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ କବି ଯୋଗ ଦେଇ କବିତା ପାଠ କରିଥିଲେ । ସେମାନଙ୍କ ମଧ୍ୟ କବି କୃପାସିନ୍ଧୁ ମହାନ୍ତିଙ୍କୁ ପ୍ରଥମ, ବୈକୁଣ୍ଠନାଥ ଓଝାଙ୍କୁ ଦ୍ୱିତୀୟ ଓ ସେକ୍ ଅବଦୁଲ ଦୟନାଙ୍କୁ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା । ସମସ୍ତ କବିମାନଙ୍କୁ ପ୍ରେରଣାପତ୍ର ପ୍ରଦାନ କରାଯାଇଥିଲା । ଯୁବ ଗାଳ୍ପିକ କୈଳାସ ବେହେରା, କବି ନିରଞ୍ଜନ ବାରିକ, ବିସ୍ମୟ ବିହାରୀ ସାହୁ, ନୀଳମାଧବ ସେନାପତି ତପୁନ ହାତୀ, ସୁବ୍ରତ ମିଶ୍ର, ବାପୁଜୀ ପ୍ରଧାନଙ୍କ ସମେତ ପରିବାର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କବିପୁତ୍ର ସୁଜିତ୍ ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ପ୍ରଗତି ସାଂସ୍କୃତିକ ପରିଷଦ ପକ୍ଷରୁ 'ଆମ ଗାଁ ଆମ ଗୌରବ' କାର୍ଯ୍ୟକ୍ରମ

ଗୋପ (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅଧିନସ୍ଥ ଓଡ଼ମ୍ବାର ପ୍ରଗତି ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହୋଇଛି ଆମ ଗାଁ

ଫୁଲନଖରା(ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବଡ଼ ପାଟସୁନ୍ଦରପୁର ମୌଜାରେ ଜନ୍ମଲାଭ କରିଥିବା ତଥା ଶ୍ରୀଜଗନ୍ନାଥ ପାଲା କଳାକାର ମହାସଂଘ, ଓଡ଼ିଶାର ସଭାପତି ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ ଭୁବନେଶ୍ୱର ସାହାରା ଜନମଞ୍ଚ ଦ୍ୱାରା ଆୟୋଜିତ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ 'ଗାୟକରତ୍ନ ଗୁଣନିଧି ସମ୍ମାନରେ ସମ୍ମାନିତ କରାଯାଇଛି । କଳା ସମ୍ପାଦକ ଜ୍ଞାନାନନ୍ଦ ସାଗର କୁମାରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ହିସାବରେ ରାଜ୍ୟ ଭାଜପା ଉପସଭାପତି ଗୋଲକ ମହାପାତ୍ର, ମୁଖ୍ୟବକ୍ତା ଅର୍ଗସ ନିୟୁଜ ନିର୍ଦ୍ଦେଶକ ରଞ୍ଜନ କୁମାର ଜେନା, ସମ୍ମାନିତ ଅତିଥି ଖୋର୍ଦ୍ଧା ଆରକ୍ଷୀ ଉପାୟୁକ୍ତ ସାଗରୀକା ନାଥ, ବ୍ରହ୍ମକୁମାରୀ ଲୀନା ଦିଦି, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ସମାଜସେବୀ ଲକ୍ଷ୍ମୀଧର ନାୟକ ମହୋତ୍ସବରେ ଯୋଗ ଦେଇ ଗାୟକ ନିରଞ୍ଜନ ସ୍ୱାଇଁଙ୍କୁ ମାନପତ୍ର, ଫଳକ, ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ମହୋତ୍ସବରେ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ଜନମଞ୍ଚର ସଭାପତି ସହଦେବ ତରାଇଙ୍କ ସମେତ ଜନମଞ୍ଚର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କଳାକାର ଓଡ଼ିଶା ପକ୍ଷରୁ ୩୬ତମ ବୋଇତ ବନ୍ଦାଣ ଉତ୍ସବ

ବାଲିଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଧିନସ୍ଥ ଖଡ଼ଗପୁର ବିରୂପା ନଦୀ ଘାଟରେ କଳାକାର ଓଡ଼ିଶା ସଭାପତି ତଥା କବି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ୩୬ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଲଙ୍ଗୁମଠର ମଠାଧିପତି ସାଧୁବାବା ପର୍ଶୁରାମ ଦାସ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭାରତ ଶିକ୍ଷା/ଶିକ୍ଷକ ବିକାଶ ସମାଜର ସଭାପତି ପ୍ରାଧ୍ୟାପକ ଯୁଦ୍ଧିଷ୍ଠିର ଖଟୁଆ ତଥା ବିଶିଷ୍ଟ ସ୍ତମ୍ଭକାର ପ୍ରାଧ୍ୟାପକ ଡ଼ଃ ସର୍ବେଶ୍ୱର ଷେଣ୍ଠ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ରଶ୍ମିତା ମିଶ୍ର, ଯୋରନ୍ଦା ସତ୍ୟ ସନାତନ ମହିମା ଗାଦିର ସାଧୁ ଆରତୀ ମାତା, ବ୍ୟଙ୍ଗକବି ଡ଼ଃ ଲକ୍ଷ୍ମୀ ଛଡ଼ା, ବାଲିଚନ୍ଦ୍ରପୁର ଥାନା ଆରକ୍ଷି ନିରିକ୍ଷକ ସମରଜିତ୍ ନାୟକ, ଆଡ଼ଭୋକେଟ ଲକ୍ଷ୍ମୀ ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ବୋଇତ ବନ୍ଦାର ଉତ୍ସବର ଇତିହାସକୁ ବଖାଣିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ସଭା, ପୁସ୍ତକ ଉନ୍ମୋଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଅତିଥି ଓ ଯୋଗଦେଇଥିବା ସର୍ବସାଧାରଣ ଭୁୟସି ପ୍ରସଂଶା କରିଥିଲେ । ଆଇନଜୀବୀ ନୀଳମାଧବ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ହିମାଂଶୁ ଭୂଷଣ ଜେନା ଅତିଥି ପରିଚୟ ପ୍ରଧାନ ଓ ଆଇନଜୀବୀ ଦେବରାଜ ବେହେରା ସମ୍ପାଦକିୟ ବିବରଣି ପାଠ, କଳାକାର ସୁବ୍ରତ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମରେ କବି ଲମ୍ବଙ୍ଗଲତା ରାଉତ, ନନ୍ଦୀନି ଦାସ, ବିଜୟ କୁମାର ଜେନା, ଭୂପେଶ ସେନାପତି, ନିରୁପମା ସାହୁ, ଏକାଦଶୀ ସେଠୀ, ନଳିନୀ ଜେନା, ବିଜୟ ଜେନା, ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି, ସୁବାଶିଷ ମହାପାତ୍ର, ବସନ୍ତ କୁମାର ମଲ୍ଲିକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବରେ ବହୁ କବି, କଳାକାର, ଶିକ୍ଷାବିତ୍ ମାନଙ୍କୁ ଉତ୍ତରୀୟ, ପୁଷ୍ପମାଲ୍ୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମଟିରେ ପ୍ରେମାନନ୍ଦ ବେହେରା, ଶ୍ରୀଧର ଖୁଣ୍ଟିଆ, ଗୟାଧର ପ୍ରଧାନ, ଅଜୟ ପ୍ରଧାନ, ରତ୍ନାକର ପ୍ରଧାନ, ଦେବବ୍ରତ ପୁହାଣ, ଅକ୍ଷୟ ବେହେରା, ଶରତ ବେହେରା, ରବୀନ୍ଦ୍ର ବେହେରା, ରାଜ କିଶୋର ପରମାଣିକ, କିଶୋର ସାହୁ, ନାରାୟଣ ପ୍ରଧାନ ଶରତ ପୃଷ୍ଟି, ସଂଜୟ ଖୁଣ୍ଟିଆ, ରାମ ଚନ୍ଦ୍ର ତ୍ରିପାଠୀ, ବ୍ରଜ କିଶୋର ପ୍ରଧାନ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ବ୍ଲକ୍ ସମସ୍ୟା ଜଣାଇଲେ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି

ରଘନାଥପୁର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେବାକୁ ଆସିଥିବା ଅବସରରେ ଜଗତିଂହପୁର ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ସୁବୋଧ କୁମାର ବାରିକ ତାଙ୍କୁ ଭେଟି ଆଲୋଚନା କରିଥିଲେ । ସଭାପତି ବାରିକ ରଘନାଥପୁର ବ୍ଲକରେ ନୂତନ ବିଡିଓଙ୍କ ନିଯୁକ୍ତ ସହ ବହୁବିଧ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ସହ ଆରଡବ୍ଲୁଏସଏସରେ ହୋଇଥିବା ମହା ଦୁର୍ନୀତି ବାବଦରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡା ଦଳୀୟ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କେତେକ ବିଷୟ ସମ୍ପର୍କରେ ଆଲୋଚନା ହୋଇଥଲା ବୋଲି ସଭାପତି ବାରିକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମାଝି ଧର୍ଯ୍ୟର ସହ ସମସ୍ତ ବିଷୟ ଶୁଣିବା ସହ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତଶ୍ରୁତି ଦେଇଥିବାର ଓବିସି ମୋର୍ଚ୍ଚା ସଭାପତି ବାରିକ ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ସାହିତ୍ୟିକ ଡଃ ଶ୍ରୀରାମଚନ୍ଦ୍ର ଦାଶଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର(ଭାସ୍କର ନ୍ୟୁଜ): ରବିବାର ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ, ଗାଳ୍ପିକ, ସୁବକ୍ତା ଡଃ ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ୍ ଛକ ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡଃ ଦାଶ ଓଡିଆ ଓ ଇଂରାଜୀ ଭାଷାରେ ଅନେକ ଗଳ୍ପ, ଉପନ୍ୟାସ, କବିତା, ଜୀବନୀ ଆଦି ରଚନା କରିଛନ୍ତି । ନିଜର ପୁସ୍ତକ ୟୁରୋପରେ ମୋର ଅନୁଭୂତି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ରେ ସମ୍ମାନିତ ହୋଇଛନ୍ତି । ତାଙ୍କର ପବିତ୍ର ଜନ୍ମ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# କୁମୁସି ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ସହଭାଗିତା ବୈଠକ

ପରଜଙ୍ଗ(ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁମୁସି ଗ୍ରାମରେ ଅବସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ଗତ ୧୫ ତାରିଖ ଦିନ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ସଭାପତିତ୍ୱରେ ପିତାମାତାଙ୍କ ସହଭାଗିତା ବୈଠକ ସାଙ୍ଗକୁ ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ବୈଠକରେ ବିଦ୍ୟାଳୟର ଶିକ୍ଷା କମିଟି ସଭାପତି ରଞ୍ଜିତ ବେହେରା ଓ କେଞ୍ଜୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ପାଣି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ପ୍ରତି ଯତ୍ନଶୀଳ ହେବା, ପରିବେଶ ପ୍ରତି ଦୃଷ୍ଟି ରଖିବା, ଛାତ୍ରଛାତ୍ରୀଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଉପରେ ଉକ୍ତ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ନୃତ୍ୟ ପରିବେଷଣ ମନମୁଗ୍ଧକର ହୋଇଥିଲା ।

# ଆସିକା ସାମ୍ବାଦିକ ଆସୋସିଏସନ୍‌ର ଜାତୀୟ ସାମ୍ବାଦିକ ଦିବସ ପାଳିତ

ଆସିକା(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ଆସିକା ସହର କଳିଙ୍ଗ ରୋଡ଼ ସ୍ଥିତ ହୋଟେଲ ସଭା ଗୃହଠାରେ ଆସିକା ଜୋନାଲିଷ୍ଟ ଆସୋସିଏସନ ପକ୍ଷରୁ ଜାତୀୟ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି । ଜୋନାଲିଷ୍ଟ ଆସୋସିଏସନ ସଭାପତି ଅନିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସନମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, କୋଟିନାଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ବାବନପୁର ପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଛବିଳରାମ ମିଶ୍ର ପ୍ରମୁଖ ମଞ୍ଚାସିନ ହୋଇ ସମାଜରେ ସାମ୍ବାଦିକ ଭୂମିକା ଓ ଆଧୁନିକ ଯୁଗରେ ସମ୍ବାଦ ପରିବେଷଣ ଉପରେ ଆଲୋଚନା କରାଯାଇଥିଲା । ଏହାସହ ଅଞ୍ଚଳରେ ସାମ୍ବାଦିକ ଭବନର ଆବଶ୍ୟକତାକୁ ନଜରରେ ରଖି ସରକାରଙ୍କ ପକ୍ଷରୁ ଏକ ଏହି ଭବନ ଯୋଗାଇବାକୁ ଅନୁରୋଧ କରାଯାଇଛି । ଏହି କାଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ମୁନାଫ ସରିଫ, କ୍ଷୀରୋଦ ଚନ୍ଦ୍ର ବେହେରା, ନରେନ୍ଦ୍ର ସାହୁ, ମନୋଜ ନାୟକ, ମନୋଜ ଗୌଡ଼, ପୀତବାସ ଦାଶ, ଶକ୍ତି ପ୍ରସାଦ କର, ରତ୍ନାକର ସିଅ, ପ୍ରଶାନ୍ତ କୁମାର ମୁନି, କମଳେନ୍ଦୁ ହୋତା, ଶିବ ସିଅ, ବାଲ୍ମୀକି ବିଷୋୟୀ, ରାମକୃଷ୍ଣ ଡାକୁଆ, ଜଗନ୍ନାଥ ସାହୁ, ନିର୍ମଳ ପାତ୍ର, ଯଯାତି କେଶରୀ ମହାନ୍ତି, ସନ୍ତୋଷ ମିଶ୍ର, ପ୍ରଦୀପ ପାତ୍ର, ଶିବ ଶଙ୍କର ମିଶ୍ର, କିରଣ କୁମାର ପାଢ଼ୀ, ଅକ୍ଷୟ କୁମାର ଜେନା, ମନୋଜ କୁମାର ସାହୁ ନୀଳାଞ୍ଚଳ ଗୌଡ଼, କମଳିନୀ ହୋତା, ଲିନା କୁମାରୀ ସ୍ୱାଇଁଙ୍କ ସମେତ ସମାଜସେବୀ ବ୍ରହ୍ମାନନ୍ଦ ଆଚାରୀ, ସୁନୀଲ କୁମାର ନାହାକ, ବରିଷ୍ଠ ଶିକ୍ଷକ ସତ୍ୟପ୍ରିୟ ରଥ ପ୍ରମୁଖ ଯୋଗ ଦେଇଥିଲେ ।

# ହୁଇପ ଜାରି କଲେ ସିଡ଼ିପିଓ, ବିଧାୟକଙ୍କୁ ସମ୍ବର୍ଦ୍ଧିତ ପାଇଁ ପ୍ରତି ୱାର୍କର ଦେବେ ୧୦୦ ଟଙ୍କା

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଅଧୀନରେ ୨୩୦ଟି ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ସେମାନଙ୍କ ୱାର୍କରଙ୍କୁ ୧୦୦ ଟଙ୍କା ଲେଖା ଚାନ୍ଦା ଦେବା ନିମନ୍ତେ ହୁଇପ ଜାରି କରିଛନ୍ତି ନିଆଳି ସିଡିପିଓ ସଂଯୁକ୍ତା ଘଡେଇ । ଆସନ୍ତା ୫ ତାରିଖରେ ନବ ନିର୍ବାଚିତ ଛବି ମଲିକଙ୍କୁ ନୂତନ ଭାବେ ନିଆଳି ବ୍ଲକରେ ନିଯୁକ୍ତି ପାଇଥିବା ଶ୍ରୀମତୀ ଘଡେଇ ଓ ତାଙ୍କ ସହିତ କେତେଜଣ ହାତ ଗଣତି ୱାର୍କରଙ୍କୁ ନେଇ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିବେ । ସମ୍ବର୍ଦ୍ଧିତ ଉତ୍ସବ ପାଇଁ ଟଙ୍କା ଆବଶ୍ୟକ ଥିବାରୁ ଏଭଳି ହୁଇପ ଜାରି କରାଯାଇ ଅଙ୍ଗନବାଡି ୱାର୍କରଙ୍କୁ ୧୦୦ ଟଙ୍କା ଲେଖା ଦେବ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ବହୁ ୱାର୍କରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପଇଛି । ଏମିତିକି କେତେକ ୱାର୍କର ଟଙ୍କା ଦେବେ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଛନ୍ତି । ଏହି ଘଟଣାକୁ ନେଇ ୱାର୍କରଙ୍କ ମଧ୍ୟରେ ବିବାଦ ଉପୁଜିଛି । କେତେକ ୱାର୍କର ନିଜ ନାମ ଗୋପନ ରଖି ବାହାରେ ପ୍ରକାଶ କରିଛନ୍ତି । ଏନେଇ ନିଆଳି ସିଡ଼ିପିଓ ଶ୍ରୀମତୀ ଘଡେଇଙ୍କୁ ପଚାରିବାରୁ ମୁଁ ଜାଣିନାହିଁ, ଯଦି କିଏ ଆଲୋଚନା କରିଛନ୍ତି ମୁଁ ବୁଝିକି କହୁଛି ।

# ମହାବୀର ସେନା ତରଫରୁ ବୋଇତ ବନ୍ଦାଣ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ନିକଟସ୍ଥ ସିର୍ଲୋ ପଞ୍ଚାୟତର ବ୍ରାହ୍ମଣଖଣ୍ଡସ୍ଥିତ ଐତିହାସିକ ପାଣ୍ଡବ ଘାଟଠାରେ ମହାବୀର ସେନା ତରଫରୁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ଲିପ୍ତିମୟୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସେନାର ସଦସ୍ୟ, ଅଞ୍ଚଳର ବହୁ ବୁଦ୍ଧିଜୀବୀ ମହିଳା ଓ ଶନି ମନ୍ଦିରର ପୂଜା କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ । ସେନାର ସଦସ୍ୟ ଚନ୍ଦନ ସେନାପତି, କ୍ଷୀରୋଦ ମହାପାତ୍ର, ରଶ୍ମିରଞ୍ଜନ ମହାରଣା, ମନୋଜ ଦାସ, ତପନ ନାୟକ, ସନ୍ଧ୍ୟାରାଣି ପଣ୍ଡା, ବିଜୟ ଭାସ୍କର ଗାୟା, ସୁଶିଲ ସାହୁ ଓ ଶନିମନ୍ଦିର ପୂଜା କମିଟି ବାଦଲ ବାବୁ, କମଳା କାନ୍ତ ମହାପାତ୍ର, ବିଜୟ ସେଠୀ, ଲୋକନାଥ ମହାନ୍ତି, ସୋମନାଥ ଭୋଇ, ଦିଲୀପ ବାରିକ, ସଞ୍ଜୟ ବେହେରା ଓ ଅଞ୍ଚଳର ବହୁ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଆଗାମୀ ଦିନରେ ମହାବୀର ସେନାର ସମସ୍ତ ସଦସ୍ୟ ଓ ଅଞ୍ଚଳ ବାସୀଙ୍କ ସହଯୋଗରେ ଏଇ ପାଣ୍ଡବ ଘାଟଠାରେ ଏହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷିତ କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ସେନାର ପ୍ରତିଷ୍ଠାତା କିରଣ ଚନ୍ଦ୍ର ସାହୁ କହିଥିଲେ । କାର୍ଯ୍ୟକ୍ରମକୁ ପାଣ୍ଡବ ଘାଟ ଠାରେ ପୁନରୁଦ୍ଧାର କରିଥିବାରୁ ମହାବୀର ସେନାକୁ ଧନ୍ୟବାଦ୍ ଦେଇଥିଲେ ସ୍ଥାନିତ ଅଞ୍ଚଳର ବାସିନ୍ଦା ।

# ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ଧର୍ମଶାଳା ଠାରେ ରବିବାର ବେତନଟୀ ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟଅତିଥି ରୁପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ରୁରାଲ ଡେଭେଲପମେଣ୍ଟ ସେକ୍ରେଟାରୀ ବିଜୟ କୁମାର ବେହେରା, ବରିଷ୍ଠ ନାଗରିକ ସଂଘର ସଭାପତି ବିଶିଷ୍ଟ ଆଇନଜୀବି ହିମାଂଶୁ କୁମାର ପରିଡା, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ସର୍ବ ପ୍ରଥମେ ମଞ୍ଚ ଉପରେ ପ୍ରଦ୍ୱୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ ସଭାରେ ବରିଷ୍ଠ ନାଗରିକମାନେ ବିଭିନ୍ନ ସରକାରୀ କିମ୍ବା ବେସରକାରୀ କ୍ଷେତ୍ର ଯେଉଁସବୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତାହାରି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଭବିଷ୍ୟତରେ ଯେମିତି କୌଣସି ବରିଷ୍ଠ ନାଗରିକ କିଛି ଅସୁବିଧାର ସମ୍ମୁଖିନ ନହେବେ ସେଥି ପ୍ରତି ସରକାର ଯତ୍ନବାନ ହୋଇ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ଅଭିଭାଷଣ ରଖିଥିଲେ ମଞ୍ଚାସୀନ ଅତିଥିଗଣ ।

# ସଡକ ସୁରକ୍ଷା ସଚେତନତା ଦେଲେ ସ୍ୱେଚ୍ଛାସେବୀ

ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ସଦର ମହକୁମା ନୂଆସାହିସ୍ଥିତ ପତିତପାବନ ଯୁବକ ସଂଘ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଶିକ୍ଷାପ୍ରେମୀ ଭାଗିରଥି ପରିଡ଼ା ଓ ସାମାଜିକ କର୍ମୀ ଦୀନବନ୍ଧୁ ଦାଶ ଅତିଥି ଭାବେ ଯୋଗଦେଇ ବ୍ଲକ କାର୍ଯ୍ୟାଳୟ ସଂଲଗ୍ନ ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଉପରେ ଯାତାୟତ କରୁଥିବା ଯାନବାହନକୁ ସିଟ ବେଲଟ ବାନ୍ଧିବା, ହେଲମେଟ ପିନ୍ଧିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ମଦ୍ୟ ପାନ କରି ଗାଡି ନ ଚଳାଇବା ଆଦି ସଡକ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ଗୋଲାପ ଫୁଲ ଉପହାର ପ୍ରଦାନ କରିଥିଲେ । ଏଥିରେ ଅନୁଷ୍ଠାନର ସଭାପତି ହିମାଂଶୁ ଭୂଷଣ ଦାଶ, ଉପସଭାପତି ବିଶ୍ୱ ରଞ୍ଜନ ଦାସ, ସମ୍ପାଦକ ଗଙ୍ଗାଧର ମାର୍ଥା, ସହ ସମ୍ପାଦକ ବଟକୃଷ୍ଣ ମହାପାତ୍ର, କୋଷାଧକ୍ଷ ଗଙ୍ଗାଧର ସାହୁ ଓ ସଦସ୍ୟ ରବି ନାରାୟଣ ଦଳେଇଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ ।

# ବିଶ୍ୱ ପ୍ରାକୃତିକ ଚିକିତ୍ସା ଦିବସ ଉଦ୍‌ଘାଟିତ

ବାରିପଦା(ଭାସ୍କର ନ୍ୟୁଜ): ବିଶ୍ୱ ପ୍ରାକୃତିକ ଚିକିତ୍ସା ଦିବସ ଅବସରରେ ବାରିପଦା ଦେବେନ୍ଦ୍ରପୁର ପ୍ରେମକାଲ ଯୋଗ ମନ୍ଦିର ଅନୁକୂଲ୍ୟରେ ଆୟଜିତ ଦୁଇ ଦିନିଆ ନିଶୁଳ୍କ ମାଟି ଲେପନ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନରେ ହିଁ ୯୦ ରୁ ଉର୍ଦ୍ଧ ପ୍ରକୃତି ପ୍ରେମୀ ମାଟି ଲେପନ କାର୍ଯ୍ୟ କ୍ରମରେ ଭାଗ ନେବା ସହିତ ଯୋଗ ମନ୍ଦିରର ପ୍ରତିଷ୍ଠାତା ତଥା ତାଲିମପ୍ରାପ୍ତ ଯୋଗ ପ୍ରଶିକ୍

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଦୋଳସାହି ପଞ୍ଚାୟତ ଅଧୀନ ରାଢ଼ଙ୍ଗ ଗ୍ରାମର ହରିହର ଧାମରେ ଭାଗବତ ପରାୟଣ ଉଦ୍‌ଯାପିତ ହୋଇଯାଇଛି । ବାସୁଦେବ ମନ୍ଦିରରେ ଅଁଳା ନବମୀ ଠାରୁ ଭାଗବତ ପରାୟଣ ଆରମ୍ଭ ହୋଇ ରାସ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଥିଲା । ଦୀର୍ଘ ୬ଦିନ ବ୍ୟାପୀ ଭାଗବତ ପରାୟଣ ଅନୁଷ୍ଠିତ ହୋଇଥିଲ । ପ୍ରତ୍ୟହ ସକାଳ ଆଳତି ଓ ସଂକୀର୍ତ୍ତନ ପରେ ଭାଗବତ ପାଠ କରାଯାଇଥିଲା । ପ୍ରତିଦିନ ସନ୍ଧ୍ୟାରେ ପ୍ରବଚକ ବାଣୀସେବକ ହିମାଂଶୁ ଭୂଷଣଜୀ ମହାରାଜ ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରବଚନ୍ ପ୍ରଦାନ କରିଥିଲେ । ଏହି ଭାଗବତ ପାଠ ଶୁଣିବା ପାଇଁ ଗାଜିପୁର, ରାଢ଼ଙ୍ଗ, ଦୋଳସାହି, ପାଳିଆ, ଶେରପୁର ଇତ୍ୟାଦି ଗ୍ରାମରୁ ଶହଶହ ଭକ୍ତ ଯୋଗ ଦେଇଥିଲେ । ପ୍ରତିଦିନ ଶ୍ରୀଶ୍ରୀ ବାସୁଦେବଙ୍କ ନିକଟରେ ଅନ୍ନ ଭୋଗ ଲାଗି କରାଯିବା ପରେ ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥାନ୍ତି । ୧୯୯୬ ମସିହାରୁ ହରିହର ଧାମରେ ଭାଗବତ ପରାୟଣ ସପ୍ତାହ ପାଳନ ଆରମ୍ଭ ହୋଇ ଚଳିତ ବର୍ଷ ଅଷ୍ଟବିଂଶତମ ଭାଗବତ ପରାୟଣ ସପ୍ତାହ ପାଳିତ ହୋଇଛି । ରାସପୂର୍ଣ୍ଣିମାରେ ପ୍ରଭୁଙ୍କ ପୀଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ସାରାଦିନ ଭଜନ ସମାରୋହ, ସଂକୀର୍ତ୍ତନ, ନୃତ୍ୟ ପରିବେଷଣ କରାଯାଇଥିଲା । ରାଢ଼ଙ୍ଗ ଗ୍ରାମର ଶ୍ରୀଶ୍ରୀ ବାସୁଦେବ ପୂଜା କମିଟିର କର୍ମକର୍ତ୍ତା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଭାଗବତ ପରାୟଣ ସପ୍ତାହ ପାଳିତ ହୋଇଥିଲା ।

## ପାଲଲହଡା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ

କଣିହାଁ (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭୂମିପୂଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ଆଶୋକ ମହାନ୍ତି ଯୋଗଦେଇ ଆନୁଷ୍ଠାନିକ ଭାବରେ ଭୂମିପୂଜନ କରିଥିଲେ । ଉକ୍ତ ପ୍ରକଳ୍ପ ଗୁଡିକ ବିଧାୟକ ଆଶୋକ ମହାନ୍ତିଙ୍କ ଅନୁରୋଧକ୍ରମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଭୂମିପୂଜନ ହୋଇଥିବା ପ୍ରକଳ୍ପଗୁଡିକ ହେଲା ବଜ୍ରକୋଟର ସୁବର୍ଣ୍ଣପୁର ବସ୍ତିକୁ ବନ୍ୟା ପରିସ୍ଥିତିରୁ ସୁରକ୍ଷିତ ରଖିବା ପାଇଁ ୫୧ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଉନ୍ନତିକରଣ, ତାଳପଦା ମନ୍ଦିର ସୁରକ୍ଷିତ ରଖିବା ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଉନ୍ନତିକରଣ, ତୁମଗୋଳା ଠାରେ ବିଦ୍ୟାଳୟ ପରିସରର ସୁରକ୍ଷା ପାଇଁ ୫୭ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ବାମ ପାର୍ଶ୍ୱ ବନ୍ଧର ଉନ୍ନତିକରଣ । ଉକ୍ତ କାର୍ଯ୍ୟକ୍ରମରେ ସମଲ ବ୍ୟାରେଜ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ଅନ୍ୟାନ୍ୟ ଅଧିକାରୀ, ବିଜେପି ଜିଲ୍ଲା ଉପସଭାପତି ନୃସିଂହ ଚରଣ ବରାଳ, ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନ ଓ ପ୍ରହ୍ଲାଦ ସାମଲ, ସୁମନ୍ତ ପ୍ରଧାନ, ସରପଞ୍ଚ ରାଜେନ୍ଦ୍ର ବେହେରା, ହରେକୃଷ୍ଣ ପ୍ରଧାନ, ବିଧାନ ସାହୁ, ପଦ୍ମ ଚରଣ ନାଏକ, ନିର୍ମଳ ବେହେରା, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚବିଶପଡ଼ାରେ ଗ୍ରାମୀଣ ବରିଷ୍ଠ ନାଗରିକ ସଂଘ ଗଠିତ

ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମରେ ବରିଷ୍ଠ ନାଗରିକ ସଂଘ ଗଠନ କରାଯାଇଛି । ଏହି ଅବସରରେ ୱାର୍ଡ଼ସଭ୍ୟା ହେନାଲତା ନାୟକଙ୍କ ବାସଭବନ ପରିସରରେ ଏକ ସାଙ୍ଗଠନିକ ବୈଠକ ବରିଷ୍ଠ ନାଗରିକ ବଂଶୀଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଂଘର ସଭାପତି ଭାବେ ନରହରି ନାୟକ, ଉପସଭାପତି ଭାବେ ବଂଶୀଧର ଦାସ, ସମ୍ପାଦକ ଚନ୍ଦ୍ରମଣି ନାୟକ, ସହସମ୍ପାଦକ କୃପାସିନ୍ଧୁ ନାୟକ, କୋଷାଧ୍ୟକ୍ଷ କୈଳାଶ ମଲିକ, କାର୍ଯ୍ୟକାରୀ ସଭ୍ୟ ବଂଶୀଧର ମଲିକ, ନିର୍ମଳ ନାୟକ, ଯୁଧିଷ୍ଠିର ଦାସ, ପ୍ରଫୁଲ୍ଲ ଜେନା, ଭାସ୍କର ମହାପାତ୍ର, ବାମଦେବ ଜେନା, ନିତ୍ୟାନନ୍ଦ ଜେନା, ପ୍ରାଣବନ୍ଧୁ ଦାସ, ବଂଶୀଧର ରାଉତ, କୃପାସିନ୍ଧୁ ନାୟକ, ଭିକାରୀ ଚରଣ ନାୟକ, ଧ୍ରୁବଚରଣ ସାମନ୍ତରାୟ ମହାପାତ୍ର ପ୍ରମୁଖ ମନୋନୀତ ହୋଇଥିଲେ । ସଂଘର ବିକାଶ ଦିଗରେ ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଲକ୍ଷ୍ୟ କରି ବରିଷ୍ଠ ନାଗରିକ ଗଠନ କରିଥିଲେ ।

## କେନ୍ଦୁଝର ବନଖଣ୍ଡରେ ୧୮୯ ହାତୀ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଚଳିତମାସ ୧୪ରୁ ୧୬ ତାରିଖ ୩ଦିନ ଧରି କେନ୍ଦୁଝର ବନଖଣ୍ଡରେ ହାତୀ ଗଣନା କାର୍ଯ୍ୟ ଶନିବାର ଶେଷ ହୋଇଛି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି.ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଟି ବନାଞ୍ଚଳରେ ୪ଜଣ ସହକାରୀ ବନ ସଂରକ୍ଷକଙ୍କ ସହଯୋଗରେ ମୋଟ ୨୪୬ ଜଣ ବନ କର୍ମଚାରୀ ଏହି ହାତୀ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ୭ଟି ବନାଞ୍ଚଳରେ ୪୩ଟି ମଞ୍ଚା ସାହାଯ୍ୟରେ ୮୨ଟି ଗଣନା ୟୁନିଟ୍ ସହାୟତାରେ ହାତୀ ଗଣନା କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ଦୈନିକ ରିପୋର୍ଟ ଅନୁଯାୟୀ ଶନିବାର ସୁଦ୍ଧା ଜିଲ୍ଲାରେ ୧୮୯ଟି ହାତୀ ଥିବା ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାସ କହିଛନ୍ତି । ହାତୀ ଗଣନା କାର୍ଯ୍ୟ ଯଦିଓ ଶନିବାର ଶେଷ ହୋଇଛି । ଦୁଇଦିନ ପରେ କେନ୍ଦୁଝର ବନଖଣ୍ଡରେ କେତେସଂଖ୍ୟକ ହାତୀ ଅଛନ୍ତି ତାହାର ସଠିକ୍ ତଥ୍ୟ ଜଣାପଡ଼ିବ ବୋଲି ସହକାରୀ ବନ ସଂରକ୍ଷକ ଶ୍ରୀ ଦାସ କହିଛନ୍ତି । ପ୍ରତି ହାତୀ ଗଣନା ୟୁନିଟ୍‌ରେ ଜଣେ ଟିମ୍ ଲିଡରଙ୍କ ସମେତ ଅତିକମ୍‌ରେ ୨ଜଣ ସଦସ୍ୟ ଆଗଧାଡିର କ୍ଷେତ୍ର କର୍ମଚାରୀ, ଜିଆଇଏସ୍ ଏକ୍ସପର୍ଟ, ବାଇଓଲୋଜିଷ୍ଟ, ବନାଞ୍ଚଳ ଅଧିକାରୀ ଓ ସହକାରୀ ବନ ସଂରକ୍ଷକଙ୍କ ସହାୟତାରେ ଏହି ଗଣନା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି କହିଛନ୍ତି ।

## ତାର୍ଲାକୋଟା ନଦୀରେ ବୁଡି ୬୫ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ଚିତାପାରି-୩ ପଞ୍ଚାୟତର ଏମ୍‌ଭି-୩୭ ନମ୍ବର ଗ୍ରାମ ନିକଟ ତଥା ତାର୍ଲାକୋଟା ବଜାର ଠାରୁ ଅଳ୍ପ ଦୂରରେ ପ୍ରବାହିତ ହେଉଥିବା ନଦୀରେ ଜଣେ ୬୫ ବର୍ଷୀୟ ବୃଦ୍ଧ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି । ମୃତ ବୃଦ୍ଧଙ୍କ ନାମ ନନି କର୍ମକାର

ବୋଲି ଜଣାପଡିଛି । ତେବେ ଓର୍କେଲ ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନନି କର୍ମକାରଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର କଲିକତା ଅଞ୍ଚଳରେ । ସେ ଆଜକୁ ପ୍ରାୟ ୧୪/୧୫ ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ସବିତା କର୍ମକାରଙ୍କୁ ସାଙ୍ଗରେ ନେଇ କଲିକତା ଅଞ୍ଚଳରୁ ଆସି ଚିତାପାରି-୩ ପଞ୍ଚାୟତ ଅଧିନସ୍ଥ ଏମ୍‌ଭି-୧୦୮ ଗ୍ରାମରେ ରହୁଥିଲେ । କିଛିଦିନ ପୂର୍ବେ ନନି କର୍ମକାର ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଔଷଧପତ୍ର ଖାଇ କିଛିଦିନ ପୂର୍ବେ ଟିକେ ସୁସ୍ଥ ହୋଇଥିଲେ । ଶନିବାର ଦିନ ସେ ରହୁଥିବା ଏମ୍‌ଭି-୧୦୮ ନମ୍ବର ଗ୍ରାମରୁ ଚାଲି ଚାଲି ତାର୍ଲାକୋଟା ସାପ୍ତାହିକ ହାଟକୁ ଆସିଥିଲେ । ହାଟରୁ ଉକ୍ତ ରାସ୍ତାଦେଇ ନିଜ ଘରକୁ ଫେରିବା ସମୟରେ ରାସ୍ତା ପାର୍ଶ୍ୱରେ ପ୍ରବାହିତ ହେଉଥିବା ତାର୍ଲାକୋଟା ନଦୀକୁ ଶୌଚ ହେବାକୁ ଯାଇଥିଲେ । ହେଲେ ସେ ସେଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ବୁଡି ଯାଇଥିଲେ । ସନ୍ଧ୍ୟାରେ କିଛି ସ୍ଥାନୀୟ ଅଞ୍ଚଳବାସୀ ଦେଖିବା ପରେ ସେମାନେ ସଙ୍ଗେ ସଙ୍ଗେ ପୋଲିସ ଓ ତାଙ୍କ ସ୍ତ୍ରୀଙ୍କୁ ଜଣାଇଥିଲେ । ଏ ନେଇ ମୃତ୍ୟୁବରଣ କରିଥିବା ନନିଙ୍କ ସ୍ତ୍ରୀ ସବିତା କର୍ମକାର ଓର୍କେଲ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରିଥିଲେ । ଉକ୍ତ ଏତାଲାକୁ ଭିତ୍ତିକରି ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଥାନାରେ କେସ୍ ନମ୍ବର ୩୧/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧ ନନିଙ୍କ ମୃତ ଶରୀର ପାଣିରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ଆଜି ଶବ ବ୍ୟବଚ୍ଛେଦ ସରିବା ପରେ ପୋଲିସ ନନିଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି । ତେବେ ଏହି ଘଟଣାର ତଦନ୍ତ ଏଏସ୍‌ଆଇ ରାଜେନ୍ଦ୍ର ଖିଲ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ।

### ଶ୍ରୀକ୍ଷେତ୍ରରେ ନିର୍ବାଣ ମହୋତ୍ସବ

## ସତ୍‌ମାର୍ଗ ହିଁ ମନୁଷ୍ୟକୁ ନିର୍ବାଣ ଦେଇପାରେ: ଡକ୍ଟର ସବିତା ପ୍ରଧାନ

ପୁରୀ (ଭାସ୍କର ନ୍ୟୁଜ୍): ପୂର୍ବଜନ୍ମର ପ୍ରାରବ୍ଧରୁ ଜୀବ ମଣିଷ ଜନ୍ମ ପାଏ ମଣିଷ ଦେହରେ ଦିବ୍ୟଜ୍ଞାନ ଦେଖି ଈଶ୍ୱର ଖୁସି ହୁଅନ୍ତି । ହେଲେ ସଂସାର ମାୟାରେ ପଶିବା ପରେ ଅଂହକାର, ଈର୍ଷା, ପରଶ୍ରୀକାତରତା ଭିତରେ ମଣିଷ ବାଟ ହୁଡିଯାଏ । କିନ୍ତୁ ସେତେବେଳକୁ ହଜିଯାଇଥାଏ ମୁକ୍ତିର ବାଟ, ମୋକ୍ଷର ବାଟ ଆଉ ନିର୍ବାଣର ବାଟ । ଏଣୁ ସତ୍‌କର୍ମ, ସତ୍‌ମାର୍ଗ, ସତ୍‌ଭାବନା ଓ ସତ୍‌ଧର୍ମ ଭିତରେ ଏକ ସୁନ୍ଦର ସଂସାର ଓ ଶୃଙ୍ଖଳିତ ସମାଜ ଗଠନ ହିଁ ମଣିଷକୁ ମୁକ୍ତି, ମୋକ୍ଷ ଓ ନିର୍ବାଣର ବାଟ ଦେଖାଏ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସବିତା ପ୍ରଧାନ । ନୂଆଦିଲ୍ଲୀର ପଲ୍ଲୀବାଣୀ ମିଶନ, ମିଶନ ଓଡିଶା ଓ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ମିଳିତ ସହଯୋଗରେ ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଜୟଦେବ ଭବନର ଠାରେ ଆୟୋଜିତ ନିର୍ବାଣ ମହୋତ୍ସବକୁ ଉଦ୍‌ଘାଟନ କରି ଡକ୍ଟର ପ୍ରଧାନ, ଆଧ୍ୟାତ୍ମିକ ଜନଜାଗରଣରେ ନିର୍ବାଣ ମହୋତ୍ସବ ସ୍ମରଣ ରହିବ ବୋଲି ମତବ୍ୟକ୍ତ କରିଥିଲେ । ପଲ୍ଲୀବାଣୀର ଅଧ୍ୟକ୍ଷ ରାମଚନ୍ଦ୍ର ନାଥଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଡକ୍ଟର ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଦ୍ୱିତୀୟ ଅଧିବେଶନର ଅଧ୍ୟକ୍ଷତା କରିଥିଲେ ଡକ୍ଟର କୁଳମଣି ବିଶ୍ୱାଳ । ଏଥିରେ ମୁଖ୍ୟବକ୍ତା ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ଡିନ୍ ମଦନମୋହନ ଝା, ସ୍ୱତନ୍ତ୍ର ଅତିଥି ଭାବେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ, ଅତିଥି ଭାବେ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ରାମକୃଷ୍ଣ ଦାସ ମହାରାଜ, ବାବା ସନତ ସୁଜାତାନନ୍ଦ ମହାରାଜ, ପଣ୍ଡିତ ଶଶାଙ୍କ ଶେଖର ମିଶ୍ର, ପଣ୍ଡିତ ସୁଦର୍ଶନ ତ୍ରିପାଠୀ, ନୀଳମଣି ଗୁରୁ, ଆଦର୍ଶ ଶତପଥୀ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ଶତପଥୀ ଓ ଜିତେନ୍ଦ୍ର ତ୍ରିପାଠୀ ନିର୍ବାଣ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ବାବାଜି ସନତ ସୁଜାତାନନ୍ଦ ଦାସ ମହାରାଜ କହିଥିଲେ ଯେ, ବୌଦ୍ଧ ଏବଂ ଜୈନ ଧର୍ମରେ ଅହିଂସା କଥା କୁହାଯାଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ସେମାନେ ହିଂସାକୁ ପ୍ରଶ୍ରୟ ଦେଇଛନ୍ତି । ଶ୍ରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳି ବିଶ୍ୱାଳ ନିର୍ବାଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ରାଧାବଲ୍ଲଭ ମଠର ମଠାଧିଶ ରାମକୃଷ୍ଣ ଦାସ ମହାରାଜ କହିଥିଲେ ଶ୍ରୀଜଗନ୍ନାଥଙ୍କ ନାମ ନେବାରେ ହିଁ ମନୁଷ୍ୟ ନିର୍ବାଣ ପ୍ରାପ୍ତି ହୋଇଥାଏ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ୱାଗତିକା ମହାନ୍ତି ଓ ଅଧ୍ୟାପକ ବିଶ୍ୱନାଥ ମିଶ୍ର ସଞ୍ଚାଳନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ । ମିଶନ ଓଡ଼ିଶାର ସାଧାରଣ ସମ୍ପାଦକ ମଧୁସୂଦନ ମିଶ୍ର । ଆଗାମୀ ବର୍ଷ ଗୁଜୁରାଟର ଶ୍ରୀସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଠାରେ ନିର୍ବାଣ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ ରାମଚନ୍ଦ୍ର ନାଥ ।

## ତୁଳସୀ କ୍ଷେତ୍ରରେ ହବିଷ୍ୟାଳୀ ବ୍ରତ ଉଦ୍‌ଯାପିତ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପକ୍ଷରୁ ଆୟୋଜିତ ପୁରାଣ ପ୍ରସିଦ୍ଧ ତୁଳସୀ କ୍ଷେତ୍ରରେ କାର୍ତ୍ତିକ ପଞ୍ଚୁକ ହବିଷ୍ୟାଳୀ ବ୍ରତ ଉଦ୍‌ଯାପିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଓ ଜିଲ୍ଲା ବାହାରୁ ୨ଶହରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗଦେଇ ହବିଷ୍ୟାଳୀ ବ୍ରତ କରିଥିଲେ । ଜିଲ୍ଲା ପ୍ରଶାସନ ଓ ଶ୍ରୀବଳଦେବଜୀଉ ମନ୍ଦିର ପ୍ରଶାସନ ସମେତ ବଳଦେବ ସେନାର ସଭାପତି ପୁପୁନ ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶ୍ରୀକ୍ଷେତ୍ର ପୁରୀକୁ ଯାଇପାରୁନଥିବା ମା' ମାନଙ୍କ ପାଇଁ ତୁଳସୀ କ୍ଷେତ୍ରରେ କାର୍ତ୍ତିକ ପଞ୍ଚୁକ ହବିଷ୍ୟାଳୀ ବ୍ରତର ଆୟୋଜନ କେନ୍ଦ୍ରାପଡା ଦିବ୍ୟଜୀବନ ସଂଘର ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଦୀର୍ଘ ୮ବର୍ଷ ଧରି ଆରମ୍ଭ କରିଛନ୍ତି । କେନ୍ଦ୍ରାପଡା ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ପୀଠରେ ଏକ ଆଧ୍ୟାତ୍ମିକ ପରିବେଶ ଶ୍ରୀମା ସୃଷ୍ଟି କରିଛନ୍ତି । ପାଞ୍ଚ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଯୋଗ ଦେଇ ଶ୍ରୀମାଙ୍କ ଏଭଳି ଏକ ମହତ୍ତ୍ୱ ଉଦ୍ୟମକୁ ପ୍ରଶଂସା କରିବା ସହିତ ହବିଷ୍ୟାଳୀ ମା'ମାନଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିଥିଲେ । ଏହି ଅବସରରେ ଶ୍ରୀମାଙ୍କ ପକ୍ଷରୁ ହବିଷ୍ୟାଳୀ ମା'ମାନଙ୍କୁ ଶୀତବସ୍ତ୍ର କମ୍ବଳ ଅତିଥିମାନେ ବଣ୍ଟନ କରିଥିଲେ । ବିଶେଷ କରି ଶ୍ରୀଜିଉଙ୍କ ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ହବିଷ୍ୟାଳୀମାନଙ୍କ ରହିବା ଏବଂ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିଥିଲେ । ଆଶ୍ରମର ଭକ୍ତ ଦ୍ରୌପଦୀ ରାଉତ ହବିଷ୍ୟାଳୀ ମା'ମାନଙ୍କ ସମସ୍ତ ଦାୟିତ୍ୱ ନେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଆଶ୍ରମର ଭକ୍ତ ସାବିତ୍ରୀ ପରିଡା, ଏଣ୍ଡର ଗ୍ରାମର ସୁଧିର ଓ ପଦ୍ମନାଭ, କଂସାର ଗ୍ରାମର ଅମୀୟ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମର ସମସ୍ତ ବ୍ୟବସ୍ଥା ବୁଝୁଥିଲେ । ଶିବାନନ୍ଦ ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥ ଦାସ ସମସ୍ତ କାର୍ଯ୍ୟକ୍ରମକୁ ସୁସଙ୍ଗଠିତ ଭାବରେ ସମ୍ପାଦନ କରିବା ଦାୟିତ୍ୱ ନିର୍ବାହ କରୁଥିଲେ । ଉଦ୍‌ଯାପନୀ ଉତ୍ସବରେ ଗବେଷକ ନିରଞ୍ଜନ ମେକାପ ଓ ଆଳିଜଙ୍ଗା ମାତୃମଣ୍ଡଳୀର ସଦସ୍ୟାମାନେ ଉପସ୍ଥିତ ଥିଲେ ।

## ମୟୂର ସୈନିକ ପୁସ୍ତକ ଉନ୍ମୋଚନ କଲେ ମନ୍ତ୍ରୀ: ମୟୂରଭଞ୍ଜ ଜିଲ୍ଲା ସୈନିକ ବୋର୍ଡ ଗଠନ ପାଇଁ ଦାବି

କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଏକ୍ସ ସର୍ଭିସ୍‌ମ୍ୟାନ ଲିଗ୍ ଓ ଯଶିପୁର ଟାଇଗର୍ ଏକ୍ସ ସର୍ଭିସ୍ ହେଲ୍ପ କୋଅପରେଟିଭ୍ ଲିମିଟେଡ୍ ମିଳିତ ସହଯୋଗରେ ପ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡିଶାର ଅଗ୍ରଣୀ ରୋଜଗାର ଭିତ୍ତିକ ଶିକ୍ଷାନୁଷ୍ଠାନ ଟ୍ରେଡଫିନ୍‌ର ପ୍ରଥମ ବାର୍ଷିକ ଉତ୍ସବ ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କମ୍ପାନୀ ସେକ୍ରେଟାରୀ ରଶ୍ମିରଞ୍ଜନ ଶତପଥୀ ଯୋଗଦେଇ ଭାରତୀୟ ଷ୍ଟକ୍ ମାର୍କେଟ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ବେହେରା ଅଧ୍ୟକ୍ଷତା କରି କହିଥିଲେ ଇକ୍ୟୁଟିଜ୍-ଆଇଜେଡ୍ ଅନୁଷ୍ଠାନ ବିଗତ ଚାରିବର୍ଷ ହେବ ନିଜର ପାଠ୍ୟକ୍ରମ ଜରିଆରେ ରାଜ୍ୟର ଅନେକ ଶିକ୍ଷିତ ବେକାରଙ୍କୁ ରୋଜଗାରକ୍ଷମ କରାଇପାରିଛି । ଏବେ ଭିନ୍ନକ୍ଷମମାନଙ୍କୁ ମାଗଣା ଶିକ୍ଷା ପ୍ରଦାନ କରି ରୋଜଗାରକ୍ଷମ କରିବା ଏବଂ ଗୃହିଣୀମାନଙ୍କୁ ୫୦ ପ୍ରତିଶତ ରିହାତିରେ ଶିକ୍ଷା ପ୍ରଦାନ ଜରି ଘରେ ରହି ଉପାର୍ଜନକ୍ଷମ କରାଇବା ଆମର ଲକ୍ଷ ରହିଛି । ଆଜିଠାରୁ ପ୍ରଥମ କରି ତିନୋଟି ନୂତନ କୋର୍ସ ଯଥା- ଇଣ୍ଡେକ୍ସ ଅପସନ୍ କୋର୍ସ, ଭାରତୀୟ ଷ୍ଟକ୍ ମାର୍କେଟ କୋର୍ସ ଏବଂ ଆଡଭାନ୍ସ ଫୋରେକ୍ସ କୋର୍ସ ଶିକ୍ଷା ପ୍ରଦାନ କରାଯିବ । ଏତଦ୍ୱାରା ଛାତ୍ରଛାତ୍ରୀମାନେ ଏଠାରୁ ଶିକ୍ଷା ଗ୍ରହଣ କରି ଆର୍ଥିକ ସ୍ୱଚ୍ଛଳ ହେବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଯଶବୀର ସାମଲ, ଜନସମ୍ପର୍କ ଅଧିକାରୀ ସୂର୍ଯ୍ୟକାନ୍ତ ଓଝା ଉପସ୍ଥିତ ରହି ଅନୁଷ୍ଠାନର ବିଭିନ୍ନ କୋର୍ସ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ ।



## କଟକ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

କଟକ(ଭାସ୍କର ନ୍ୟୁଜ୍): ସମଗ୍ର କଟକ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । କୃଷକ ମାନଙ୍କର ସମସ୍ତ ସୁବିଧା ନିମନ୍ତେ ଆଗାମୀ ଦିନମାନଙ୍କରେ ଧାନ ମଣ୍ଡି ଗୁଡିକର ଭିତିଭୂମିର ଉନ୍ନତିକରଣ କରାଯିବା ନେଇ ବୈଠକରେ ଆଲୋଚନା ହେବା ସହ ଧାନ ସଂଗ୍ରହ ନିମନ୍ତେ ମଣ୍ଡିମନଙ୍କରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ସମାନତା ରକ୍ଷା ପୂର୍ବକ ସମସ୍ତଙ୍କଠୁ ଧାନ ସଂଗ୍ରହ ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରଚଳିତ ବ୍ୟବସ୍ଥାରେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ହୋଇ କାର୍ଯ୍ୟ କରିବା ପାଇଁ ଆଜିର ବୈଠକରେ ସାଂସଦ ଭର୍ତ୍ତୃହରି ମହତାବ ମତବ୍ୟକ୍ତ କରିଥିଲେ । ବୈଠକରେ ବାଙ୍କୀ ବିଧାୟକ ଦେବୀ ରନ ତ୍ରିପାଠୀ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ ପ୍ରମୁଖ ଯୋଗଦେଇ ଆସାଧୁ ବେପାରୀଙ୍କ କବଳରୁ ଚାଷୀ ମାନଙ୍କୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲୋମ୍ବନ ସହ ଆବଶ୍ୟକ ମଣ୍ଡି ଗୁଡ଼ିକର ସାମାନ୍ୟ ଭିତିଭୂମିକୁ ସୁଦୃଢ଼ କରାଯିବା ନେଇ ଆଲୋଚନା କରିଥିଲେ । ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଧାନ ସଂଗ୍ରହ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ୧୨ ଜଣ ମିଲରଙ୍କ ମାଧ୍ୟମରେ ୧୧୩ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ । ଆଜିର ଏହି ବୈଠକରେ ସମସ୍ତ ଉପଜିଲ୍ଲାପାଳଙ୍କ ସହ କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡିଆର୍‌ସିଏସ୍, ଏଆର୍‌ସିଏସ୍, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ମାନେ ଆଜିର ଏହି ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଚେତନତା ସମାରୋହ ଓ ସମ୍ବର୍ଦ୍ଧନା ସଭା

କଟକ(ଭାସ୍କର ନ୍ୟୁଜ୍): ସମବାୟ ସପ୍ତାହ ପାଳନ ଅବସରରେ ଓଡିଶା ସମବାୟ ସୁରକ୍ଷା ସଂଘର ମୂଖପତ୍ର ପାକ୍ଷିକ ସମ୍ବାଦପତ୍ର ସମବାୟିକା ପକ୍ଷରୁ ସଂଘର ୧୯ତମ ରାଜ୍ୟସ୍ତରୀୟ ସମବାୟ ଜନସଚେତନତା ସମାରୋହ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଗାନ୍ଧୀଭବନ ସଭାଗୃହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାଷ ପାଢୀ, ସମ୍ମାନୀତ ଅତିଥି ଭାବରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ, ଭୁବନେଶ୍ୱରର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ବାଲେଶ୍ୱର ଅର୍ବାନ ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅନନ୍ତ ସାମଲ, ଅଧିବକ୍ତା ମହିମା ପ୍ରକାଶନ ସାହୁ, ଓଡିଶା ବୁଣାକାର ମହାସଂଘ, ଭୁବନେଶ୍ୱରର ସଭାପତି ଶ୍ରୀଧର ବେହେରା ଆଦି ଯୋଗଦେଇଥିଲେ । ସଂଘର ପ୍ରତିଷ୍ଠାତା ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପାକ୍ଷିକ ସମ୍ବାଦ ପତ୍ର ସମବାୟିକାର ସ୍ୱତନ୍ତ୍ର ସଂଖ୍ୟାକୁ ଲୋକାର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଶେଷରେ କୃପାସିନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ ।

### ଏକାମ୍ର ନିର୍ବାଚନ ମଣ୍ଡଳୀରେ ୨୭ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

## ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ର ର ଭିତିଭୂମିକୁ ସୁଦୃଢ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହିତ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ । ଆଜି ଇଟିପୁର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧ କୋଟି ୩୦ ଲକ୍ଷ ଟଙ୍କାର ୨୭ ଗୋଟ ବଭନ୍ନ ଉନ୍ନତମୂଳକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରାଗଲା ।ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ ।ନିର୍ବାଚନୀ ପ୍ରତିଶ୍ରୁତି କୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି । ଏସବୁ ଖୁବ୍ ଜଲ୍‌ଦୀ କାମ ଆରମ୍ଭ ହେବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଛି । ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା । ଆଜିର ଏହି ଐତିହାସିକ ନିଷ୍ପତି ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ କୁମାର ପୁରୋହିତ, ନାରୀନେତ୍ରୀ ରଶ୍ମୀ ମହାପାତ୍ର, ଯୁବନେତା ଆଲୋକ ରଞ୍ଜନ ସାହୁ,ସୂର୍ଯ୍ୟକାନ୍ତ ସାହୁ, କୃଷ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ପ୍ରତାପ ଜେନା, ସରୋଜିନୀ ପରିଡା, ନାରାୟଣ ପରିଡା, ରାଜେନ୍ଦ୍ର ଖଟୁଆ, ବିଭୁତି ଭୁଷଣ ପ୍ରଧାନ, ପ୍ରକାଶ ସାହୁ, ସୁଶାନ୍ତ ସାହୁ, ଅଜୟ ସ୍ୱାଇଁ, ଭଗବାନ ଦାଶ, ଟୁକୁନା ସ୍ୱାଇଁ, ଚିରଞ୍ଜିବୀ ଗୋଛାୟତ, ମାନସ ପରଡା, ପୁର୍ଣ୍ଣଚନ୍ଦ୍ର ପରଡା, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### 'ରାଷ୍ଟ୍ରୀୟ ସମୂହ ଗାନ ପ୍ରତିଯୋଗିତା

## ଜାତୀୟସ୍ତରକୁ ଉନ୍ନୀତ ହେଲେ କୃତୀ ପ୍ରତିଯୋଗୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ ବିକାଶ ପରିଷଦ ପୂର୍ବ କ୍ଷେତ୍ର ତରଫରୁ ଓଡିଶା ପୂର୍ବ ପ୍ରାନ୍ତ ଓ କଳିଙ୍ଗ ଶାଖାର ଆତିଥ୍ୟରେ ଭୁବନେଶ୍ୱର କିଟ୍ କ୍ୟାମ୍ପସ ସ୍ଥିତ କିମ୍ବ ଅଡିଟୋରିଅମରେ ପୂର୍ବ କ୍ଷେତ୍ରୀୟ 'ରାଷ୍ଟ୍ରୀୟ ସମୂହ ଗାନ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରାଷ୍ଟ୍ରଭକ୍ତିର ଭାବନା ଜାଗ୍ରତ କରି ନୈତିକ ମୂଲ୍ୟବୋଧର ବିକାଶ କରିବା ପାଇଁ ପ୍ରତିବର୍ଷ ଏହି 'ରାଷ୍ଟ୍ରୀୟ ସମୂହ ଗାନ' ପ୍ରତିଯୋଗିତା ଶାଖା ସ୍ତରରୁ ଆରମ୍ଭ ହୋଇ ଜାତୀୟ ସ୍ତର ପର୍ଯ୍ୟନ୍ତ ଆୟୋଜିତ ହୋଇଥାଏ । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହର ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ ଯେ, ଆଧୁନିକ ଯୁଗରେ ଆମ ମହାନ ସଂସ୍କୃତିକୁ ଆହୁରି ଆଗକୁ ନେବା । ଭାରତ କିପରି ବିଶ୍ୱରେ ଶ୍ରେଷ୍ଠ ହେବ ସେ ନେଇ ସମସ୍ତେ ପ୍ରୟାସ କରିବା । ଆଉ ଭାରତ ବିକାଶ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସେହିପରି ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ କ୍ଷେତ୍ରୀୟ ପ୍ରଚାରକ ଜଗଦୀଶ ଖାଡେଙ୍ଗା ଯୋଗଦେଇ କହିଥିଲେ ଯେ, ସମସ୍ତଙ୍କୁ ଦେଶଭକ୍ତିରେ ଯୋଡିବା ପାଇଁ ଏହି ସମୂହ ଗାନ ପ୍ରତିଯୋଗିତା । ସାମୁହିକତା ଆଣିବା ସହ ଦେଶଭକ୍ତିର ଭାବନା ଜାଗ୍ରତ ପାଇଁ ଏହି ପ୍ରତିଯୋଗୀତା । ଭାରତ ବିକାଶ ପରିଷଦ ଓଡିଶା ପୂର୍ବ କ୍ଷେତ୍ରର ଅଧ୍ୟକ୍ଷା ସୁମନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ପୂର୍ବ ପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଂଟିଆ, କାର୍ଯ୍ୟକ୍ରମ ବିଷୟରେ ପିଲାଙ୍କୁ ଧାରଣା ଦେଇଥିଲେ । ପରିଶେଷରେ ଓଡ଼ିଶା ପୂର୍ବ ପ୍ରାନ୍ତର ମହା ସଚିବ ସୌମେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାଲା ଲାଜପତ୍ ରାୟଙ୍କୁ ପୁଣ୍ୟତିଥିରେ ସ୍ମରଣ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲାଲା ଲଜପତ ରାୟଙ୍କ ସ୍ମରଣ କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ଭାରତ ମାତାର ସ୍ୱାଧୀନତା ପାଇଁ ନିଜ ପ୍ରାଣବଳି ଦେଇଥିବା ଶେର-ଏ-ପଞ୍ଜାବ, ପଞ୍ଜାବ କେସରୀ ଲାଲା ଲାଜପତ ରାୟଙ୍କ ବଳିଦାନ ଦିବସ ଅବସରରେ କୃତଜ୍ଞ ଦେଶ ପକ୍ଷରୁ ସାଦର ପ୍ରଣାମ । ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତିଥି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଲାଲା ଲାଜପତ ରାୟଙ୍କୁ ସ୍ମରଣ କରିଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ମହାନ ସ୍ୱାଧୀନତା ସଂଗ୍ରାମୀ ପଞ୍ଜାବ କେଶରୀ ଲାଲା ଲଜପତ ରାୟଙ୍କ ପୁଣ୍ୟତିଥିରେ କୋଟି କୋଟି ପ୍ରଣାମ । ଜଣେ ନିଷ୍ଠାବାନ ରାଷ୍ଟ୍ରବାଦୀ ଭାବେ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନକୁ ଦେଶବାସୀ କେବେବି ଭୁଲିବେ ନାହିଁ । ସେହିପରି ଲାଲ ଲଜପତ ରାୟଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତ ମାତାରେ ସୁପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ, ସମାଜ ସୁଧାରକ, ପଞ୍ଜାବ କେସରୀ ଲାଲା ଲଜପତ ରାୟଙ୍କ ବଳିଦାନ ଦିବସ ଅବସରରେ ତାଙ୍କୁ କୋଟି କୋଟି ପ୍ରଣାମ ।

## ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କୁ ପୁଣ୍ୟତିଥିରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣ୍ୟତିଥି ଅବସରରେ ମହାନ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଓଡ଼ିଆ ସଙ୍ଗୀତ ଜଗତର ମହାନ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି (ଖୋକା ଭାଇ)ଙ୍କ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି । ତାଙ୍କର ସୁମଧୁର ଏବଂ ହୃଦୟସ୍ପର୍ଶୀ ସଙ୍ଗୀତ ପାଇଁ ସେ ଓଡ଼ିଆଙ୍କ ମନରେ ସର୍ବଦା ସ୍ମରଣୀୟ ହୋଇ ରହିବେ । ସେହିପରି ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସ୍ୱନାମଧନ୍ୟ ଗାୟକ, ସଙ୍ଗୀତଜ୍ଞ ତଥା ଗାଳ୍ପିକ ଅକ୍ଷୟ ମହାନ୍ତି(ଖୋକା ଭାଇ)ଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ।

## ବିକଶିତ ଭାରତ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ

କଟକ(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭୁବନେଶ୍ୱର ପକ୍ଷରୁ ଐତିହାସିକ ବାଲିଯାତ୍ରା ଅବସରରେ ବିକଶିତ ଭାରତ ୨୦୪୭ ଶୀର୍ଷକ ଫଟୋ ଚିତ୍ର ପ୍ରଦର୍ଶନୀ ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ ହୋଇଛି । କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତର ଆଭିମୁଖ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ରୂପରେଖ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସୂଚନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭାଗ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ସଫଳ ହୋଇଥିବା ବିଭିନ୍ନ ବର୍ଗର ପ୍ରାର୍ଥୀଙ୍କୁ ଡ଼ାକ୍ତର ସାହୁ ପୁରସ୍କୃତ କରିଥିଲେ ।

## ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ରବିବାର ଲୋକସେବା ଭବନରେ ଚଳିତ ବର୍ଷ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ବ୍ୟବସ୍ଥା ନେଇ ମନ୍ତ୍ରୀ ଓ ସଚିବସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଧାନ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ସହ ସମସ୍ତ ପ୍ରକାର ଅନିୟମିତତା, ଦଲାଲି, କଟନୀ-ଛଟନୀକୁ ବନ୍ଦ କରି ଚାଷୀଙ୍କୁ ସେମାନଙ୍କ ଫସଲର ଉଚିତ ମୂଲ୍ୟ ପ୍ରଦାନ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି । ଏହି ମାସ ୨୦ ଓ ୨୨ ତାରିଖରୁ ବରଗଡ଼ ଓ ସମ୍ବଲପୁରରୁ ଧାନ ସଂଗ୍ରହ ଆରମ୍ଭ ହେଉଛି । ପ୍ରଥମ ଥର ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ୮୦୦ଟଙ୍କା ଅଧିକ ଦିଆଯାଉଛି । ଏହାର ବଣ୍ଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆସନ୍ତା ୮ ତାରିଖରେ ବରଗଡ଼ ଜିଲ୍ଲାର ସୋହେଲାରୁ ଆରମ୍ଭ ହେବ । ଡ଼ିସେମ୍ବର ମାସ ୭ ତାରିଖ ସୁଦ୍ଧା ମଣ୍ଡିରେ ଧାନ ଦେଇଥିବା ସମସ୍ତ ଚାଷୀ ଏକାଥରକେ କ୍ୟୁଣ୍ଟାଲ ପିଛା ୮୦୦ ଟଙ୍କା ପାଇବେ । ଏହି ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ, ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗଦେଇଥିଲେ ।

## ମହାପ୍ରଭୁଙ୍କୁ ନେଇ ରାଜନୀତି କରୁଛି ବିଜେପି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେବଳ ମହାପ୍ରଭୁଙ୍କୁ ନେଇ ରାଜନୀତି କରିବା ଛଡ଼ା ଆଉ କିଛି କଥା ନାହିଁ ବିଜେପି ସରକାରର । ଏଭଳି କିଛି ବୟାନ ଦେଇଛନ୍ତି ବିଜେଡି ସାଂସଦ ଶୁଭାଶିଷ ଖୁଂଟୁଆ । ସେ କହିଛନ୍ତି ଯେ, ଏଯାଏ ମ୍ୟାନେଜିଂ କମିଟି କରିପାରୁ ନାହାଁନ୍ତି । ଯଦି ବିକ୍ରି ହୋଇଛି ଜଗନ୍ନାଥ ଜମି ତାହାଲେ ରାଜସ୍ୱ ବିଭାଗ ରେକର୍ଡ ଯାଂଚ କରୁନାହାଁନ୍ତି । ଲୋକଙ୍କ ଜମିଜମା ରେକର୍ଡଭୁକ୍ତ କ

## ଜନଜାତୀୟ ଗୌରବ ଦିବସରେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମୀ ଶହୀଦ ବିର୍ସାମୁଣ୍ଡା ଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନର ଅବସରରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ପାୱାର ସଚିନ ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାଧୀନ ଦାୟିତ୍ୱରେ ଥିବା ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର,ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦର୍ଶନୀ ମେଳାର ଶୁଭ ଉଦ୍ଘାଟନ କରି ଷ୍ଟଲ୍ ପରିଦର୍ଶନ କରିଥିଲେ । ସଭା ମଞ୍ଚରେ ମୁଖ୍ୟ ଅତିଥି ମନ୍ତ୍ରୀଙ୍କ ଦ୍ୱାରା କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ, ଶହୀଦ ବିର୍ସାମୁଣ୍ଡାଙ୍କ ଫଟୋଚିତ୍ରରେ ପୂଜ୍ୟପୂଜା ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଜିଲ୍ଲପାଳ ପାୱାର ସଚିନ ପ୍ରକାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜନଜାତୀୟ ଗୌରବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କର ଅଭିଭାଷଣରେ ଜନଜାତୀୟ ଗୌରବ ଦିବସ ପାଳନ ସମ୍ପର୍କରେ ଉଲ୍ଲେଖ କରି ନିଜ ମାଟି ମା', ଦେଶ ପାଇଁ ଇଂରେଜ ସରକାର ବିରୋଧରେ ବଳିଷ୍ଠ ନେତୃତ୍ୱ ନେଇ ଲଢେଇ କରି ଦେଶମାତୃକା ପାଇଁ ଯୁବାବସ୍ଥାରେ ଉଲ୍ଲେଖନୀୟ କାର୍ଯ୍ୟ କରି ନିଜ ଜୀବନକୁ ଉତ୍ସର୍ଗ କରି ଥିବା ଶହୀଦ ବିର୍ସାମୁଣ୍ଡାଙ୍କ ଆଦର୍ଶ ଆତ୍ମଜୀବନୀ ଉପରେ ଆଲୋକପାତ କରି ଜନଜାତି ସମ୍ପ୍ରଦାୟର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ସାଂସଦ କଳାହାଣ୍ଡି, ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ପାଟଯୋଷୀ,ବି ଜି ପି ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ଜନଜାତୀୟ ଗୌରବ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଓପି ଏସ୍, ପରୀକ୍ଷାରେ ସଫଳତା ପାଇଥିବା ଜିଲ୍ଲାର ଜନଜାତି ସମ୍ପ୍ରଦାୟର ମେଧାବୀ ଯୁବକଯୁବତୀମାନଙ୍କୁ ଏବଂ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଯୋଗ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା ହିତାଧିକାରୀଙ୍କୁ ଗୃହ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟାଦେଶ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ) ବଇତାରୁ ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସୁଚେତା ପାଣି, ଉପଜିଲ୍ଲାପାଳ ଧର୍ମଗଡ଼, ଧୀମାନ ଚାକମା, ପି ଏ ଆଇ ଟି ଡି ଏ, ରାମକୃଷ୍ଣ ଗଣ୍ଡ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନଦୀଆ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ଜନପ୍ରତିନିଧି,ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତାରୁ ଦୀପ,ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର,ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର, ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ ଦିବସର ଥିମ୍ ପରିବର୍ତ୍ତନଶୀଳ ଗଣମାଧ୍ୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏକ ସଶକ୍ତ ଓ ସୁଦୃଢ଼ ଗଣତନ୍ତ୍ରରେ ପ୍ରେସର ପ୍ରମୁଖ ଭୂମିକା ସମ୍ପର୍କରେ ଉପସ୍ଥିତ ବକ୍ତା ମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ । ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ଜନସାଧାରଣଙ୍କ ହିତରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଦିବସ ଅବସରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନର୍ଲା ରିପୋର୍ଟର କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ନର୍ଲା (ଭାସ୍କର ନ୍ୟୁଜ): ରିପୋର୍ଟର କ୍ଲବ ନର୍ଲା ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ନର୍ଲା ଡେଙ୍ଗସର୍ଗି ପାମ ବଗିଚା ଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବ ଅବସରପ୍ରାପ୍ତ ପ୍ରଧାନ ଲେଖାକାର ପୂର୍ଣ୍ଣ ଚନ୍ଦ୍ର ମାଝୀ, ସମ୍ମାନୀତ ଅତିଥି ଭାବରେ ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସର୍ଗିଗୁଡା ସମିତି ସଭ୍ୟ ଚିରଞ୍ଜିବୀ ଗୌ।ଡିଆ, ଶିକ୍ଷାବିତ ତଥା କବି ମଧୂସୁଦନ ରାଉତ କ୍ଲବ ସାମ୍ବାଦିକ ଅନୀଲ ଅଗ୍ରୱାଲ , ମନ୍ମଥ ଚାନ୍ଦ,ସୁବ୍ରତ ବୁଦ୍ଧିଆ ପ୍ରମୁଖ ମଞ୍ଚାସୀନ ହୋଇ ଜାତୀୟ ପ୍ରେସ ଦିବସର ଆଭିମୁଖ୍ୟ ଓ ନିର୍ଭୁଲ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ଏହି ଅବସରରେ କ୍ଲବ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ମନୋଜ ଷଡ଼ଙ୍ଗୀ ଓ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷାବିତ ମଧୂସୁଦନ ରାଉତ । ଏହି କାର୍ଯ୍ୟକ୍ରମରେ ସମାଜସେବୀ କୁମୁଦ ନାଏକ, ନରସିଂହ ଥପା ମଧ୍ୟ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ ।ଦୀପକ କୁମାର ଠାକୁର, ତ୍ରିଲୋଚନ ଗଉଡ, ଅଜୟ ସେନାପତି, ଶୁଶାନ୍ତ ଚାନ୍ଦ,ପ୍ରଦୀପ କୁମାର ଗଉଡ , ସୁବ୍ରତ ସାହୁ,ଖଗେ କୁମାର, ରମେଶ ବାରିକ, ସୁଶାନ୍ତ ମଲ୍ଲିକ, ମହେନ୍ଦ୍ର ପ୍ରଧାନୀ ସହ ନର୍ଲା, କର୍ଲାମୁଣ୍ଡା ଓ ରାମପୁର ଅଞ୍ଚଳର ଅନେକ ସାମ୍ବାଦିକ ବନ୍ଧୁ ଅଂଶ ଗ୍ରହଣ କରିଥିଲେ ।

## ଫରେଷ୍ଟରଙ୍କ ଆତ୍ମହତ୍ୟା ମାମଲା: ବଦଳିଲେ ତଦନ୍ତ ଅଧିକାରୀ

**ଥାନା ଅଧିକାରୀଙ୍କୁ ମିଳିଲା ଦାୟିତ୍ୱ**

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ସିଲଭି କଲଚର ହାଇଟେକ ନର୍ସରୀର ଫରେଷ୍ଟର ସଞ୍ଜୟ ନାୟକ(୩୩)ଙ୍କ ଆତ୍ମହତ୍ୟା ଘଟଣା ଇତିମଧ୍ୟରେ ୨ମାସ ପୂରିଛି । ଏହି ଘଟଣାରେ ଛନ୍ଦି ହୋଇଥିବା ରାୟଗଡ଼ା ଡିଏଫ୍ଓ (ରିସର୍ଚ୍ଚ ଉଇଙ୍ଗ) ଦେବେନ୍ଦ୍ର ବେହେରାଙ୍କୁ ହାଇକାର୍ଟରୁ ମିଳିଥିବା ଅନ୍ତରୀଣ ସର୍ତ୍ତମୂଳକ ସୁରକ୍ଷା ଅବଧି ଗତ ୧୧ତାରିଖରେ ଶେଷ ହୋଇଛି । ଘଟଣାର ତଦନ୍ତ କରୁଥିବା କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ପୋଲିସ ପକ୍ଷରୁ ହାଇକୋର୍ଟରେ ଏହି ମାମଲାର ସମସ୍ତ କେସ ଡାଇରି ହସ୍ତାନ୍ତର କରାଯାଇଛି । ଏହାର ଟିକିନିଖି ଯାଞ୍ଚ ପରେ କୋର୍ଟ ଶୁଣାଣି କରିବେ ବୋଲି ଜଣାଯାଇଛି । ଅନ୍ୟପକ୍ଷରେ ଫରେଷ୍ଟର ସଞ୍ଜୟ ନାୟକଙ୍କ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ଭବାନୀପାଟଣା ସଦର ଏସ୍‌ଡିପିଓ ସୁନାରାମ ହେମ୍ରମ ପଦୋନ୍ନତି ପାଇ ଭୁବନେଶ୍ୱର କମିଶନରେଟ ପୋଲିସକୁ ବଦଳି ହୋଇଛି । ସେହିପରି ତଦନ୍ତ ଅଧିକାରୀ (ଆଇଓ) ସବ୍‌ଇନ୍ସପେକ୍ଟର ତପନ କାଲୋଙ୍କ ମଧ୍ୟ ଜିଲାସ୍ତରୀୟ ବଦଳିରେ ଜୁନାଗଡ଼ ଥାନାକୁ ବଦଳି ହୋଇଛି । ଫଳରେ ମାମଲାର ତଦନ୍ତ ଭବାନୀପାଟଣା ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ କରିବେ ବୋଲି ଏସ୍‌ଡିପିଓ ହେମ୍ରମ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୮ରେ ଫରେଷ୍ଟର ସଞ୍ଜୟ ନାୟକଙ୍କ ଝୁଲନ୍ତା ମୃତଦେହ ତାଙ୍କ ଭବାନୀପାଟଣାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ପୋଲିସ ଜବତ କରିଥିଲା । ଘଟଣାସ୍ଥଳରୁ ସଞ୍ଜୟଙ୍କ ହାତଲେଖା ସୁଇସାଇଡ ନୋଟ୍ ଜବତ ହୋଇଥିଲା । ଏଥିରେ ବିଭାଗୀୟ ଡିଏଫ୍ଓ ଦେବେନ୍ଦ୍ର ବେହେରାଙ୍କ ବାରମ୍ବାର ଚାପ ଓ ମାନସିକ ନିର୍ଯାତନା ଯୋଗୁ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ଉଲ୍ଲେଖ କରିଥିଲେ । ସଞ୍ଜୟଙ୍କ ପରିବାର ଲୋକେ ଏ ସଂକ୍ରାନ୍ତରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । ଘଟଣା ପରଠାରୁ ଡିଏଫ୍ଓ ଫେରାର ରହିଥିଲେ । ପ୍ରାୟ ୧୭ଦିନ ପରେ ହାଇକୋର୍ଟଙ୍କ ଅନ୍ତରୀଣ ସର୍ତ୍ତମୂଳକ ସୁରକ୍ଷା ନେଇ କୋର୍ଟଙ୍କ ନିର୍ଦ୍ଦେଶରେ ସେ ଗତ ଅକ୍ଟୋବର ୪ରେ ଭବାନୀପାଟଣା ଟାଉନ ଥାନାରେ ହାଜର ହୋଇଥିଲେ । ପୋଲିସ ପକ୍ଷରୁ ଦୁଇଦିନ ଧରି ମାରାଥନ ଜେରା କରାଯାଇଥିଲା । ସେହିପରି ଏହି ଘଟଣାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ଅକ୍ଟୋବର ୫ ତାରିଖରେ ତାଙ୍କୁ ନିଲମ୍ବିତ କରାଯାଇଥିଲା ।

## ଜୁନାଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

ଜୁନାଗଡ଼, (ଭାସ୍କର ନ୍ୟୁଜ ): ଜାତୀୟ ପ୍ରେସ ଦିବସ ଅବସରରେରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛ ।ଏହି ଅବସରରର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି ଖଗେଶ୍ୱର ଧଙ୍ଗଡା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଦିଗ ବିଷୟରେ ଆଲୋଚନା ହୋଇଥିଲା । ନିରପେକ୍ଷତା ବଜାୟ ରଖି ସାମ୍ବାଦିକ ବୃତ୍ତି ଜାରି ରଖିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ କରାଯାଇଥିଲା ଏହାପରେ ଜୁନଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ରୋଗୀଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ଗୋଷ୍ଠୀ କେନ୍ଦ୍ର ମେଡିକାଲ ଇନ ଚାର୍ଜ ଡ଼ଃ ଭଗବାନ ପଣ୍ଡା , ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼ ,ଜୁନାଗଡ଼ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ , ସମାଜ ସେବୀ ରାଜୁ ଅଗ୍ରବାଲ ,ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ଜୁନାଗଡ଼ ସମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀ , ସମ୍ପାଦକ ରବି ଶଙ୍କର ସୁନାନୀ , ଉପସଭାପତି ସୁଂଦର ମୋହନ ଛାତ୍ରୀଆ , ଆଦିତ୍ୟ ମହାନ୍ତି , କୋଷାଧ୍ୟକ୍ଷ ରଜନୀ କାନ୍ତ ମିଶ୍ର , ଉପଦେଷ୍ଟା ନରେନ୍ଦ୍ର ଖୁଟି, ହିମାଂଶୁ ବରାଡ଼,ସନ୍ତୋଷ ସିଂଦେଓ, ପ୍ରଭାକର ସେଠି, ଚମ୍ପକ ଅଗ୍ରବାଲ , , ଯୁଗ୍ମ ସମ୍ପାଦକ ସୁନୀଲ କୁମାର ସିଂ,ବରିଷ୍ଠ ସାମ୍ବାଦିକ ପ୍ରବୀଣ ପଟ୍ଟନାୟକ, କୁମରମଣିଦୁର୍ଗା, ବ୍ୟୋମକେଶ ପୁରୋହିତ, ଭୋକର୍ଦ୍ଧନ ଧଙ୍ଗଡ଼ା ମାଝୀ, ରୋହିତ ବାଗଙ୍କ ସମେତ ଜୁନାଗଡ଼ ସାମ୍ବାଦିକ ସଂଘ ର ସମସ୍ତ କର୍ମକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମ ସକ୍ରିୟ ସହଯୋଗ କରିବା ସହ ଫଳ ବଣ୍ଟନ କରିଥିଲେ ।

### ଜଙ୍ଗଲ ଭିତରେ ଲକ୍ଷଲକ୍ଷ ଟଙ୍କାର ଚାରାଗଛ ଫିଙ୍ଗିବା ଘଟଣା

## ଅଭିଯୋଗର ମାସେ ପରେ ବି ତଦନ୍ତ ଶୂନ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ତଥା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳର ସିକେରକୁପା ଓ ବିଜେପୁର ସେହ୍ନନରେ ଦୁର୍ନୀତି ଚରମ ସୀମାରେ । ଗୋଟିକ ପରେ ଗୋଟିଏ ଦୁର୍ନୀତିର ଗୁମର ଏବେ ଫିଟିବାରେ ଲାଗିଛି । ବନ ବିଭାଗ ତରଫରୁ ବିଭିନ୍ନ ଯୋଜନାରେ ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାଇଦା କରି ଅର୍ଥ ଓ ଅନୁଦାନ ଲୁଟ କରୁଥିବା ଅଭିଯୋଗ ହେଉଛି । ଏହିପରି ଭାବେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ସେହ୍ନନ ତଥା ପାଣିମୁଣ୍ଡା ବିଟ ସର୍ଗିଗୁଡା ସଂରକ୍ଷିତ ଜଙ୍ଗଲରେ ବୃକ୍ଷରୋପଣ ପାଇଁ ଏକାଧିକ ଯୋଜନାରେ ଅର୍ଥ ଅନୁଦାନ ଆସିଥିବାବେଳେ ଫରେଷ୍ଟର ଓ ବନରକ୍ଷୀ ମିଳିତ ଭାବେ ଚାରାଗଛ ନଳଗାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି । ମାସ ମାସ ଧରି କାମ କଲା ଶ୍ରମିକଙ୍କୁ ପାରିଶ୍ରମିକ ମିଳିନଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ଚାରାଗଛ ଜଙ୍ଗଲ ଭିତରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଗୋପାଳପୁର, ଟେକରତୋଳା ଓ ମଧୁପୁର ଲକଟାଖମନ ରାସ୍ତାରେ ଦଶ ହଜାରରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଚାରାଗଛ ଫିଙ୍ଗି ଦିଆଯାଇଛି । ଦୁଇମାସରୁ ଅଧିକ ସମୟ ହେଲା ଚାରାଗଛ ସବୁ ଫିଙ୍ଗି ଦିଆଯାଇ ଥିବାବେଳେ ପୁରୁଣା ବୃକ୍ଷରୋପଣକୁ ଦେଖାଇ ଅନୁଦାନ ହଡ଼ପ କରିବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମସୁଧା ରଖିଥିବା ଅଭିଯୋଗ ହେଉଛି । ତେବେ ମନରେଗାରେ କୋଟି କୋଟି ଟଙ୍କା ହଡ଼ପ କରାଯାଉଥିବାବେଳେ ଏଥିରେ କିନ୍ତୁ ଟଙ୍କା ନାହିଁ ବୋଲି କାମ ହେଉନି ବୋଲି କୁହାଯାଉଛି । ତେବେ ଆମ୍ବ, ପଣସ, ବାଉଁଶ ଆଦି ମୂଲ୍ୟବାନ ଚାରାଗଛ ସବୁ ଜଙ୍ଗଲ ଭିତରେ ଫିଙ୍ଗିଦେଇ ସେସବୁର ବିଲ, ଭାଉଚର କରି ଅର୍ଥ ହଡ଼ପ କରିଥିବା ନେଇ ଅଭିଯୋଗ ହେଉଛି । କେବଳ ପାଣିମୁଣ୍ଡା ବିଟ ନୁହେଁ ବନାଞ୍ଚଳ ଅନ୍ତର୍ଗତ ବିଜେପୁର ସେହ୍ନନ ଓ ବିଟରେ ମଧ୍ୟ ଚାରା ନଳଗାଇ ଅର୍ଥ ହଡ଼ପ କରିବାକୁ ଜଙ୍ଗଲ ଭିତରେ ଲକ୍ଷ ଲକ୍ଷ ଟଙ୍କାର ଚାରାଗଛ ଫିଙ୍ଗାଯାଇଥିବା ଅଭିଯୋଗ ହେଉଛି । ସରକାରୀ ଅନୁଦାନ ହଡ଼ପ ପାଇଁ ବନବିଭାଗର ତଳୁ ଉପର ସମସ୍ତେ ଏକଜୁଟ ହୋଇଯାଇଥିବାବେଳେ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ସିକେରକୁପା ଓ ବିଜେପୁର ସେହ୍ନନରେ ହେଉଥିବା ସମସ୍ତ ଦୁର୍ନୀତି ବିରୁଦ୍ଧରେ ଉ